

ପାଓଲିନିଙ୍କୁ ଡବଲ୍ ଟାଇଟଲ୍

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-320 •BHUBANESWAR •MONDAY •19 MAY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୨ •ସଂଖ୍ୟା-୩୨୦ •ଭୁବନେଶ୍ୱର •ସୋମବାର •୧୯ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


ହାଇଦରାବାଦ ଚାର୍‌ମିନାର୍‌ରେ ଜଳିଗଲା କୋଠା

# ୮ ଶିଶୁଙ୍କ ସମେତ ୧୭ ଜୀବନ୍ତ ଦଗ୍ଧ

■ ହାଇଦରାବାଦ, ୧୮।୫ (ଏଜେନ୍ସି): ହାଇଦରାବାଦ ଚାରମିନାର ନିକଟସ୍ଥ ଗୁଲଜାର ହାଉସ୍‌ରେ ରବିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୮ ଶିଶୁଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୧୫ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। କିନ୍ତୁ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ପୁଲିସ ସୂଚନା ଅନୁଯାୟୀ କୋଠାର ତଳ ମହଲାରେ ଅଳଙ୍କାର ଦୋକାନ ଥିଲା। ଉପର ମହଲାରେ ଲୋକ ରହୁଥିଲେ। ଦୁର୍ଘଟଣା ସମୟରେ ଏଠାରେ ପ୍ରାୟ ୩୨ ଲୋକ ଥିଲେ। ତଳ ମହଲାରେ ଥିବା ଦୋକାନରୁ ଏହି ନିଆଁ ଲାଗିଥିଲା। ଏହା ଦେଖୁ ଦେଖୁ ଉପର ମହଲାକୁ ବ୍ୟାପି ଯାଇଥିଲା। ଏହି କୋଠାରେ କେବଳ ଗୋଟିଏ ସଂକୀର୍ଣ୍ଣ ପାହାଚ ରହିଥିଲା। ତେଣୁ ଲୋକେ ବାହାରକୁ ବାହାରି ପାରି ନ ଥିଲେ ଏବଂ ଶ୍ୱାସରୁଦ୍ଧ ହୋଇ ପ୍ରାଣ ▶ପୃଷ୍ଠା-୭





# କୁଖ୍ୟାତ ଆତଙ୍କୀ ସୈଫୁଲ୍ଲା ମୃତ



## ଭାରତରେ ବିଭିନ୍ନ ଆକ୍ରମଣରେ ଥିଲା ହାତ

■ ଇସଲାମାବାଦ, ୧୮।୫ (ଏଜେନ୍ସି): ପାକିସ୍ତାନ ବିପକ୍ଷରେ ଭାରତର 'ଅପରେସନ ସିନ୍ଦୂର'କୁ ନେଇ ଏବେ ପାକିସ୍ତାନର ବିଭିନ୍ନ ମହଲରେ ଭୟ ପଶିଛି। ଏହାମଧ୍ୟରେ ଦେଶରେ ପୁଣି ଅଜ୍ଞାତ ହତ୍ୟାକାରୀ ସକ୍ରିୟ ହେବା ଘଟଣା ପାକିସ୍ତାନ ସରକାରଙ୍କ ଚିନ୍ତା ବଢାଇଛି। ଲସ୍କର କମାଣ୍ଡର ଅବୁ ସୈଫୁଲ୍ଲାକୁ କିଛି ଅଜ୍ଞାତ ଆକ୍ରମଣକାରୀ ଗୁଳି କରି ହତ୍ୟା କରିଛନ୍ତି। ଅବୁ ସୈଫୁଲ୍ଲା ଓରଫ ମହମ୍ମଦ ସଲିମ ଓରଫ ରାଜୁଲ୍ଲା ନିଜାମଣି ୨୦୦୬ ମସିହାରେ ନାଗପୁରରେ ଆରଏସଏସ ମୁଖ୍ୟାଳୟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଥିବା କୁହାଯାଇଛି। ଏହା ବ୍ୟତୀତ ୨୦୦୧ ରାମପୁରରେ ସିଆରପିଏଫ କ୍ୟାମ୍ପ ଉପରେ ଆକ୍ରମଣ ଘଟଣାରେ ମଧ୍ୟ ସାମିଲ ରହିଥିଲା। ୨୦୦୫ରେ ବେଙ୍ଗାଲୁରୁରେ ହୋଇଥିବା ଆକ୍ରମଣ ଷଡ଼ଯନ୍ତ୍ରରେ ମଧ୍ୟ ▶ପୃଷ୍ଠା-୭

ପରିବେଶ ମଞ୍ଜୁରୀ

# କେନ୍ଦ୍ରକୁ 'ସୁପ୍ରିମ' ଝଟ୍‌କା

## ଅବୈଧ ଖଣି ଓ ପ୍ରକଳ୍ପ ବୈଧିକରଣ ଉପରେ ଅଦାଲତଙ୍କ ପ୍ରତିବନ୍ଧକ

■ ନୂଆଦିଲ୍ଲୀ ୧୮।୫ (ସମିସ): ଖଣି ଓ ଅନ୍ୟ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ପୂର୍ବୋବ୍ୟାପୀ (ଏକ୍ସ ଫ୍ୟାକ୍ଟୋ) ପରିବେଶଗତ ମଞ୍ଜୁରୀ ପ୍ରଦାନ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି ସୁପ୍ରିମକୋର୍ଟ। ଏକ୍ସ ଫ୍ୟାକ୍ଟୋ ପରିବେଶ ମଞ୍ଜୁରୀ ବା ୨୦୦୬ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଉଲ୍ଲଂଘନ କରିଥିବା କୌଣସି ସଂସ୍ଥାର ପରିବେଶ ମଞ୍ଜୁରୀକୁ ବୈଧିକରଣ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ନିଷ୍ପତ୍ତି ଅବୈଧ ରୂପେ ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅଭୟ ଏସ. ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ପରିବେଶ ସୁରକ୍ଷାକୁ ବିକାଶର ଏକ ଅନିବାର୍ଯ୍ୟ ଅଂଶ ବୋଲି ଉଲ୍ଲେଖ କରି ଏ ସଂକ୍ରାନ୍ତରେ କୌଣସି ସାଲିସ କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏହା ସହିତ ୨୦୧୭ରେ କେନ୍ଦ୍ର ସରକାରଙ୍କ



**୨୦୧୭ ଅଧିସୂଚନା ଆଧାରରେ ଜାରି ୨୦୨୧ ମେମୋରେଣ୍ଡମ୍ ଅବୈଧ**

**ପରିବେଶ ମଞ୍ଜୁରୀ ଉଲ୍ଲଂଘନ ସମାଜ ବିରୋଧୀ ଓ ଘୋର ବେଆଇନ କାର୍ଯ୍ୟ**

ଅଧିସୂଚନା ଆଧାରରେ ଜାରି ୨୦୨୧ ମୋମୋରେଣ୍ଡମ୍‌କୁ ମଧ୍ୟ ଅବୈଧ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ଯେଉଁ ଖଣି ବା ଅନ୍ୟ ପ୍ରକଳ୍ପଗୁଡ଼ିକରେ ୨୦୦୬ ମସିହାରେ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଅନୁପାଳନ ହୋଇ ନାହିଁ ବା ସେମାନେ ଏ ସଂକ୍ରାନ୍ତ ମଞ୍ଜୁରୀ ନେଇ ନାହାନ୍ତି; ତାହା 'ଘୋର ବେଆଇନ କାର୍ଯ୍ୟ'। ଏହି ଖଣି, ରିଅଲ ଇଷ୍ଟେଟ ଡେ଼ଭଲପରମାନେ ନିରକ୍ଷର ବା ଅତି ସାଧାରଣ ନୁହନ୍ତି; ତେଣୁ ସେମାନଙ୍କୁ ଏ କ୍ଷେତ୍ରରେ ଛାଡ଼ି ଦିଆଯିବାର କୌଣସି ଅର୍ଥ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ସହିତ ୨୦୧୭ ଅଧିସୂଚନା ଆଧାରରେ କେନ୍ଦ୍ର ସରକାରଙ୍କୁ କୌଣସି ପରିବେଶଗତ ମଞ୍ଜୁରୀ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। 'ବନ ଶକ୍ତି' ନାମକ ଏକ ଏନ୍‌ଜିଓ ପକ୍ଷରୁ ଦାଖଲ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ କହିଛନ୍ତି ଯେ ୨୦୦୬ ମସିହାରେ ଯେଉଁ ଖଣି ବା ଅନ୍ୟ କମ୍ପାନୀଗୁଡ଼ିକ ଆଇନ ଉଲ୍ଲଂଘନ କରିଥିଲେ ଓ ପରିବେଶ ପ୍ରଭାବ ଆକଳନକୁ ଉଲ୍ଲଙ୍ଘନ କରିଥିଲେ, ତାହାର ବୈଧିକରଣ ନିମନ୍ତେ ୨୦୧୭ରେ କେନ୍ଦ୍ର ସରକାର ▶ପୃଷ୍ଠା-୭

ପାକିସ୍ତାନକୁ ଆଇଏମ୍‌ଏଫ୍‌ର ସତର୍କବାଣୀ

# ଉତ୍ତେଜନା ବଢ଼ାଇଲେ ସ୍ଥିତି ଗମ୍ଭୀର ହେବ

■ ନ୍ୟୁୟର୍କ, ୧୮।୫ (ଏଜେନ୍ସି): ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ପାଇଁ ଗୋଟିଏ ପରେ ଗୋଟିଏ ସମସ୍ୟା ବଢିବାରେ ଲାଗିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଅସ୍ତ୍ରବିରତି ବୁଝାମଣା ହୋଇଥିଲେ ମଧ୍ୟ ବିବାଦ ତୁଟି ନାହିଁ। ଭାରତର ଅପରେସନ ସିନ୍ଦୂରକୁ ନେଇ ଏବେ ମଧ୍ୟ ପାକିସ୍ତାନ ସରକାର ଏବଂ ସେନା ଭୟର ବାତାବରଣ ମଧ୍ୟରୁ ମୁକୁଳିପାରି ନାହାନ୍ତି। ଏହାମଧ୍ୟରେ ଆଇଏମଏଫ ପାକିସ୍ତାନକୁ ଋଣ ଦେବା ନେଇ ୧୧ ନୂଆ ସର୍ତ୍ତ ଜାରି କରିବା ସହିତ ଭାରତ ସହ ସମ୍ପର୍କକୁ ନେଇ ପାକିସ୍ତାନକୁ ତାଗିଦ୍ କରିଛି। ଭାରତର ସହ ଉତ୍ତେଜନା ବଢାଇଲେ ପାକିସ୍ତାନର ସ୍ଥିତି ଆହୁରି ଗମ୍ଭୀର ହେବା ସହିତ ଆର୍ଥିକ ଏବଂ ବ୍ୟାହିକ ଦିଗ ସହିତ ଏହାର ଆର୍ଥିକ ସଂସ୍କାର ପ୍ରକ୍ରିୟା ଭାରୀ ମାତ୍ରାରେ ପ୍ରଭାବିତ ହେବ ବୋଲି ଆଇଏମଏଫ ପାକିସ୍ତାନକୁ ସତର୍କ କରାଇ ଦେଇଛି। ପାକିସ୍ତାନକୁ ଦେବାଳିଆ ସ୍ଥିତିରୁ ବଞ୍ଚାଇବାକୁ ପାକିସ୍ତାନ ସରକାର ପୂର୍ବରୁ ଆଇଏମଏଫର ଦ୍ୱାରସ୍ଥ ହୋଇଥିଲା ବେଳେ ନିକଟରେ ମୋଟ ୨.୩ ବିଲିୟନ ଡଲାରର ଋଣ ଆଇଏମଏଫ ମଞ୍ଜୁର କରିଥିଲା। କିନ୍ତୁ ଏହାପରେ ଭାରତ ସହିତ ଉତ୍ତେଜନା ବଢିଥିବାରୁ ▶ପୃଷ୍ଠା-୭

**ଋଣ ପାଇବାକୁ ୧୧ ନୂଆ ସର୍ତ୍ତ**

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୫

# 'କଠିନ ପରିଶ୍ରମ ଓ ଧ୍ୟାନ ହିଁ ସଫଳତାର ଚାବିକାଠି'

■ ସମ୍ବଲପୁର, ୧୮।୫ (ସମିସ): ବିଭିନ୍ନ ଅନୁଷ୍ଠାନରେ ଯେଭଳି ପାଠପଢ଼ା ଓ ମାର୍ଗଦର୍ଶନ କଲେ ମଧ୍ୟ ଆମେ ଯଦି କଠିନ ପରିଶ୍ରମ ନକରିବା ଏବଂ ଆମ ଲକ୍ଷ୍ୟ ଦିଗରେ ଧ୍ୟାନକେନ୍ଦ୍ରିକ ନରହିବା ତେବେ ଆମେ ଭବିଷ୍ୟତରେ ସଫଳ ହୋଇପାରିବା ନାହିଁ। ମାଟ୍ରିକ ସମୟରେ ଦୀର୍ଘ ସମୟ ପରିଶ୍ରମ କରି ଆଜି ଏକ ଉନ୍ନତ ସ୍ଥାନକୁ ପହଞ୍ଚି ପାରିଛନ୍ତି। ସେଭଳି ପରିଶ୍ରମ ଆଗକୁ ଜାରି ରଖନ୍ତୁ। ନିଜ ଶକ୍ତିକୁ ସବୁବେଳେ ନିଜ ସହିତ ସମାଜ ଓ ଦେଶ ନିର୍ମାଣରେ ବିନିଯୋଗ କରନ୍ତୁ ବୋଲି ମୁଖ୍ୟଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଆହ୍ୱାନ ଦେଇଛନ୍ତି। ରବିବାର ଅଇଁଠାପାଲିସ୍ଥିତ ହୋଟେଲ ଡଲ୍‌ଫିନ ପ୍ରେକ୍ଷାଳୟରେ 'ସକାଳ' ଓ 'ନନ୍ଦିଘୋଷ' ପକ୍ଷରୁ'ମାଟ୍ରିକ ଉତ୍କର୍ଷ ସମ୍ମାନ ୨୦୨୫' ଆୟୋଜିତ ହୋଇଯାଇଛି। ଏଥିରେ ଚଳିତ ମାଟ୍ରିକ ପରୀକ୍ଷାରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ବ୍ଲକ୍ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ▶ପୃଷ୍ଠା-୭



# ପୁଅକୁ ହତ୍ୟାକରି ପୋତିଦେଲେ

■ ରେଢ଼ାଖୋଲ/ନାକଟିଦେଉଳ, ୧୮।୫ (ସମିସ): ବଡ଼ ପୁଅକୁ ହତ୍ୟା କରି ବାଡ଼ିପଟେ ପୋତିଦେଲେ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଉଇଁଚା ଗ୍ରାମର ଘଣ୍ଟରା ସାହିରେ ୩ ଦିନ ତଳେ ଘଟିଥିବା ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଆଜି ପଦାକୁ ଆସିଛି। ମୃତକ ହେଲେ,

- ■ ମାଟି ଖୋଳି ଶବ ଉଦ୍ଧାର କଲା ପୁଲିସ୍
- ■ ମା'-ଭଉଣୀ ସମେତ ୯ ଅଟକ

ଶେଷଦେବ ପ୍ରଧାନଙ୍କ ବଡ଼ ପୁଅ ବାଦଲ ପ୍ରଧାନ। ରେଢ଼ାଖୋଲ ପୁଲିସ୍ ଆଜି ମାଟି ଖୋଳି ବାଦଲଙ୍କ ଗଳିତ ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଏହି ଘଟଣାରେ ପୁଲିସ୍ ବାଦଲଙ୍କ ୨ ଭଉଣୀ, ଭାଇ, ମାଆଙ୍କ ସମେତ ମୋଟ ୯ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପ ।  ରି ବ ।  ରି କ ▶ପୃଷ୍ଠା-୭


Vikash Bargarh
Vikash Higher Educational Institutions

Vikash Institute of Technology:
• MBA (2 Years)
• B.Tech (4 Years) CSE, EEE, Civil, Mech.

Vikash Polytechnic:
• Diploma (3 Years) Civil, CSE, ECE, Mech., Electrical
• Diploma (Working Professionals) Mechanical Engg., Electrical Engg.

Vikash Law School:
• B.A. LL.B (H) 5 Years Int. Law

Vikash School of Business Management:
• BBA / BCA (3 Years)

Vikash Degree College:
• B.A. (Hons.) English, Economics, Education, Political Science, Psychology
• B.Com. (Hons.) Accountancy (Hons.)
• B.Sc. (Hons.) Physics, Chemistry, Math, Botany, Zoology, Comp.Sc.
• M.Sc. (2 Years) Chemistry
• M.Com. (2 Years) Accountancy
• M.A. (2 Years) English

Vikash Nursing College:
• ANM (2 Years),
• GNM (3 Years)
• B.Sc. Nursing (4 Years)
• P.B. B.Sc. Nursing (2 Years)

Vikash College of Paramedical Science:
• DMLT (2 Years)
• DMRT (2 Years)

Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
• B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
• D. PHARM Diploma in Pharmacy (2 YRS) Eligibility: +2 Science

AWARDED As the Best Higher Educational Institutions in Western Odisha by OTV.

Visit us @ www.odishavikash.com
Email: vheicampus@gmail.com

ADMISSIONS Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda, Bargarh

Grooming Talent
Vikash Higher Educational Institutions



SANSKAR INTERNATIONAL SCHOOL
BARGARH
AFFILIATED TO CBSE
Co-Educational Senior Secondary Residential School

ESTD. 2014

GROWTH COMPARISON

| STUDENT NAME | X | XII | Increase |
|---|---|---|---|
| YASH KAMANI | 49% | 75.2% | 26.2% |
| NAYAN MISHRA | 49.4% | 69.6% | 20.2% |
| TITHI JAIN | 61.2% | 78.2% | 17% |
| MUSKAN AGRAWAL | 43.8% | 60.4% | 16.6% |
| SAHIL AGRAWAL | 71.8% | 87.6% | 15.8% |
| SUJAL MEHER | 68% | 82.4% | 14.4% |
| TEJAS AGRAWAL | 77.2% | 91.4% | 14.2% |
| MIHIR AGRAWAL | 56.83% | 70% | 13.17% |
| RIDDHI AGRAWAL | 78.8% | 91% | 12.2% |
| AMAN AGARWAL | 60.67% | 72.8% | 12.13% |

WESTERN ODISHA TOPPER
98.4% RIYA AGRAWAL CLASS XII 2024-25

DISTRICT TOPPER
98.4% RISHI AGRAWAL CLASS X 2024-25

Class 12th School Average 80.22%
35 Students Scored Above 90%

Class XII
96.2% NAMAN AGRAWAL
96% SIDDHI JAIN
95% KHANAK DHANUKA

Class X
96.8% ANUSHKA BHOOT
96.2% VISHAL JAIN
95.8% HARSH MODI
95% RADHIKA JAIN


100/100
•Mathematics •Business Studies
•Economics •Entrepreneurship
•Physical Education

ADMISSIONS OPEN
from Nursery to Class 11th along with Integrated Coaching of Science and Commerce

Commerce: Integrated CA, Integrated CLAT, Integrated CUET
Science: Integrated IIT-JEE, Integrated NEET, Integrated CUET

• 35+ Sanskarian have cleared CA Foundation
• 10+ Sanskarian have cleared NEET
• Top Score of 781/800 in CUET
• 13 Acres Lush Green Campus
• Air Conditioned Hostel Rooms
• 18 Variety of Sports

ADMISSIONS OPEN for Nursery to Class 11th
+91 8598 99 89 89
+91 9556 65 47 77
sanskarbargarh.in



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୦୪- ଟାଟା ଗ୍ରୁପ୍‌ର ସଂସ୍ଥାପକ ଜାମସେଦଜୀ ଟାଟାଙ୍କ ନିଧନ।
- ୧୯୧୩- ପୂର୍ବତନ ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀଙ୍କ ଜନ୍ମ।
- ୧୯୩୪- ପ୍ରସିଦ୍ଧ ଭାରତୀୟ ଲେଖକ ରସ୍କିନ୍ ବଣ୍ଡଙ୍କ ଜନ୍ମ।
- ୧୯୭୧- ରୁଷ୍ ମାର୍ସ-୨ ପ୍ରୋଗ୍ରାମ୍ ଲଞ୍ଚ୍ କଲା।
- ୨୦୦୧- ଆପଲ୍ ଇଙ୍କ୍ ତା'ର ପ୍ରଥମ ଦୁଇଟି ରିଟେଲ୍ ଷ୍ଟୋର୍ ଖୋଲିଲା।
- ୨୦୦୮ - ନାଟ୍ୟକାର ତଥା ରଙ୍ଗମଞ୍ଚକର୍ମୀ ବିଜୟ ତେନ୍ଦୁଲକରଙ୍କ ଦେହାନ୍ତ।




## ୧୭ ବର୍ଷ ପରେ ଅକ୍ଷୟ-ସୈଫ୍ ଏକାଠି

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ସୈଫ୍ ଅଲ୍ଲୀ ଖାନ୍ ୧୭ ବର୍ଷ ପରେ ପୁଣି ଥରେ ଏକାଠି ବଡ଼ ପରଦାରେ ନଜର ଆସିବେ। ଶେଷଥର ପାଇଁ ଉଭୟ 'ଟସନ୍'(୨୦୦୮) ଫିଲ୍ମରେ ଦେଖାଯାଇଥିଲେ। ଏହାପୂର୍ବରୁ ଏହି ଯୋଡ଼ିଙ୍କ ଅଭିନୀତ ଫିଲ୍ମ 'ମେ ଖିଲାଡ଼ି ତୁ ଅନାଡ଼ି', 'ଆଖେଁ', 'ୟେ ଦିଲ୍ଲଗୀ' ହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ଏବେ ଉଭୟ ୨୦୧୬ରେ ଆସିଥିବା ମାଲାୟାଲମ୍ ଫିଲ୍ମ 'ଓପ୍ପମ୍'ର ହିନ୍ଦୀ ରିମେକ୍‌ରେ ଏକାଠି ଦେଖାଯିବେ। 'ଓପ୍ପମ୍'ରେ ମୋହନଲାଲ ମୁଖ୍ୟ ଭୂମିକାରେ ଦେଖାଯାଇଥିଲେ। ଏହାର ହିନ୍ଦୀ ରିମେକ୍‌ରେ ଅକ୍ଷୟ ଖଳନାୟକ ଏବଂ ସୈଫ୍ ନାୟକ ଭାବେ ଦେଖାଯିବେ। ଫିଲ୍ମରେ ସୈଫ୍ ଓ ଅକ୍ଷୟଙ୍କ ମଧ୍ୟରେ ଏକ ଜବରଦସ୍ତ ଫାଇଟ୍ ସିନ୍ ରହିବ। ପ୍ରିୟଦର୍ଶନ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହା ଏକ ଥ୍ରିଲର୍ ଫିଲ୍ମ ହେବ। ଫିଲ୍ମର ସୁଟିଂ ଆସନ୍ତା ଅଗଷ୍ଟ ମାସରୁ ଆରମ୍ଭ ହେବ। ଏହାକୁ ୨୦୨୬ରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଉଛି।

## ହାଇହିଲ୍ ପାଇଁ ନେବାକୁ ପଡ଼େ ଅନୁମତି

ମହିଳାମାନେ ହାଇହିଲ୍ ପିନ୍ଧିବା ସାଧାରଣ କଥା। ହେଲେ ହାଇହିଲ୍ ପିନ୍ଧିବା ପାଇଁ ଅନୁମତି ନେବାକୁ ପଡ଼ିବା କଥା ଶୁଣି ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିବ। ତେବେ ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ 'କାର୍ମେଲ-ବାୟ-ଦ-ସି' ସହରରେ ହାଇହିଲ୍ ପିନ୍ଧିବା ପାଇଁ ଅନୁମତି ନେବାକୁ ପଡ଼ିଥାଏ। ଏଠାରେ ଦୁଇ ଇଞ୍ଚରୁ ଅଧିକ ହିଲ୍ ପିନ୍ଧିବା ପାଇଁ ସିଟି ହଲ୍‌ରୁ ଅନୁମତି ନେବାକୁ ହୁଏ। ତେବେ ଏହି ନିୟମ ପଛର କାରଣ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। କାରଣ ଏହି ନିୟମ ଫେଶନ ପାଇଁ ନୁହେଁ, ବରଂ ସୁରକ୍ଷା ସହିତ ଜଡ଼ିତ। ୧୯୬୩ ମସିହାରେ ଏହି ଆଇନ ତିଆରି କରାଯାଇଥିଲା। ସେତେବେଳେ ସହରର ରାସ୍ତା ତଥା ଫୁଟପାଥର ସ୍ଥିତି କିଛି ଅଲଗା ଥିଲା। ଫୁଟପାଥ ଓ ରାସ୍ତାଗୁଡ଼ିକ ଆବଡ଼ାଖାବଡ଼ା ଏବଂ ଅସମତଳ ଥିଲା। ଏହି ରାସ୍ତାରେ ହାଇହିଲ୍ ପିନ୍ଧି ଚାଲିଲେ ତଳେ ପଡ଼ିବା ଥୟ। ତେଣୁ ଯେଭଳି ଲୋକେ ସୁରକ୍ଷିତ ରହିବେ ଏବଂ ଯଦି କାହାକୁ ଆଘାତ ଲାଗେ ଏ ଲାଗି ପ୍ରଶାସନ ଦାୟୀ ରହିବ ନାହିଁ ବୋଲି ଚିନ୍ତାକରି ଏହି ନିୟମ ସେତେବେଳେ ଲାଗୁ କରାଯାଇଥିଲା। ଆଜିକା ଦିନରେ ଏହି ଆଇନକୁ କଡ଼ାକଡ଼ି ଲାଗୁ କରା ନ ଗଲେ ବି ଏହା ଏବେ ବି ଅଛି। ସେହିପରି ଲୋକେ ଚାହିଁଲେ ଏ ନେଇ ନିଃଶୁଳ୍କ ଅନୁମତି ବି ଆଣିପାରିବେ। ତେବେ ଜଣେ ଟ୍ରାଭେଲ ବ୍ଲଗର୍ ସାମାଜିକ ଗଣମାଧ୍ୟମରେ ଏ କଥା ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅନ୍ୟପଟେ ଏହି ସହର କେବଳ ତା'ର ଅଜବ ଆଇନ ନୁହେଁ, ବରଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଲାଗି ବି ଖୁବ୍ ପରିଚିତ।



## ସବୁଠୁ ଛୋଟ ଦେଶ ଜନସଂଖ୍ୟା ୨୭




ଭାଟିକାନ୍ ସିଟିକୁ ବିଶ୍ୱର କ୍ଷୁଦ୍ରତମ ଦେଶ କୁହାଯାଏ। ମାତ୍ର ଇଂଲଣ୍ଡର ଅତି ନିକଟରେ ଅବସ୍ଥିତ 'ସିଲ୍ୟାଣ୍ଡ' ନାମକ ଏକ ସମୁଦ୍ର ପରିବେଷ୍ଟିତ ଇଲାକାର ଅଧିବାସୀମାନେ ସେମାନଙ୍କ ଅଞ୍ଚଳ ବିଶ୍ୱର କ୍ଷୁଦ୍ରତମ ଦେଶ ବୋଲି ଦାବି କରିଥାନ୍ତି। ଏହା ଭାଟିକାନ ସିଟିଠାରୁ ମଧ୍ୟ ଛୋଟ। ସିଲ୍ୟାଣ୍ଡ ବ୍ରିଟେନଠୁ ୧୨ କିଲୋମିଟର ଦୂରରେ ଅବସ୍ଥିତ। ଯଦିଓ ଏହା ବ୍ରିଟେନର ନିକଟସ୍ଥ କିନ୍ତୁ ସିଲ୍ୟାଣ୍ଡ ଏକ ସ୍ୱତନ୍ତ୍ର ଦେଶ। ଦୁଇଟି ଖମ୍ବ ଉପରେ ଥିବା ୨୫୦ ମିଟର ପରିମିତ ଏହି ଅଞ୍ଚଳରେ ୨୭ ଜଣ ନାଗରିକ ବସବାସ କରୁଛନ୍ତି। ସିଲ୍ୟାଣ୍ଡର ନିର୍ମାଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୯୪୨ରେ ବ୍ରିଟିଶ୍ ସେନା କରିଥିଲା। ଉତ୍ତର ସାଗରରେ ବ୍ରିଟିଶ୍ ନୌସେନାକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହା ନିର୍ମାଣ କରାଯାଇଥିଲା। ଏହାପରେ ୧୯୫୬ ମସିହା ପର୍ଯ୍ୟନ୍ତ ଏହା ଏକ ସାମୁଦ୍ରିକ ଦୁର୍ଗ ଭାବେ କାର୍ଯ୍ୟ କରିଥିଲା। ୧୯୬୬ ମସିହାରେ ବ୍ରିଟିଶ୍ ନାଗରିକ ପ୍ୟାଡି ରୟ ବେଟ୍ସ ନିଜ ରେଡିଓ ଷ୍ଟେସନ 'ରେଡିଓ ଆସେକ୍ସ' କୁ ଚଳାଇବା ପାଇଁ ସିଲ୍ୟାଣ୍ଡ ଦୁର୍ଗ ଉପରେ କବ୍‌ଜା କଲେ। ଏହାପରେ ୧୯୬୭ରେ ବ୍ରିଟେନ ସାମୁଦ୍ରିକ ପ୍ରସାରଣ ଅପରାଧ ଅଧିନିୟମ ପାରିତ କଲା, ଯାହା ଫଳରେ ରୟ ବେଟ୍ସଙ୍କୁ ସେହି ଦୁର୍ଗ ଛାଡ଼ିବାକୁ ପଡ଼ିଲା। କିନ୍ତୁ ରୟ ବେଟ୍ସ ହାର ମାନିଲେନି ଏବଂ ୧୯୬୭ରେ ଏହି ଦୁର୍ଗକୁ ସିଲ୍ୟାଣ୍ଡ ଦେଶ ଘୋଷଣା କରିଦେଲେ। ଏହାପରେ ସେ ସେଠାରେ ନିଜ ପରିବାର ସହିତ ରହିଲେ। ସିଲ୍ୟାଣ୍ଡର ଶାସକ ପ୍ରଥମେ ରୟ ବେଟ୍ସ ଥିଲେ। କିନ୍ତୁ ୨୦୧୨ରେ ତାଙ୍କ ପରଲୋକ ପରେ ତାଙ୍କ ପୁଅ ମାଇକଲ ବେଟ୍ସ ଶାସନ ଭାର ସମ୍ଭାଳିଲେ। ରାଜତନ୍ତ୍ର ଦ୍ୱାରା ପରିଚାଳିତ ଏହି ଦେଶର ନିଜସ୍ୱ ଜାତୀୟ ପତାକା, ନିଜ ମୁଦ୍ରା, ପାସପୋର୍ଟ ଏପରିକି ରାଜା-ରାଣୀ ମଧ୍ୟ ଅଛନ୍ତି। ଏଠାରେ ଜୀବିକା ଉପାର୍ଜନ ପାଇଁ କୌଣସି ସାଧନ ନାହିଁ। କିନ୍ତୁ ଯେତେବେଳେ ଲୋକେ ପ୍ରଥମେ ଇଣ୍ଟରନେଟ୍ ମାଧ୍ୟମରେ ଦେଶଟି ସମ୍ପର୍କରେ ଜାଣିଥିଲେ ସମସ୍ତେ ଏଠାରେ ରହୁଥିବା ଅଧିବାସୀଙ୍କୁ ଦାନ କରିଥିଲେ। ଏହାଦ୍ୱାରା ଏଠାରେ ରହୁଥିବା ଲୋକଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିଥିଲା। ତେବେ ଖାସ୍ କଥା ହେଉଛି ଏହାକୁ କୌଣସି ବି ଦେଶ ଏକ ଦେଶ ଭାବେ ମାନ୍ୟତା ଦେଇନାହାଁନ୍ତି। ଏହାସତ୍ତ୍ୱେ ସିଲ୍ୟାଣ୍ଡ ନିଜ ପରିଚୟ ତିଆର କରିଛି ଏବଂ ମାଇକ୍ରୋନେସନ ଭାବେ ଜଣାଯାଉଛି।

## ଯାତ୍ରା ସମୟରେ ଶୁଭ ସଙ୍କେତ

**ଶକୁନ ଶାସ୍ତ୍ର ଅନୁସାରେ, ଯାତ୍ରାକୁ ଯିବା ବେଳେ କିଛି ବିଶେଷ ଜିନିଷ ଓ ଲୋକଙ୍କ ଦର୍ଶନକୁ ଶୁଭ ସଙ୍କେତ ବୋଲି କୁହାଯାଇଛି। ତେବେ କ'ଣ ଏହି ସବୁ ଜିନିଷ, ସେ ସବୁ ନିମ୍ନରେ ପ୍ରଦତ୍ତ କରାଗଲା।**



**ବ୍ରାହ୍ମଣ:** ଯାତ୍ରା ପ୍ରାରମ୍ଭ କରିବା ବେଳେ ସାମ୍ନାରେ କୌଣସି ବ୍ରାହ୍ମଣ ନଜର ଆସିଲେ, ତାଙ୍କ ଆଶିର୍ବାଦ ନିଅନ୍ତୁ। ନିଜ ସାମର୍ଥ୍ୟ ଅନୁସାରେ ଦକ୍ଷିଣା ପ୍ରଦାନ କରି ଯାତ୍ରା ଆରମ୍ଭ କରନ୍ତୁ। ଏହା ହେଉଛି ଏକ ଶୁଭ ସଙ୍କେତ।


**କନ୍ୟା:** ଯାତ୍ରା ପ୍ରାରମ୍ଭ ବେଳେ ଶିଶୁ କନ୍ୟା ହଳଦିଆ କିମ୍ବା କମଳା ରଙ୍ଗର ପୋଷାକ ପିନ୍ଧିଥିବା ଦେଖିବା ଶୁଭ। ଏହା ଦ୍ୱାରା କାମରେ ସଫଳତା ମିଳିବା ଯୋଗ ଅଛି।



**ଗାଈ:** ଯାତ୍ରା ସମୟରେ ଗୋମାତାଙ୍କ ଦର୍ଶନକୁ ଶୁଭ ସଙ୍କେତ ବୋଲି କୁହାଯାଇଛି। ସେହିପରି ଗାଈକୁ ଗୁଡ଼ ଖୁଆଇ ଯାତ୍ରା ପ୍ରାରମ୍ଭ କରନ୍ତୁ। ଏହା ଦ୍ୱାରା ନ ହେବା କାମ ହୋଇଥାଏ।

**କଳସ:** ଯାତ୍ରା ପ୍ରାରମ୍ଭ ବେଳେ ଜଳ ଭର୍ତ୍ତି କଳସ ଦେଖିବା ଶୁଭ। ସମସ୍ତ କାମରେ ସଫଳତା ମିଳିଥାଏ।

**କିନ୍ନର:** କିନ୍ନରଙ୍କୁ ମଙ୍ଗଳମୁଖୀ କୁହାଯାଏ। ଯାତ୍ରାକୁ ଯିବା ବେଳେ କିନ୍ନରଙ୍କୁ ଦେଖି ନିଜ ଇଚ୍ଛାରେ କିଛି ଦାନ ଦିଅନ୍ତୁ। ଏହା ଦ୍ୱାରା ଶୁଭଫଳ ମିଳେ। ଯାତ୍ରା ମଧ୍ୟ ମଙ୍ଗଳମୟ ହୋଇଥାଏ।




## ରାହୁ-କେତୁଙ୍କ ରାଶି ପରିବର୍ତ୍ତନ




**ଜ୍ୟୋତିଷ ଶାସ୍ତ୍ରରେ ଗ୍ରହ ଓ ନକ୍ଷତ୍ରର ବିଶେଷ ମହତ୍ତ୍ୱ ଅଛି। ଲୋକଙ୍କ ଜୀବନ ଉପରେ ଏହା ଗଭୀର ପ୍ରଭାବ ପକାଏ। ତେବେ ମେ ୧୮ ତାରିଖରୁ ରାହୁ ମୀନରୁ କୁମ୍ଭ ଏବଂ କେତୁ କନ୍ୟାରୁ ସିଂହ ରାଶିକୁ ପ୍ରବେଶ କରିଛନ୍ତି। ଏହି ରାଶି ପରିବର୍ତ୍ତନ ଜାତକରେ ୧.୫ ବର୍ଷ ପର୍ଯ୍ୟନ୍ତ ରହିବ। ତେବେ ଏ ପରିବର୍ତ୍ତନ କେଉଁ ରାଶି ଉପରେ କି ପ୍ରଭାବ ପକାଇବ, ସେ ସମ୍ପର୍କରେ ଜାଣିବା।**

- ରାହୁ ଜୀବନରେ ଲୋଭ, ଅଚାନକ ପରିବର୍ତ୍ତନ ଭାବ ଆଣିବା କାମ କରିଥାନ୍ତି। ସେହିପରି କେତୁ ମୋକ୍ଷ, ତ୍ୟାଗ ଏବଂ ଶାନ୍ତି ଭାବ ଆଣିଥାନ୍ତି। ଏହି ଦୁଇଙ୍କ ରାଶି ପରିବର୍ତ୍ତନ ଚିନ୍ତା, ନିଷ୍ପତ୍ତି ଏବଂ ସମ୍ପର୍କକୁ ପ୍ରଭାବିତ କରିଥାଏ।
- ରାହୁ-କେତୁ ପରିବର୍ତ୍ତନ ଦ୍ୱାରା କୁମ୍ଭ, ସିଂହ, ମୀନ ଏବଂ କନ୍ୟା ରାଶି ବ୍ୟକ୍ତିବିଶେଷଙ୍କୁ ସତର୍କ ରହିବା ଜରୁରି। କାରଣ ଏହି ପରିବର୍ତ୍ତନ ଦ୍ୱାରା ଚିନ୍ତାଧାରାରେ ପରିବର୍ତ୍ତନ, ଜୀବନରେ ନୂଆ ଦିଗ, କିଛି ତ୍ୟାଗ ସହିତ କିଛି ନୂଆ ମିଳିବାର ଯୋଗ ଅଛି।
- ରାହୁ ପରିବର୍ତ୍ତନ କୁମ୍ଭ ରାଶି ପାଇଁ ଅଚାନକ ପ୍ରସିଦ୍ଧି, ଅର୍ଥ ଏବଂ ନୂତନ ପରିବର୍ତ୍ତନ ଆଣିପାରେ। ଏହି ସମୟରେ ଭ୍ରମଠୁ ଦୂରରେ ରହିବା ଦରକାର। କୌଣସି ନିଷ୍ପତ୍ତି ବୁଝିବିଚାରି ନିଅନ୍ତୁ।
- କେତୁଙ୍କ ପରିବର୍ତ୍ତନ ଯୋଗୁଁ ସିଂହ ରାଶି ବ୍ୟକ୍ତି ବିଶେଷ ଅହଂକାର ତ୍ୟାଗ କରିବେ। ସମ୍ପର୍କରେ ଅହଂ ଭାବ ତ୍ୟାଗ କରି ଜୀବନସାଥୀ ସହ ଖୁସିରେ ରହିବେ।

## ବଦ୍ରିନାଥରେ ଅସରପାଙ୍କୁ ଲାଗି ହୁଏ ଭୋଗ



**ଉତ୍ତରାଖଣ୍ଡର ଚାରିଧାମ ଯାତ୍ରାରେ ବଦ୍ରିନାଥ ସାମିଲ ଅଛି। ଏହା ଏକ ପ୍ରାଚୀନ ମନ୍ଦିର। ଏହି ମନ୍ଦିରକୁ ନେଇ ଅନେକ ମାନ୍ୟତା ଓ ପରମ୍ପରା ରହିଛି। ତେବେ ବଦ୍ରିନାଥ ମନ୍ଦିରରେ ଭୋଗ ଲାଗି କରାଯିବା ପୂର୍ବରୁ ଅନେକ ଜୀବଜନ୍ତୁଙ୍କୁ ଭୋଗ ଲାଗି କରାଯାଏ। ଏଥିରେ ଅସରପା ବି ସାମିଲ ଅଛି।**



ପ୍ରତିଦିନ ଭଗବାନ ବଦ୍ରିନାଥଙ୍କୁ ରାଜଭୋଗ ଲାଗି କରାଯାଏ। ହେଲେ ଏହା ପୂର୍ବରୁ ଅସରପାଙ୍କୁ ଭୋଗ ଲାଗି କରାଯାଏ। କୁହାଯାଏ, ବଦ୍ରୀନାଥ ରାଜଭୋଗ ଗ୍ରହଣ କରିବା ପୂର୍ବରୁ ସମସ୍ତ ଜୀବଜନ୍ତୁଙ୍କୁ ତୃପ୍ତ କରାଯାଏ। ଏହି ମାନ୍ୟତାକୁ ଦେଖି ପଶୁ ପକ୍ଷୀଙ୍କ ସହିତ ଅସରପାଙ୍କୁ ବି ଭୋଗ ଲାଗି କରାଯାଏ। ଏଠାରେ ପ୍ରତିଦିନ ଦ୍ୱିପହରରେ ଅସରପାଙ୍କୁ ଅନ୍ନ ଭୋଗ ଲାଗି କରାଯିବାର ପରମ୍ପରା ଅଛି। ଏହାକୁ ତପ୍ତକୁଣ୍ଡ ନିକଟବର୍ତ୍ତୀ ଗରୁଡ଼ କୁଟିରେ ରଖାଯାଏ। ଏହାପରେ ହିଁ ଭଗବାନଙ୍କୁ ଭୋଗ ଲାଗି କରାଯାଏ। କେବଳ ସେତିକି ନୁହେଁ, ଏଠାରେ ଅସରପାଙ୍କ ସମେତ ଗାଈ ଏବଂ ପକ୍ଷୀଙ୍କୁ ମଧ୍ୟ ଭୋଗ ଦିଆଯାଏ। ଏହି ପରମ୍ପରାର ଆରମ୍ଭ ଅଷ୍ଟମ ଶତାବ୍ଦିରେ ଆଦି ଗୁରୁ ଶଙ୍କରାଚାର୍ଯ୍ୟ କରିଥିବା କୁହାଯାଏ।

## ମହିଳାଙ୍କ ଶୃଙ୍ଗାର ପାଇଁ ନିୟମ

**ଶୃଙ୍ଗାର ପ୍ରତ୍ୟେକ ମହିଳାଙ୍କୁ ପସନ୍ଦ। ହେଲେ ହିନ୍ଦୁ ଧର୍ମରେ ଶୃଙ୍ଗାରକୁ ନେଇ କିଛି ନିୟମ ଅଛି। କିଛି ସ୍ଥାନ ତଥା ପରିସ୍ଥିତି ଏଭଳି ଅଛି, ଯେଉଁଠି ମହିଳାଙ୍କୁ ଶୃଙ୍ଗାର କରିବା ମନା।**

କୁହାଯାଏ, ସ୍ୱାମୀ ଯଦି କାମରେ କୌଣସି ଦୂର ସ୍ଥାନକୁ ଯାତ୍ରା କରିଥାନ୍ତି, ସେ ସମୟରେ ପତ୍ନୀଙ୍କୁ ଅଧିକ ଶୃଙ୍ଗାର କରିବା ମନା। ଏହି ସମୟରେ ଯେତିକି ଦରକାର, ସେତିକି ସଜ ହେବା ଉଚିତ। ଏଭଳି ସ୍ଥିତିରେ ଅଧିକ ସଜେଇ ହେବାକୁ ଠିକ୍ ବୋଲି ବିବେଚନା କରାଯାଏ ନାହିଁ। ସେହିପରି ପରିବାରରେ କାହାରି ମୃତ୍ୟୁ ହୋଇଥିଲେ ମହିଳାଙ୍କୁ ଶୃଙ୍ଗାର କରିବା ମନା। ଏପରିକି ଏଭଳି ସ୍ଥିତିରେ ଶୃଙ୍ଗାର ମନୋବିଜ୍ଞାନ ଦୃଷ୍ଟିକୋଣରୁ ବି ଠିକ୍ ନୁହେଁ। ତେଣୁ ମହିଳାଙ୍କୁ ଏହା ଉପରେ ବିଶେଷ ଦୃଷ୍ଟି ଦେବା ଉଚିତ।

ତେବେ ଋତୁସ୍ରାବ ସମୟରେ ମହିଳାଙ୍କୁ ଶୃଙ୍ଗାର କରିବାକୁ ବାରଣ କରାଯାଏ। ଏହାବାଦ୍ କୌଣସି ସ୍ଥାନକୁ ଶୋକ ବ୍ୟକ୍ତ କରିବାକୁ ଯାଉଥିଲେ, ଏଭଳି ସ୍ଥିତିରେ ଆବଶ୍ୟକତାଠୁ ଅଧିକ ଶୃଙ୍ଗାର କରିବା ଅନୁଚିତ। ଏପରି ସ୍ଥଳେ ମହିଳାଙ୍କ ଅଧିକ ସଜବାଜ ମର୍ଯ୍ୟାଦା ପାଇଁ ଅନୁକୂଳ ହୋଇ ନ ଥାଏ।



## ଭୁବନେଶ୍ୱରରେ ଖୋଲିବ ଏନ୍‌ଆଇଏ ଥାନା

ଭୁବନେଶ୍ୱର,୧୮।୫(ସମିସ): ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଖୋଲିବ ଏନ୍‌ଆଇଏ(ଜାତୀୟ ତଦନ୍ତକାରୀ ସଂସ୍ଥା)ଥାନା । ଏନେଇ ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱରର ଭିଏସ୍‌ଏସ୍ ନଗରରେ ଖୋଲିବ ଏହି ଥାନା। ଭୁବନେଶ୍ୱରର ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗର ଠାରେ ଏନ୍‌ଆଇଏର ଶାଖା କାର୍ଯ୍ୟ ପ୍ରତିଷ୍ଠା ହେବ। ଏଠାରେ ଜଣେ ଏସପି ପାହ୍ୟାର ଅଧିକାରୀ ଏହି ଥାନା ଦାୟିତ୍ୱ।ାରେ ରହିବେ। ଏହି ବିଲ୍ଡିଂରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏଥିସହ ଆବଶ୍ୟକ କର୍ମଚାରୀ ଏବଂ ଅନ୍ୟାନ ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଓଡ଼ିଶା ଏବେ ଆତଙ୍କବାଦୀଙ୍କ ସ୍କାନରରେ ଅଛି। ଅବଦୁଲ ରେହମାନ ଠାରୁ ଆରମ୍ଭ କରି ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପାକିସ୍ତାନର ଗୁପ୍ତଚର ସାଜି ଓଡ଼ିଶାର ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଉଥିଲେ। ତେଣୁ ଓଡ଼ିଶାରେ ଏନ୍‌ଆଇଏ ଅଫିସ୍ ରହିବା ଜରୁରୀ ହୋଇ ପଡ଼ିଥିଲା। କାରଣ ଏଠାରେ କୌଣସି ଦେଶ ବିରୋଧୀ ଅପରାଧ ଘଟିଲେ ଦିଲ୍ଲୀ ଏବଂ କଲିକତାରୁ ଏନ୍‌ଆଇଏ ଟିମ୍ ଓଡ଼ିଶା ଆସୁଥିଲେ। ସେତ ବେଳକୁ ତଦନ୍ତରେ ବିଳମ୍ବ ହେବା ସହ ପ୍ରମାଣ ନଷ୍ଟ ହେବାର ସମ୍ଭାବନା ରହିଥିଲା। ତେଣୁ ଏସବୁ ନଜରକୁ ନେଇ ଓଡ଼ିଶାରେ ଏନ୍‌ଆଇଏ ଅଫିସ ନିହାତି ଆବଶ୍ୟକ ଥିଲା।

- ଏସ୍‌ପି ପାହ୍ୟାର ଅଧିକାରୀ ମୁଖ୍ୟ ରହିବେ
- ଆତଙ୍କୀକ ଉପରେ ରହିବ କଡା ନଜର

ସୂଚନାଯୋଗ୍ୟ ଯେ ଜାତୀୟ ତଦନ୍ତ ସଂସ୍ଥା ହେଉଛି ଭାରତର କେନ୍ଦ୍ରୀୟ ଆତଙ୍କବାଦ ବିରୋଧୀ ଆଇନ ପ୍ରବର୍ତ୍ତନ ସଂସ୍ଥା, ଯାହା ୨୦୦୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରାଥମିକ ଭୂମିକା ହେଉଛି ଆତଙ୍କବାଦ ସହିତ ଜଡିତ ଅପରାଧ ଏବଂ ଜାତୀୟ ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟଗୁଡ଼ିକର ତଦନ୍ତ ଏବଂ ବିଚାର କରିବା। ଏନ୍‌ଆଇଏ ମଧ୍ୟ ଆତଙ୍କବାଦୀ ନେଟୱର୍କଗୁଡ଼ିକୁ ଭାଙ୍ଗିବା ଉପରେ ଲକ୍ଷ୍ୟ ରଖିଥାଏ। ଏନ୍‌ଆଇଏ'ର ସାରା ଭାରତରେ ୧୯ଟି ଶାଖା କାର୍ଯ୍ୟାଳୟ ଅଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି। ଦେଶର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦ ବିପଦକୁ ମୁକାବିଲା କରିବା ପାଇଁ ଏହି ଶାଖା କାର୍ଯ୍ୟାଳୟଗୁଡ଼ିକ ରଣନୀତିକ ଭାବରେ ଅବସ୍ଥିତ। ହାଇଦ୍ରାବାଦ, ଗୁଆହାଟୀ, କୋଚି, ଲକ୍ଷ୍ନୌ, ମୁମ୍ବାଇ, କୋଲକାତା, ରାୟପୁର, ଜମ୍ମୁ, ଚଣ୍ଡିଗଡ଼, ରାଞ୍ଚି, ଚେନ୍ନାଇ, ଇମ୍ଫାଲ, ବେଙ୍ଗାଲୁରୁ, ପାଟନା, ଜୟପୁର, ଭୋପାଳ ଏବଂ ଅହମ୍ମଦାବାଦ ଏନଆଇଏ ଶାଖା କାର୍ଯ୍ୟାଳୟ ରହିଛି।

### ୟୁଟ୍ୟୁବର୍ ଜ୍ୟୋତି ମାଲ୍‌ହୋତ୍ରାଙ୍କ ଓଡ଼ିଶା ଲିଙ୍କ୍

# ପୁଲିସ ସ୍କାନର୍‌ରେ ପୁରୀର ପ୍ରିୟଙ୍କା

ପୁରୀ, ୧୮।୫(ସମିସ): ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ମହିଳା ୟୁ-ଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କୁ ହରିଆଣା ପୁଲିସ୍ ଗିରଫ କରିବା ପରେ ନୂଆ ନୂଆ ଗୁମର ଖୋଲିବାରେ ଲାଗିଛି। ଗତକାଲି ଜ୍ୟୋତିଙ୍କର ପୁରୀ ଲିଙ୍କ୍ ସାମ୍ନାକୁ ଆସିଥିବା ବେଳେ ଆଜି ପୁରୀର ଜଣେ ଯୁବତୀଙ୍କ ନାମ ପଦାକୁ ଆସିଛି। ସେ ହେଲେ, କଳାକାଦେବୀ ସାହିର ପ୍ରିୟଙ୍କା ସେନାପତି। ସେ ମଧ୍ୟ ଜଣେ ବ୍ଲଗର୍। ଜ୍ୟୋତିଙ୍କ ସହ ତାଙ୍କର କିପରି ଏବଂ କେବେଠୁ ସମ୍ପର୍କ ସ୍ଥାପନ ହେଲା, ଜ୍ୟୋତି ପୁରୀ ଆସିଥିବା ବେଳେ ପ୍ରିୟଙ୍କା ତାଙ୍କୁ କେଉଁ ସବୁ ସ୍ଥାନ ବୁଲାଇଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ କିଛି ଗୁପ୍ତ ତଥ୍ୟ ବାହାରକୁ ଯାଇନାହିଁ ତ, ପ୍ରିୟଙ୍କା ପାକିସ୍ତାନ ଯିବା ପଛରେ ଜ୍ୟୋତିଙ୍କର କ'ଣ ଭୂମିକା ଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଛି। ତେବେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛି ପୁରୀ ପୁଲିସ। ପ୍ରିୟଙ୍କାଙ୍କୁ ଘଣ୍ଟାଏ ତାଙ୍କ ଘରେ ପଚରାଉଚରା କରାଯାଇଥିବା ବେଳେ ବିଭିନ୍ନ ଦିଗକୁ ଦେଇ ତଦନ୍ତ କରୁଛି ପୁଲିସ। ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଟିମ୍ ଏହାର ଅନୁସନ୍ଧାନ ଚଳାଇଛନ୍ତି।

ରବିବାର ପୁଲିସ୍ ପ୍ରିୟଙ୍କାଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଛି। ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ଓ ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ ପ୍ରିୟଙ୍କାଙ୍କ ବାସଭବନକୁ ଯାଇ ପ୍ରାୟ ୧ଘଣ୍ଟା ଧରି ତାଙ୍କୁ ଜ୍ୟୋତିଙ୍କ ସହ ତାଙ୍କ ସମ୍ପର୍କ



ବିଷୟରେ ପଚାରିଥିଲେ। ଜ୍ୟୋତିଙ୍କୁ କେମିତି ଜାଣିଲେ, ସାଥୀ ହୋଇ କେଉଁଆଡ଼େ ବୁଲି ଯାଇଛନ୍ତି, ଜ୍ୟୋତିଙ୍କୁ କିଛି ତଥ୍ୟ ପ୍ରଦାନ କରିଛନ୍ତି କି, ତାଙ୍କ ଗତିବିଧି ସନ୍ଦେହଜନକ ତଥା ଗୁପ୍ତଚର ଭଳି ଲାଗୁଥିଲେ କି, ପାକିସ୍ତାନ ଯାଇଥିଲେ କି, ଯଦି ଯାଇଥିଲେ ସେଠି କାହା ସହିତ ବନ୍ଧୁତା ରଖିଥିଲେ କି ଏମିତି ବିଭିନ୍ନ ଦିଗକୁ ନେଇ ପୁଲିସ ପ୍ରିୟଙ୍କାଙ୍କୁ ପଚରାଉଚରା କରିଥିଲା।

ତେବେ ଜ୍ୟୋତି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରିବା ଅଭିଯୋଗରେ ଗିରଫ ହେବା ଜାଣିବା ପରେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ଦେଇ ଲେଖିଛନ୍ତି, ୟୁଟ୍ୟୁବ୍ ମାଧ୍ୟମରେ ଜ୍ୟୋତିଙ୍କୁ ଚିହ୍ନିଥିଲି। ତାଙ୍କ ସମ୍ପର୍କରେ

- ଜ୍ୟୋତି ପୁରୀ ଆସି ଶ୍ରୀମନ୍ଦିର, ବେଳାଭୂମି ବୁଲିଥିଲେ
- ପ୍ରିୟଙ୍କାଙ୍କୁ ଜେରା କଲା ପୁରୀ ପୁଲିସ୍
- ଦୁହେଁ ପାକିସ୍ତାନ କରତାରପୁର ଯାଇଥିଲେ: ବାପା

ମୁଁ ଏତେ ମାତ୍ରାରେ ଅବଗତ ନଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ମୁଁ ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସିନଥାନ୍ତି। ଏସବୁ ଜାଣିବା ପରେ ମୋତେ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ମୋତେ ପ୍ରଶ୍ନ ପଚାରନ୍ତି, ତେବେ ସମ୍ପୂର୍ଣ୍ଣ ସହଯୋଗ କରିବି ବୋଲି କହିଛନ୍ତି ପ୍ରିୟଙ୍କା।

ଅନ୍ୟପକ୍ଷରେ ପ୍ରିୟଙ୍କାଙ୍କ ବାପା ରାଜକିଶୋର କହିଛନ୍ତି, ପୁଲିସକୁ ତଦନ୍ତ ସମ୍ପୂର୍ଣ୍ଣ ସହଯୋଗ କରିବୁ। ଜ୍ୟୋତି ସହ ଝିଅର ବନ୍ଧୁତା ସୋସିଆଲ୍ ମିଡିଆରେ ହୋଇଥିଲା। ଦୁଇଜଣଙ୍କର ବନ୍ଧୁତା ୮/୯ମାସ ପୂର୍ବର। ଝିଅ କାଶ୍ମୀର ଯାଇଥିବା ବେଳେ କିଛି ଭିଡିଓ କରିବା ପାଇଁ ପାକିସ୍ତାନ କରତାରପୁର ମଧ୍ୟ ଯାଇଥିଲା। ସେ ପୁରୀ ଆସିଥିବା ବେଳେ ଝିଅ ତାକୁ ବିଭିନ୍ନ ସ୍ଥାନ ବୁଲାଇବାରେ ସହଯୋଗ କରିଥିଲା। ହେଲେ ଜ୍ୟୋତି ପାକିସ୍ତାନୀ ଗୁପ୍ତଚର ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ଲାଗୁଛି।

ଅନ୍ୟପକ୍ଷରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ଏହାକୁ ଆମେ ଗୁରୁତ୍ୱର ସହ ନେଇଛୁ। ପ୍ରାଥମିକ ଭାବେ ତାଙ୍କୁ ପଚରାଉଚରା କରାଯାଇଛି। ସବୁ ଦିଗକୁ ନେଇ ପଚରାଉଚରା ହୋଇଛି। କେନ୍ଦ୍ର ଓ ରାଜ୍ୟ ତଦନ୍ତକାରୀ ଏଜେନ୍ସିଙ୍କ ସମେତ ହରିଆଣା ପୁଲିସ ସହ ମଧ୍ୟ ଆମେ ଯୋଗାଯୋଗରେ ଅଛୁ। ପ୍ରିୟଙ୍କାଙ୍କୁ ଆଜି ପଚରାଉଚରା କରାଯାଇଛି। କିଛି ସନ୍ଦେହଜନକ କାର୍ଯ୍ୟକଳାପରେ ସେ ସମ୍ପୃକ୍ତ ଅଛନ୍ତି କି ନାହାନ୍ତି, ତାହାର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

# ନୂଆ ମୁହଁ ଉପରେ ଭକ୍ତଙ୍କ ଭରସା

ଭୁବନେଶ୍ୱର,୧୮।୫(ସମିସ): ଦାୟିତ୍ୱ ନେବାର ପ୍ରାୟ ୩ ମାସ ପରେ ନିଜର ଟିମ୍ ଗଢ଼ିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ପୂର୍ବରୁ ପିସିସି ସଭାପତିମାନେ ନିଜର ବିଶାଳ ଟିମ୍ ଗଠନ କରୁଥିବାବେଳେ ଭକ୍ତ ନିଜର ସହଯୋଗୀଙ୍କ ସଂଖ୍ୟା ୩୦ରେ ସୀମିତ ରଖିଛନ୍ତି। ସେହିପରି ବରିଷ୍ଠ ଓ ଅଭିଜ୍ଞ ନେତାଙ୍କ



ସ୍ଥାନରେ ନୂଆ ଓ ଯୁବ ଚେହେରା ଉପରେ ବେଶୀ ଗୁରୁତ୍ୱ ଦେଇଛନ୍ତି। କଂଗ୍ରେସ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଥିବାବେଳେ ଭକ୍ତଙ୍କ ଏହି ନିଷ୍ପତ୍ତି ଦଳ ପାଇଁ ଆଶୀର୍ବାଦ ହେବ କି ଅଭିଶାପ ହେବ ତାହା ସମୟ କହିବ। ମାତ୍ର ଭକ୍ତଙ୍କ ନୂଆ ଟିମ୍‌କୁ ନେଇ ଦଳର ଅନେକ ବରିଷ୍ଠ ନେତା ଖୁସି ନ ଥିବା ପରି ମନେ ହେଉଛି।

ପୂର୍ବରୁ ଗଠନ ହୋଇଥିବା ରାଜନୈତିକ ବ୍ୟାପାର କମିଟିରେ ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ନରସିଂହ ମିଶ୍ର, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ମହମ୍ମଦ ମୋକିମଙ୍କ ଭଳି ନେତାଙ୍କୁ ସ୍ଥାନ ମିଳିଛି। ମାତ୍ର ଏହି କମିଟିର କାର୍ଯ୍ୟ ଏଯାଏ କ'ଣ ତାହା ସ୍ପଷ୍ଟ ହୋଇ ନାହିଁ। ପୂର୍ବରୁ ଚିରାଚିରତ ଭାବେ ଆଗଧାଡ଼ି ତଥା ବରିଷ୍ଠ ନେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ଦାୟିତ୍ୱ ମିଳୁଥିଲା। ଏଥର ଅନେକ ନବାଗତ ବିଧାୟକ ସାଂଗଠନିକ ସ୍ତରରେ ନିଯୁକ୍ତି ପାଇଛନ୍ତି। ଭକ୍ତଙ୍କ ଟିମରେ କୌଣସି ତଥାକଥିତ ହେଭିୱେଟ୍‌ଙ୍କୁ ସ୍ଥାନ ମିଳି ନ ଥିବାବେଳେ ରାଜ୍ୟ କଂଗ୍ରେସ ଇତିହାସରେ ପ୍ରଥମଥର ପାଇଁ ପଦାଧିକାରୀଙ୍କ ସଂଖ୍ୟାକୁ ମାତ୍ର ୩୦ ଭିତରେ ସୀମିତ ରଖାଯାଇଛି। ପଦାଧିକାରୀ ଟିମରେ ଅଧିକାଂଶ ନୂଆମୁହଁଙ୍କୁ ସ୍ଥାନ ଦିଆଯିବା ପଛରେ ଭକ୍ତ ଭିନ୍ନ ରଣନୀତି ଆପଣେଇଥିବା କୁହାଯାଉଛି। କଂଗ୍ରେସର

- ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ କୋଣଠେସା
- ସ୍ଥାନ ପାଇଲେ ନାହିଁ ମୋକିମ୍ ଓ ସୋଫିଆ।

ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳରୁ ନଜର ହଟାଇ ଦଳକୁ ଏକ ନୂଆରୂପ ଦେବାପାଇଁ ଏଭଳି ପ୍ରୟାସ ହୋଇଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ଭକ୍ତଙ୍କ ଟିମ୍‌ରେ ୭ ଉପସଭାପତି, ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଓ ସହ-ଅଧ୍ୟକ୍ଷଙ୍କୁ ମିଶାଇଲେ ଏହି ସଂଖ୍ୟା ୩୨ ଛୁଇଁଛି। ଏହା ପୂର୍ବରୁ ଯୁବ ସଭାପତି ଓ ଛାତ୍ର ସଭାପତିଙ୍କୁ ନିଯୁକ୍ତି ମିଳି ସାରିଛି। ମହିଳା ସଭାନେତ୍ରୀ ପଦରେ ନୂଆ ମିନାକ୍ଷୀ ବାହୀନିପତି କାର୍ଯ୍ୟ କରୁଛନ୍ତି ଓ ସେ ଏହି ପଦରେ ରହିବେ କି ନାହିଁ, ତାହା ସମୟ କହିବ।

ପୂର୍ବରୁ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପଦରେ ଅନେକ ବରିଷ୍ଠ ନେତାଙ୍କୁ ନିଯୁକ୍ତି ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏଥିପାଇଁ କାହାରି ନାମ ଘୋଷଣା ହୋଇ ନାହିଁ। ଏହି ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ଦଳରେ ୪ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ମିଳିବା ସମ୍ଭାବନା ଥିବା ଚର୍ଚ୍ଚା ହୋଇଛି। ଅନ୍ୟପକ୍ଷରେ ଭକ୍ତଙ୍କ ଏହି ଟିମ୍ ଗଠନ ପରେ ସବୁଠୁ ଅଧିକ ମହମ୍ମଦ ମୋକିମଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କମିଟିରେ ତାଙ୍କୁ ବା ତାଙ୍କ ବିଧାୟିକା ଝିଅଙ୍କୁ ସ୍ଥାନ ନ ମିଳିବା ବିଭିନ୍ନ ମହଲରେ ଭ୍ରୁକୁଞ୍ଚନ ସୃଷ୍ଟି କରିଛି । ନିକଟ ଅତୀତରେ କଟକ ଗସ୍ତ ସମୟରେ ନିଜେ ଭକ୍ତଚରଣ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ବେଶ୍ ପ୍ରଶଂସା କରିଥିବାରୁ ତାଙ୍କୁ ଦଳ ଓଜନିଆ ପଦ ଦେବ ବୋଲି ଚର୍ଚ୍ଚା ହେଉଥିଲା, ମାତ୍ର ତାଙ୍କୁ ଭକ୍ତଙ୍କ ଟିମ୍‌ରେ ସ୍ଥାନ ନ ଦେବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଆଲୋଚନା ହେଉଛି ।

ଏ ସମ୍ପର୍କରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ପିସିସି ସଭାପତିଙ୍କୁ ଗୋଟିଏ ପାରଦର୍ଶୀ ଟିମ୍ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ପିସିସି ସଭାପତି ଯେଉଁମାନଙ୍କୁ ନେଇ କାମ କରିପାରିବେ, ସେମାନଙ୍କୁ ନେଇ ସେ ଟିମ୍ ଗଠନ କରିଛନ୍ତି। ପୂର୍ବତନ ପିସିସି ସଭାପତିମାନେ ତାଙ୍କ ଅଧୀନରେ ରହିପାରିବେ ନାହିଁ। ସେଥିପାଇଁ ତାଙ୍କୁ ବା ଅନ୍ୟମାନଙ୍କୁ ଟିମ୍‌ରେ ସ୍ଥାନ ଦିଆଯାଇ ନ ଥାଇପାରେ। ପୁନଶ୍ଚ ମହମ୍ମଦ ମୋକିମ ଓ ସୋଫିଆ ଫିର୍‌ଦୋସଙ୍କୁ କୌଣସି ଟିମ୍‌ରେ ରଖାଯାଇ ନ ଥିବା ପ୍ରସଙ୍ଗରେ କେବଳ ପିସିସି ସଭାପତି ହିଁ ଉତ୍ତର ଦେଇ ପାରିବେ ବୋଲି ଜୟଦେବ କହିଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଭକ୍ତ ବାବୁଙ୍କ ଏହି ଟିମ୍ କଂଗ୍ରେସକୁ ସୁଦୃଢ଼ କରିବ ବୋଲି ଆମେ ଆଶା କରୁଛୁ। ତେବେ ସେ ଯଦି ବୁଦ୍ଧି ବିଚାରି ଟିମ୍ କରିଥିବେ, ତେବେ ଫଳ ଦେବ, ବୁଦ୍ଧି ବିଚାରି କରି ନ ଥିଲେ ଭଲ ଫଳ ଦେବ ନାହିଁ। ତାଙ୍କ ନେତୃତ୍ୱରେ ଯେଉଁ କମିଟି ହୋଇଛି କଂଗ୍ରେସକୁ ଏହା ଆଗକୁ ବଢ଼ାଇବ ବୋଲି ସେ ଆଶା କରୁଥିବା କହିଛନ୍ତି। ଅନ୍ୟପକ୍ଷରେ ବିଧାୟିକା ସୋଫିଆ ଫିରଦୋସ କହିଛନ୍ତି ଯେ ତାଙ୍କୁ କମିଟିରେ ସ୍ଥାନ ମିଳୁ ବା ନ ମିଳୁ, ସେଥିରେ କିଛି ଅସୁବିଧା ନାହିଁ। ସେ ଦଳ ପାଇଁ କାମ କରୁଛନ୍ତି ଓ ଭବିଷ୍ୟତରେ ତାହାକୁ ଜାରି ରଖିବେ ବୋଲି ସୋଫିଆ କହିଛନ୍ତି ।

# ଭୂତଳ ଜଳସ୍ଥିତି ଚିନ୍ତାଜନକ

ଭୁବନେଶ୍ୱର, ୧୮।୫(ସମିସ): ରାଜ୍ୟର ଅନେକ ଅଞ୍ଚଳରେ ଭୂତଳ ଜଳସ୍ତର ଚିନ୍ତାଜନକ ଭାବେ ତଳକୁ ଖସୁଛି। କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷାଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ନେଉଛନ୍ତି, ତା'ର ମଧ୍ୟ ହିସାବ ନାହିଁ। ବିଶେଷକରି ସହରାଞ୍ଚଳ ଗଢ଼ି ଉଠୁଥିବା ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ମନଇଚ୍ଛା ପାଣି ବ୍ୟବହାର ହେଉଛି। ଏସବୁ ରୋକିବା ପାଇଁ ସରକାର ୩ ବର୍ଷ ପୂର୍ବେ ଭୂତଳ ଜଳ ଅଧିନିୟମ କାର୍ଯ୍ୟକାରୀ କରିବେ ବୋଲି ଘୋଷଣା କରିଥିଲେ। ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲାନି।

ସେତେବେଳେ କୁହାଯାଇଥିଲା ଯେ, ଭୂଗର୍ଭସ୍ଥ ଜଳ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଭୂତଳ ଜଳ କର୍ତ୍ତୃପକ୍ଷ ଗଠନ ହେବ। ଏଥିରେ ଜଳସମ୍ପଦ ବିଭାଗ ସଚିବ ଅଧ୍ୟକ୍ଷ ରହିବେ। ଭୂତଳ ଜଳ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଆବାହକ ସଦସ୍ୟ, ଆରଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀ, ଆଇଆଇଟି ଏକ୍ସପର୍ଟ ଏହାର ସଦସ୍ୟ ରହିବେ। ଯେଉଁମାନେ ବୋର୍‌ୱେଲ୍ ଖୋଳିବାକୁ ଚାହିଁବେ, ସେମାନେ ଭୂତଳ ଜଳ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ। ଏକ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କର ଆବେଦନକାରୀ ବୋର୍‌ୱେଲ୍ ଖନନ ପାଇଁ ଯୋଗ୍ୟ କି ନୁହନ୍ତି ତାହା ଯାଞ୍ଚ କରିବ। ଯଦି ସମ୍ପୃକ୍ତ ଅଞ୍ଚଳରେ ପାଇପ୍ ଯୋଗେ ପାନୀୟ ଜଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବ, ତେବେ ସେସବୁ ସ୍ଥାନରେ ବୋର୍‌ୱେଲ୍ କିମ୍ବା ଡଗ୍‌ୱେଲ୍ ପାଇଁ ଅନୁମତି ମିଳିବ ନାହିଁ। ତେ।।ବେ ଯୋଗ୍ୟ ଆବେଦନକାରୀଙ୍କୁ ଏକ ଫି' ଜମା କରିବାକୁ ପଡ଼ିବ। ପ୍ରାଥମିକ ଭାବେ ୩ ବର୍ଷ ପାଇଁ ଅନୁମତି ଦିଆଯିବ।

ସେହିପରି ଘରୋଇ ବ୍ୟବହାର ପାଇଁ ବୋର୍‌ୱେଲ୍ ଖୋଳିସାରିଥିବା ଘର ମାଲିକଙ୍କୁ ମଧ୍ୟ ପଞ୍ଜୀକରଣ କରିବାକୁ ପଡ଼ିବ। ଏଥିପାଇଁ ସେମାନଙ୍କୁ ଏକ ନୋମିନାଲ ଫି' ଦେବାକୁ ହେବ। ରାଜ୍ୟରେ କେତେ ବୋର୍‌ୱେଲ୍ ଅଛି ସେନେଇ ମଧ୍ୟ ସର୍ଭେ କରାଯିବ। ଏହା କରିବା ଦ୍ୱାରା ମନଇଚ୍ଛା ପାଣି ଶୋଷିବାରେ ରୋକ୍ ଲାଗିପାରିବ। ହେଲେ ଏହା କେବଳ ଆଲୋଚନା ଓ ଘୋଷଣାରେ ସୀମିତ ରହିଯାଇଛି। ୩ ବର୍ଷ ହେଲା ଏହାକୁ କାର୍ଯ୍ୟକାରୀ କରିବାରେ ଜଳସମ୍ପଦ ବିଭାଗ ବିଫଳ ହୋଇଛି। ଏଭଳି ସ୍ଥିତି ଜାରି ରହିଲେ, ଆଗକୁ ପରିସ୍ଥିତି ଭୟଙ୍କର ହେବ। ପିଇବା ପାଇଁ ବି ପାଣି ଟୋପେ ମିଳିବନି ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଲେଣି।

- ଘୋଷଣାରେ ସୀମିତ ଭୂତଳ ଜଳ ଅଧିନିୟମ
- ମନଇଚ୍ଛା ଶୋଷୁଛନ୍ତି ଶିଳ୍ପ ସଂସ୍ଥା ଓ ବିଲ୍ଡର
- ରାଜ୍ୟର ୭ ବ୍ଲକ୍‌ରେ ଅଭାବନୀୟ ସ୍ଥିତି

ଉଲ୍ଲେଖଥାଉ କି, ରାଜ୍ୟର ୭ ବ୍ଲକରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି। ସେହି ବ୍ଲକ୍‌ଗୁଡିକ ହେଲା ବାହାନଗା, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର। ଏହିସବୁ ବ୍ଲକରେ ଭୂତଳ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ସେମିକ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକ୍‌ଗୁଡ଼ିକରେ ଯଦି ଭୂତଳ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ, ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ। ଗ୍ରାଉଣ୍ଡ ୱାଟର୍ ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲୁଆର୍‌ଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩,୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି।

### ରାଜଧାନୀ ପାଇଁ ସତର୍କ ଘଣ୍ଟି

ଲକ୍ଷ୍ମୀସାଗର ଅଞ୍ଚଳରେ ଜଳସ୍ତର ୫ ବର୍ଷ ପୂର୍ବେ ୫.୧୩ ମିଟର ଜଳସ୍ତର ରହିଥିବାବେଳେ ଏବେ ଏହା ଖସି ୪.୦୭ ମିଟର ରହିଛି। ସେହିଭଳି ନୂଆପଲ୍ଲୀ ଅଞ୍ଚଳରେ ୫.୪୧ ମିଟର ଥିବାବେଳେ ଏବେ ୪.୯୪ ମିଟର ରହିଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ପୂର୍ବରୁ ଜଳସ୍ତର ଭଲ ସ୍ଥିତିରେ ଥିଲା। ଅର୍ଥାତ୍ ୬.୯୦ ମିଟର ଥିବାବେଳେ ଏବେ ହ୍ରାସ ପାଇ ୪.୧୫ ମିଟରକୁ ଖସି ଆସିଛି। ଖଣ୍ଡଗିରି ଅଞ୍ଚଳରେ ଗୁରୁତର ଭାବେ ପାଖାପାଖି ୩ ମିଟର ହ୍ରାସ ପାଇଛି। ଏହାଠାରୁ ଉଦ୍‌ବେଗଜନକ ସ୍ଥାନ ହେଉଛି ସାମନ୍ତରାପୁର। ଏଠି ଜଳସ୍ତର ପ୍ରତିବର୍ଷ ଭୟଙ୍କର ଭାବେ ଖସିବାରେ ଲାଗିଛି। ଏଥିସହ ପୁରୁଣା ଭୁବନେଶ୍ୱର, ରାଜଧାନୀର ୟୁନିଟ୍ ଏରିଆ ଓ ସୁନ୍ଦରପଦା ଅଞ୍ଚଳରେ ଜଳସ୍ତର କିଛି ବର୍ଷ ଧରି ସ୍ଥିର ରହିଥିବାବେଳେ ଗତ ଦୁଇ ବର୍ଷ ହେଲା ହ୍ରାସ ପାଇବାରେ ଲାଗିଛି। ଏବେ ବି ଏହା ନିୟନ୍ତ୍ରଣାଧୀନ ସ୍ଥିତିରେ ଥିବାବେଳେ ଆଗାମୀ ଦିନରେ ହ୍ରାସ ପାଇବାକୁ ଏଡ଼ାଇ ଦିଆଯାଇନପାରେ ବୋଲି କୁହାଯାଉଛି।

### ବଜ୍ରପାତ ମୃତ୍ୟୁ ତତ୍କାଳ ରୋକିପାରିବ କି ତାଳଗଛ

# ଗଛ ବଢୁବଢୁ କୋଡ଼ିଏ ବର୍ଷ

ଭୁବନେଶ୍ୱର,୧୮।୫(ସମିସ): ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ତାଳଗଛ ଉପରେ ଭରସା କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ସାରା ରାଜ୍ୟରେ ବ୍ୟାପକ ତାଳ ଗଛ ରୋପଣ ସହ ପୁରୁଣା ତାଳଗଛ କାଟିବା ଉପରେ ରାଜ୍ୟ ବନ ବିଭାଗ ରୋକ୍ ଲଗାଇଛି। ଅନ୍ୟପଟେ ରାଜ୍ୟରେ ଏବେ ତାଳ ଗଛ ଲଗାଇବା ପ୍ରକ୍ରିୟା ଜୋରଦାର ହୋଇଛି। ପୂର୍ବ ବର୍ଷ ୧୯ ଲକ୍ଷ ତାଳଗଛ ଲଗାଯାଇଥିବା ବେଳେ ଏଥର ପୁଣି ୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ତାଳ ଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏସବୁ ଭିତରେ ପୂର୍ବରୁ ଏହି ଯୋଜନା ଆପଣାଇ ବିଫଳ ହୋଇଥିବା ବାଂଲାଦେଶରେ ଏବେ ବି ବଜ୍ରପାତ ମୃତ୍ୟୁ ଭୟାନକ ଭାବେ ଜାରି ରହିଥିବାରୁ ଓଡ଼ିଶାରେ ଏହା କେତେ ଫଳପ୍ରଦ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ୨୦୧୭ ମସିହାରୁ ବାଂଲାଦେଶ ସରକାର ୧୦ ମିଲିୟନ ତାଳଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆଧାରରେ ସେଠାରେ ତାଳ ଗଛ ଲଗାଯାଇଥିଲା। ମାତ୍ର ୮ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ହ୍ରାସ ନ ଘଟିବା ପରେ ଏହାକୁ ସ୍ଥାନୀୟ ସରକାର ଏକ ବିଫଳ ଯୋଜନା ଭାବେ ଘୋଷଣା କରି ନୂତନ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି। ଓଡ଼ିଶାରେ ପ୍ରତିବର୍ଷ ବଜ୍ରପାତ ଯୋଗୁଁ ହାରାହାରି ୩୦୦ ଲୋକ ପ୍ରାଣ ହରାଉଛନ୍ତି। ଏହି ସ୍ଥିତିରେ ସରକାର ଆପଣେଇଥିବା ତାଳଗଛ ଲଗାଇବା ଯୋଜନା ବଜ୍ରପାତ ମୃତ୍ୟୁ ରୋକିପାରିବ କି ନା, ତାକୁ ନେଇ ବଜ୍ରପାତ ଗବେଷଣା ଉପରେ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରିଛନ୍ତି।

ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ରାଜ୍ୟରେ ଯେତେ ସଂଖ୍ୟକ ତାଳ ଗଛ ରହିଛି, ତାହା ବଜ୍ରପାତ ମୃତ୍ୟୁ ରୋକିବାରେ ବିଫଳ ହୋଇଛି। ଏମିତିକି ରାଜ୍ୟରେ ଖଇରା ଓ ଔପଦାରେ ବ୍ୟାପକ ତାଳ ଗଛ ଥିବା ସତ୍ତ୍ୱେ ସେଠାରେ ମଧ୍ୟ ବଜ୍ରପାତଜନିତ ମୃତ୍ୟୁ ଜାରି ରହିଛି। ଏହା ବ୍ୟତୀତ ଗୋଟିଏ ତାଳଗଛ ନିର୍ଦ୍ଦିଷ୍ଟ ଉଚ୍ଚତା ଓ ସଠିକ୍ ଅବସ୍ଥାକୁ ଆସିବା ପାଇଁ ହେଲେ ୨୦ରୁ୨୫ ବଷ ଆବଶ୍ୟକ। ତେଣୁ ତତ୍କାଳ ବିପଦରୁ ଜନସାଧାରଣଙ୍କୁ ଉଦ୍ଧାର କରିବା ପାଇଁ ହେଲେ ସରକାରଙ୍କୁ ତୁରନ୍ତ ପଦକ୍ଷେପର ଆବଶ୍ୟକତା ରହିଥିବା ନେଇ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନ୍ୟ ବିପର୍ଯ୍ୟୟଗୁଡ଼ିକରେ ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାର ସଫଳତା ବହୁ ଆଗରେ ରହିଛି। ମାତ୍ର ବଜ୍ରପାତଜନିତ ମୃତ୍ୟୁ ରାଜ୍ୟ ପାଇଁ ଲଗାତାର ଭାବେ ଆହ୍ୱାନ ଛିଡ଼ା କରିବାରେ ଲାଗିଛି। ଏହି ସ୍ଥିତିରେ କେବଳ ଜନସଚେତନତା ଓ ସୁରକ୍ଷିତ ରହଣି ଦ୍ୱାରା ହିଁ ବଜ୍ରପାତ ମୃତ୍ୟୁକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ଗୁରୁତ୍ୱ ଦେଉଛନ୍ତି।

- ବାଂଲାଦେଶରେ ବିଫଳ ହୋଇଛି ଯୋଜନା
- ଜନସଚେତନତା ସୃଷ୍ଟି ହିଁ ଏକମାତ୍ର ବିକଳ୍ପ

ବଜ୍ରପାତ ମୃତ୍ୟୁ ହ୍ରାସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ମୁଖ୍ୟତଃ ଗଛମୂଳେ ଆଶ୍ରୟନେଇ ଲୋକ ପ୍ରାଣହାନୀର ଶିକାର ହେଉଥିବା ବେଳେ ବିଲରେ ଚାଷ କରୁଥିବା ବେଳେ ମଧ୍ୟ ବହୁ ଲୋକ ବଜ୍ରପାତରେ ପ୍ରାଣ ହରାଉଛନ୍ତି। ତେଣୁ ଏହି ବର୍ଗଙ୍କୁ କିପରି ବଜ୍ରପାତରୁ ସୁରକ୍ଷା ଦିଆଯାଇପାରିବ, ସେନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ବର୍ତ୍ତମାନ ବଜ୍ରପାତଜନିତ ଆକଳନ କେବଳ ଜିଲ୍ଲାୱାରୀ କରାଯାଉଛି। ମାତ୍ର ନିର୍ଦ୍ଦିଷ୍ଟ ଭାବେ କେଉଁ ଅଞ୍ଚଳରେ ବଜ୍ରପାତର ପ୍ରଭାବ



ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଯାହାଦ୍ୱାରା ଲୋକେ ରାଜ୍ୟ ସରକାରଙ୍କ ଆକଳନକୁ ଅଣଦେଖା କରୁଛନ୍ତି। ତେଣୁ ପଞ୍ଚାୟତ କିମ୍ବା ଗ୍ରାମାଞ୍ଚଳୱାରୀ କିପରି ବଜ୍ରପାତକୁ ନେଇ ଆକଳନ ସମ୍ପର୍କରେ ସୂଚନା ଦିଆଯିବା ସେନେଇ ପଦକ୍ଷେପ ନେଲେ ହିଁ ବଜ୍ରପାତ ମୃତ୍ୟୁ ରୋକିବା କ୍ଷେତ୍ରରେ ଫଳପ୍ରଦ ହୋଇପାରିବ ବୋଲି ସେ କହିଛନ୍ତି।

ସୂଚନା ଥାଉ କି, ୨୦୧୭-୧୮ରେ ରାଜ୍ୟରେ ବଜ୍ରପାତରେ ସର୍ବାଧିକ ୪୭୪ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ବଜ୍ରପାତ ଜନିତ ମୃତ୍ୟୁରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଥିଲା। ସେହିବର୍ଷ ରାଜ୍ୟରେ ୨୧୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିଲା। ସେହିପରି ଚଳିତ ବର୍ଷ ଗୋଟିଏ ଦିନରେ ୧୪ ଜଣଙ୍କ ପ୍ରାଣହାନୀ ହୋଇଥିବା ବେଳେ ୨ ଦିନରେ ୧୯ ଜଣ ଲୋକ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସରକାର ଏହି ମୃତ୍ୟୁ ରୋକିବା ପାଇଁ



ସରକାର କୌଣସି ଠୋସ୍ ପଦକ୍ଷେପ ନ ନେଉଥିବାରୁ ଗ୍ରାମାଞ୍ଚଳରେ ଲୋକଙ୍କ ଚିନ୍ତା ବଢ଼ିଛି। ଅନ୍ୟପଟେ ଗଛ ଲଗାଇବା ପାଇଁ କିପରି ସ୍ଥାନ ନିରୂପଣ କରାଯାଉଛି ଓ କେଉଁ ପଦ୍ଧତି ଆପଣାଯାଉଛି, ତାହା ଜଣାନାହିଁ। ତେଣୁ ସରକାର କେବଳ ତାଳଗଛ ଭରସାରେ ରହିଗଲେ ପୂର୍ବଭଳି ମୃତ୍ୟୁ ସଂଖ୍ୟା ଜାରି ରହିବ ସିନା, ଏହାର ତୁରନ୍ତ ସମାଧାନ ଆଶା କ୍ଷୀଣ ରହିଛି।

### ଅଜଣା ରୋଗ

# ଦୁଇଶହ ପରିବାରର ୫୦୦ ଆକ୍ରାନ୍ତ

## ଧରିପାରୁନାହାନ୍ତି ଡାକ୍ତର, ରକ୍ତ ନମୁନା ପରୀକ୍ଷାରେ ବି ଜଣାପଡୁନି

ପଡ଼ିଆ, ୧୮।୫ (ସମିସ): ଗୋଡ଼ହାତ ଫୁଲିବା ସହ ଭୀଷଣ କମ୍ପରେ ଦେହ ଥରୁଛି। ପରେ ହାତ ଆଙ୍ଗୁଳି ଓ ଗୋଡ଼ହାତ ଗଣ୍ଠିଗୁଡ଼ିକ ଯନ୍ତ୍ରଣା ହେଉଛି। ପୁଣି କାହାର ମୁହଁ କଳା ପଡ଼ି ଯାଉଛି ତ କାହାର ଦେହସାରା କୁଣ୍ଡାଇ ହୋଇ ଆବୁ ଭଳି ଫଳି ଯାଉଛି। ଅବସ୍ଥା ଏପରି ହେଉଛି ଯେ ବୟସ୍କମାନେ ଚାଲି ପାରୁନାହାନ୍ତି। କିନ୍ତୁ ଡାକ୍ତରଙ୍କୁ ଦେଖାଇବାଠାରୁ ଆରମ୍ଭ କରି ରକ୍ତ ନମୁନା ପରୀକ୍ଷା କରାଇଲେ ବି କି' ରୋଗ ହୋଇଛି, ତାହା ଧରାପଡୁନି। ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଅଞ୍ଚଳରେ ଏବେ ଏମିତି ଏକ ଅଜଣା ରୋଗ ଆତଙ୍କ ଖେଳାଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ପାଖାପାଖି ୫ଶହରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ କଲବଲ ହେଉଥିବା ବେଳେ ଧୀରେଧୀରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରୋଗର ଶିକାର ହେଉଛନ୍ତି। ମାସେରୁ ଅଧିକ ସମୟ ହେଲା ଲୋକେ ଏଥିରେ ଆକ୍ରାନ୍ତ ହୋଇ ଚାଲିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବି ଚିନ୍ତା ବଢ଼ିଯାଇଛି। ଏହି ରୋଗରେ ପୀଡ଼ିତ ପଡ଼ିଆ ସଦର ମହକୁମା ଖ୍ରୀଷ୍ଟିଆନ୍ ସାହିର କେତେକ ରୋଗୀ ମାଲକାନଗିରି ସଦର ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗ ଦେଖାଇ ଔଷଧ ଆଣି ଖାଇଲେ। କିଛି ଘଣ୍ଟା ଯନ୍ତ୍ରଣାରୁ ମୁକ୍ତି ମିଳିଲା। କିନ୍ତୁ ପରେ ଅବସ୍ଥା ଯାହାକୁ ସେୟା। ମେଷାକ ରବି ମାଦ୍ରୀ, ନାଗଲୁ ସେନ୍ତାଆମ୍ମା, ନାଗଲୁ ମଞ୍ଜୁ, ସୁଧାଲ ଜୟ ରାଜୁ, ବତୀନ ଜୟରାଜୁ, ବତୀନ ଦୈବ କୁମାରୀ, ବେଦି ଧନ ଲକ୍ଷ୍ମୀ, ଚିନାମ ମିନତୀ, ମାଦ୍ରୀ ସାଲବମ, ମାଦ୍ରୀ କୃପାବତୀ, ମାଦ୍ରୀ ପଦ୍ମା ମଣି, ବାତିମ ସୀମା, ତୋକଲ ରାଜୁ, ବନ୍ତାଲ ୱାରା ଲକ୍ଷ୍ମୀ, କୋଡ଼ି ଶକୁନ୍ତଳା, ନାଗଲୁ ସୁନୀଲ, ସୁଧାଲ ଜୟ ଆମ୍ମା, ଚିନାମ ରୂପା ରାଣୀଙ୍କ ପରିବାର ଭଳି ୨ଶହ ପରିବାରର ୫ ଶହ ଲୋକେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଯନ୍ତ୍ରଣା ଅଧିକ ହେବାରୁ କିଛି ରୋଗୀ ପଡ଼ୋଶୀ ରାଜ୍ୟର ଘରୋଇ ଡାକ୍ତରଖାନାକୁ ଯାଉଥିବା ଜଣାଯାଇଛି।

୩ ମାସ ତଳେ ଲୋକଙ୍କ ଶରୀରରେ ଏଭଳି ଲକ୍ଷଣ ଦେଖାଦେଇଥିଲା। ସେତେବେଳେ ଚିକିତ୍ସା ଦ୍ୱାରା ଏହା ଠିକ୍ ହୋଇଯାଇଥିଲା। ଏବେ ଲୋକଙ୍କ ମଧ୍ୟରେ ପୂର୍ବାପେକ୍ଷା ଭିନ୍ନ ଲକ୍ଷଣ ଦେଖିବାକୁ ମିଳିଛି। ଦାୟିତ୍ୱରେ ଥିବା ଡାକ୍ତର ରାଜନାରାୟଣ ସିଂଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରକ୍ତ ନମୁନା ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଲବ୍ରୋରେଟୋରିରୁ ଟିମ୍ ଆସି ସାରିଲେଣି। ଚିକିତ୍ସା ପାଇଁ ଟିମ୍ ପହଞ୍ଚି ଆରମ୍ଭ କରିବେ। କେତେ ଲୋକ ଆକ୍ରାନ୍ତ ଜଣାପଡ଼ିବ। ରୋଗ ଚିହ୍ନଟ କରାଯାଇ ଚିକିତ୍ସା କରାଯାଇ ସମସ୍ତଙ୍କୁ ଆରୋଗ୍ୟ କରାଯିବ। ତେବେ ଏ ସମ୍ପର୍କରେ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ବେହେରା ପରୀକ୍ଷା ଏବଂ ଟ୍ରେନିଂ ପାଇଁ ବାହାରକୁ ଯାଇଥିବାରୁ ତାଙ୍କ ସହ ଫୋନ ଯୋଗେ ଯୋଗାଯୋଗ ହୋଇପାରିନାହିଁ।

# 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୫



## ସମ୍ବର୍ଦ୍ଧିତ ହେଲେ ପଶ୍ଚିମ ଓଡ଼ିଶା ୧୦ ଜିଲ୍ଲାର ବ୍ଲକ୍ ଟପ୍ପର

ଏକ ଭବ୍ୟ ବର୍ଣ୍ଣାଢ୍ୟ ପରିବେଶରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ସମସ୍ତ ବ୍ଲକ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଛାତ୍ରଛାତ୍ରୀଙ୍କ ସହିତ ସେମାନଙ୍କ ଅଭିଭାବକ ଓ ଶିକ୍ଷକମାନେ ସମ୍ବର୍ଦ୍ଧନାରେ ସାମିଲ ହୋଇ ଗର୍ବ ଓ ଗୌରବ ଅନୁଭବ କରିବା ସହ ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସହଭାଗିତା କରିଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ନିଉଟନ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସର ଅଧାପକ ସୁରଜ ସାହୁ, ଏମ୍‌ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଅଧକ୍ଷ ଅଭିଜିତ ବାବୁ, କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ନାଥ ପଣ୍ଡା, ବୈଦିକ ହାୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ସୁକାନ୍ତ କୁମାର ମହାପାତ୍ର ଓ ପିନାକଲ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଇଂ. ମନୋରଞ୍ଜନ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଠନ ଏବଂ ସେମାନେ ତାଙ୍କ ଅନୁଷ୍ଠାନର ଦିଆଯାଉଥିବା ସୁବିଧା ସୁଯୋଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା ବିଷୟରେ ବକ୍ତବ୍ୟ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନନ୍ଦିଘୋଷ ସମ୍ବଲପୁର ବ୍ୟୁରୋ ମୁଖ୍ୟ ସମୀର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଏବଂ ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ଏଜିଏମ୍ ନରୋତ୍ତମ ଗୁରୁଙ୍କ ତତ୍ତ୍ୱାବଧାନରେ ସକାଳ ସମ୍ପାଦନା ବିଭାଗର ଶୁଭମ ଖଡ଼ିରତ୍ନ, ନରସିଂହ ବଗର୍ତ୍ତୀ, ପ୍ରସାରଣ ବିଭାଗର ସନତ ସ୍ୱାଇଁ, ମୁଦ୍ରଣ ବିଭାଗର ନିରଞ୍ଜନ ଲେଙ୍କା, ମୁକେଶ ଶର୍ମା, ଅମିତ ସିଂ, ସଞ୍ଜୁ ସିଂ, ଯୁଗଳ ପ୍ରଧାନ, ସ୍ମୃତିରଞ୍ଜନ କାଳିଆ, ଉପେନ୍ଦ୍ର ବରିହା, ଗୋଲକ ମୋହନ ଛତ୍ରିଆ, ସଞ୍ଜିବ ପରିଡ଼ା, ସୁନୀଲ ଗୁପ୍ତା, ସୌମ୍ୟ, ଅଜୟ ସୁନା, ରଞ୍ଜନ ପଲାଇ, ନନ୍ଦିଘୋଷ ଟିଭିର ନିଲୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।







**ମିମାଂଶା ରଥ**
ଉଦ୍‌ଘୋଷିକା



**ପ୍ରଫେସର ସୁଶାନ୍ତ କୁମାର ଦାସ**
ଭାରପ୍ରାପ୍ତ କୁଳପତି, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ



**ସୁରଜ ସାହୁ**
ନିଉଟନ୍ ହାୟର ସେକେଣ୍ଡାରୀ ସ୍କୁଲ୍ ଅଫ୍ ସାଇନ୍ସ



**ଅଭିଜିତ ବାବୁ**
ଅଧକ୍ଷ, ଏମ୍ସ ହାୟର ସେକେଣ୍ଡାରୀ ସ୍କୁଲ୍



**ଡ. ସମରେନ୍ଦ୍ର ନାଥ ପଣ୍ଡା**
ନିର୍ଦ୍ଦେଶକ, କ୍ରୀଷ୍ଣାବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ



**ସୁକାନ୍ତ କୁମାର ମହାପାତ୍ର**
ଅଧକ୍ଷ, ବୈଦିକ ହାୟର ସେକେଣ୍ଡାରୀ ସ୍କୁଲ୍



**ଇଂ. ମନୋରଞ୍ଜନ ମିଶ୍ର**
ନିର୍ଦ୍ଦେଶକ, ପିନାକଲ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ



**ଡ. ତେଜରାଜ ପାତ୍ର**
ନିର୍ଦ୍ଦେଶକ, ନିଉଟନ୍ ହାୟର ସେକେଣ୍ଡାରୀ ସ୍କୁଲ୍ ଅଫ୍ ସାଇନ୍ସ



**ସମୀର ଷଡ଼ଙ୍ଗୀ**
ବ୍ୟୁରୋ ମୁଖ୍ୟ, ନନ୍ଦିଘୋଷ



**ସୁକାନ୍ତ କୁମାର କର**
ଜିଲ୍ଲା ପ୍ରତିନିଧି, ସକାଳ



ସକାଳ | ମାଟ୍ରିକ ଉତ୍କର୍ଷ ସମ୍ମାନ ୨୦୨୫

Supported by
AIMS GROUP OF INSTITUTIONS
NEWTON Higher Secondary School of Science SAMBALPUR
PINNACLE GROUP OF INSTITUTIONS
AIPH University Bhubaneswar (Odisha)
VEDIC GROUP OF INSTITUTIONS | SAMBALPUR | RAIGARH | BARGARH
Krishna Vikash Group of Institutions
JUPITER GROUP OF INSTITUTIONS
ଓମ୍‌ଫେଡ୍ କ୍ଷୀର ଓଡ଼ିଶାର



# ଗରମରେ ଛଟପଟ ଡାକ୍ତରୀ ଛାତ୍ରୀ

**ସମ୍ବଲପୁର, ୧୮ ।୫(ସମିସ):** ଖରା ଦିନେ କାଳବୈଶାଖୀର ପ୍ରଭାବରେ ବିଦ୍ୟୁତ୍ ସେବା ବ୍ୟାଘାତ ହୋଇଥାଏ। ହେଲେ ଲାଇନ୍ କଟିଲେ ଠିକ ଭାବେ ଏହାର ମୁକାବିଲା କରିପାରୁନାହାଁ। ଶନିବାର ବୁର୍ଲାସ୍ଥିତ ଭିମସାରରେ ବିଦ୍ୟୁତ୍ ଲୁଚକାଳି ଖେଳ ଖେଳିଥିଲା ।ଏହି ଲୁଚକାଳି ଖେଳ ପାଇଁ ଯନ୍ତ୍ରଣା ଭୋଗିଥିଲେ ଡାକ୍ତରୀ ଛାତ୍ରୀ। ରାତି ସାଢେ ୧୨ଟାରୁ ବିଦ୍ୟୁତ୍ ସେବା ବ୍ୟାଘାତ ହେବା ପରେ ଆଜି ଅପରାହ୍ନ ୨ଟାରେ ସମ୍ପୂର୍ଣ୍ଣ ଲାଇନ ସେବା କାର୍ଯ୍ୟକ୍ଷମ ହୋଇଥିଲା। ସୂଚନା ଅନୁସାରେ ଶନିବାର ରାତି ୧୧ଟା ପରେ ଭିମସାର୍ ସ୍ଥିତ ଦେବଜାନୀ ଓ ଆନନ୍ଦି ଛାତ୍ରୀନିବାସରେ ଲୋଭୋଲଟେଜ ସମସ୍ୟା ଦେଖା ଦେଇଥିଲା। ରାତି ୧୨ଟା ପରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ହଷ୍ଟେଲରୁ କଟିଯାଇଥିଲା। ଉକ୍ତ ଦୁଇ ଛାତ୍ରୀନିବାସରେ ଉଭୟ ପିଜି ଓ ୟୁଜି ଡାକ୍ତରୀ ଛାତ୍ରୀ ରହିଥାନ୍ତି। ରାତିରେ ଲାଇନ କଟିଯିବା ଫଳରେ ଛାତ୍ରୀମାନେ ଅସହ୍ୟ ଗରମରେ ଛଟପଟ ହୋଇଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲେ। ଏହି ସମୟରେ ଡିଜି ଲଗାଇବାକୁ କୁହାଯାଇଥିଲା। କିନ୍ତୁ ଠିକ ସମୟରେ ଡିଜି ମଧ୍ୟ କାର୍ଯ୍ୟକ୍ଷମ ହୋଇନଥିଲା। ସକାଳୁ ପୁଣି ଲାଇନ ଆସିଥିଲା। କିନ୍ତୁ ଲୋ ଭୋଲଟେଜ୍ ରହିଥିଲା। ଟ୍ରାନ୍ସଫରମର କେବୁଲ ତାର ପୋଡି ଯାଇଥିବାରୁ ଏପରି ସମସ୍ୟା ହୋଇଥିବା ନେଇ ହଷ୍ଟେଲ ପକ୍ଷରୁ ସୂଚନା ମିଳିଛି। ଦିନତମାମ ଛାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ଶେଷରେ ଅପରାହ୍ନରେ ବିଦ୍ୟୁତ୍ ସେବା ପୁଣି ଆରମ୍ଭ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, କାଳବୈଶାଖୀ କ୍ଷତି ପାଇଁ ଟିପିଡବ୍ଲ୍ୟୁଓଡିଏଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛି। ଏପରିକି ୬ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବା ପୁନଃ ଆସିଯିବ ବୋଲି ମଧ୍ୟ କୁହାଯାଇଥିଲା। ଖରା ଦିନେ ବିଦ୍ୟୁତ୍ ସେବା ବ୍ୟାଘାତ ହେଲେ ତୁରନ୍ତ କାମ କରି ଲାଇନ ଦେବାକୁ ମଧ୍ୟ କମ୍ପାନୀକୁ କୁହାଯାଇଛି। ହେଲେ ଗତକାଲି ବୁର୍ଲା ଭିମସାର ଛାତ୍ରୀନିବାସରେ ଏହାର ବ୍ୟତିକ୍ରମ ଦେଖାଦେଇଥିଲା।

**ଭିମସାର୍ ଡିଜି ମଧ୍ୟ କାମରେ ଆସିଲାନି**

# ଭାଗ ମାଗିବାରୁ ଭଉଣୀକୁ ମାରିଦେଲେ

**ସମ୍ବଲପୁର/କୁଚିଣ୍ଡା, ୧୮ ।୫(ସମିସ)**

ଭାଇ ଭଉଣୀ ସ୍ନେହର ସମ୍ପର୍କ। ହେଲେ କିଛିଟି ଭାଗ ପାଇଁ ସମ୍ପର୍କରେ ରକ୍ତର ହୋଲି ଖେଳି ଯାଇଛି। ମଝିଆ ଭଉଣୀକୁ ସାନ ଭାଇ ଓ ବଡ ଭଉଣୀ ଛୁରିରେ ଆକ୍ରମଣ କରି ବିଭତ୍ସ ଭାବେ ହତ୍ୟା କରିଛନ୍ତି। ବାମରା ଗୋବିନ୍ଦପୁର ଥାନା ମଝିପଡ଼ାରେ ଏପରି ଘଟଣା ଘଟିଛି। ରବିବାର ପୂର୍ବାହ୍ନ ୧୧ ଟା ସମୟରେ ବଡ ଭଉଣୀ ମିଲି ସାହୁ(୪୨) ଓ ସାନ ଭାଇ ଗୋଲକ ସାହୁ(୩୮) ମିଶି ମଝିଆ ଭଉଣୀ ଲିନା(୪୦)କୁ ଧାରୁଆ ଛୁରିରେ ଆକ୍ରମଣ କରି ନୃଶଂସ ଭାବେ ହତ୍ୟା କରିଛନ୍ତି। ଗୋବିନ୍ଦପୁର ଥାନା ପୁଲିସ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁସାରେ ଗୋବିନ୍ଦପୁର ମଝିପଡ଼ା ନିବାସୀ ପୂର୍ବତନ ପଞ୍ଚାୟତ ସେକ୍ରେଟାରୀ ବିନୋଦ ବିହାରୀ ସାହୁଙ୍କ ବଡ ଝିଅ ମିଲିଙ୍କ ବିବାହ ହୋଇଥିଲା। ବିବାହ ଭାଙ୍ଗି ଯିବାରୁ ବାପ ଘରେ ରହୁଥିଲେ। ମଝିଆ ଝିଅ ଲିନା ମଧ୍ୟ ବାହାଘର ପରେ ଶାଶୂ ଘର ଛାଡ଼ି ବାପ ଘରକୁ ଫେରି ଆସିଥିଲେ। କିନ୍ତୁ ବାପ ଘରେ ଝଗଡ଼ା ହେଉଥିବାରୁ ସମ୍ବଲପୁରରେ ଗୋଟିଏ ଗହଣା ଦୋକାନରେ କାମ କରୁଥିଲେ। ସାନ ପୁଅ ଗୋଲକ ଅବିବାହିତ ଅଛନ୍ତି। ବିନୋଦ ଗୋଟିଏ ସମ୍ପତି ବିକ୍ରି କରିଥିଲେ। ସେଥିରେ ଲିନା ନିଜ ଭାଗ ମାଗି ଥିଲେ। ଭାଗ ନ ମିଳିବାରୁ ସେ କୋର୍ଟରେ କେସ କରିଥିଲେ। କୋର୍ଟ ଭାଗ ଦେବା ପାଇଁ ବିନୋଦକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ବାପ ପୁଅ ଓ ଦୁଇ ଭଉଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେମାନେ ଲିନାକୁ ବାମରା ନ ଆସିବା ପାଇଁ ତାଗିଦ୍ କରିଥିଲେ। ଏହା ସହ ଆସିଲେ ମାରିଦେବା ପାଇଁ ଧମକ ଦେଇଥିଲେ। ରବିବାର ଲିନା ନିଜ ବଡ ବାପାଙ୍କ କାମଘର ଯୋଗ ଦେବା ପାଇଁ ଯାଇଥିଲେ। ଏ ଖବର ପାଇ ଗୋଲକ ବଡ ବାପା ପୁଅକୁ ଲିନାକୁ କିଏ ଡାକିଲା ବୋଲି ପଚାରିଥିଲେ। ଆମେ ଡାକିନୁ ଲିନା ନିଜେ ଆସିଛି ବୋଲି ସେମାନେ କହିଥିଲେ। ଏହା ପରେ ଉତ୍ତେଜିତ ହୋଇ ଗୋଲକ ଓ ମିଲି ବଡ ବାପା ଘରକୁ ଯାଇ ସମସ୍ତଙ୍କ ଉପସ୍ଥିତିରେ ଧାରୁଆ ଛୁରୀରେ ଲିନାକୁ ଆକ୍ରମଣ କରି ହତ୍ୟା କରିଥିଲେ। ଘର ଲୋକେ ଲିନାକୁ ଗୋବିନ୍ଦପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।




# ରେଙ୍ଗାଲବେଡ଼ାରେ ସ୍ୱାସ୍ଥ୍ୟ ଶିବିର

**ଜମନକିରା, ୧୮ ।୫(ସମିସ):** ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡ଼ା କଲ୍ୟାଣ ମଣ୍ଡପରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ୩୩୧ ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ବିଭୂତି କଲ୍ୟାଣ ପଟେଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଭେଷଜ ବିଶେଷଜ୍ଞ ଡ଼.ସତ୍ୟ ପ୍ରକାଶ ଦୋରା, ଶିଶୁ ରୋଗ ବିଶେଷଜ୍ଞ ଚିତ୍ତରଞ୍ଜନ ଦାସ, ଡ.ସାଇ ଷଡ଼ଙ୍ଗୀ, ମେଡିକାଲ ଲାବ ଟେକ୍ନିସିଆନ୍ ସୌରଭ ରଞ୍ଜନ କର ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଭୋଜପୁର, ଡିମିରିମୁଣ୍ଡା ଓ ସିରିଡ ପଞ୍ଚାୟତ ୩ଟି ଜନ ସାଧାରଣ ଙ୍କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଜେପି ଯୁବ ମୋର୍ଚ୍ଚା ସଭ୍ୟ ରାକେଶ ଶର୍ମା, ଭିକୁ ନାଏକ, ହିତେଶ ମହାକୁଲ୍ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



# ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

**ସମ୍ବଲପୁର, ୧୮।୫ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ରବିବାର ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଯୋଗଗୁରୁ ଡ. ଜୟଦେବ ମେହେର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ଅଶୋକ କୁମାର ହୋତା ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ବିଷୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋଚନା କରିଥିଲେ। ଭବିଷ୍ୟତ ଜୀବନ ତଥା ଦେଶ ଗଠନ ଦିଗରେ ଏହାର ଉପାଦେୟତାକୁ ସେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ସିଦ୍ଧାର୍ଥ ଗୌରବ ମାଝି କୃତ୍ରିମ ବୁଦ୍ଧିମତାର ପ୍ରୟୋଗ, ଆବଶ୍ୟକତା ଓ ବିପଦ ବିଷୟରେ ସରଳ ଓ ପ୍ରାଞ୍ଜଳ ଭାବେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଆଲୋଚନାରେ ପ୍ରଫେସର ସେବକ ତ୍ରିପାଠୀ ତାଙ୍କ ମତାମତ ରଖିଥିଲେ। ଉଦୟ ଭାନୁ ପାଟଯୋଶୀ କୃତ୍ରିମ ବୁଦ୍ଧିମତାର ଉପଯୋଗିତା ବିଷୟରେ କହିଥିଲେ। ଏହି ଅବସରରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ଇଂ.ସୁଶାନ୍ତ କୁମାର ଗୁରୁ, ଗୋଲକ ବିହାରୀ ମିଶ୍ର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଦସ୍ୟ ଡଃ ଗିରିଧାରୀ ହୋତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ହାଇସ୍କୁଲରୁ ୫୬ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ।

# ‘ଐତିହ୍ୟର ମୂକସାକ୍ଷୀ ହେଉଛି ସଂଗ୍ରହାଳୟ’

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ସଂଗ୍ରହାଳୟ ଦିବସ

**ସମ୍ବଲପୁର, ୧୮।୫(ସମିସ) :** ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ମାନବ ଜାତିର ଇତିହାସର ପ୍ରତିଟି ପୃଷ୍ଠାର ଇତିବୃତ୍ତିକୁ ବହନ କରୁଛି। ମାନବ ଜାତିର ଲୌକିକ ଓ ଅଲୌକିକ ଐତିହ୍ୟର ମୂକସାକ୍ଷୀ ହେଉଛି ସଂଗ୍ରହାଳୟ। ସଂଗ୍ରହାଳୟ ନଥିଲେ ପରବର୍ତ୍ତୀ ପିଢ଼ି ବା ଭବିଷ୍ୟତ ବଂଶଧର ଆମ ଗୌରବମୟ ଐତିହ୍ୟ ଓ ପରମ୍ପରା ବିଷୟରେ ଅବଗତ ହେବାରୁ ବଞ୍ଚିତ ହେବେ ବୋଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ତଥା ସଂଯୋଜକ ଐତିହ୍ୟ କ୍ଲବ୍ ପ୍ରଫେସର ଡଃ ଅତୁଲ କୁମାର ପ୍ରଧାନ ମତବ୍ୟକ୍ତ କରିଛନ୍ତି। ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ସଂଗ୍ରହାଳୟ ଦିବସ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସଂଗ୍ରହାଳୟ ଦିବସର ମୁଖ୍ୟ ଥିମ୍ ହେଉଛି ‘ସମାଜ ସହିତ ଜଡ଼ିତ ଏବଂ ପରିବର୍ତ୍ତିତ ସମାଜ ସହିତ ଯୋଡ଼ି ହେବା’। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ସ୍ଥାପନା କରଯାଇଥିବା ସଂଗ୍ରହାଳୟରେ ବହୁତ ଦୁର୍ଲଭ ଐତିହ୍ୟ କୀର୍ତ୍ତିରାଜି ସ୍ଥାନ ପାଇଛି, ଯାହା ଭାରତ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରୁ ସଂଗୃହୀତ କରାଯାଇ ବିଭିନ୍ନ ପ୍ରକୋଷ୍ଠରେ ରଖାଯାଇଛି। ପ୍ରାଗୈତିହାସିକ କାଳର ବିଭିନ୍ନ ହାତହତିଆର, ସିନ୍ଧୁଘାଟି ସଭ୍ୟତାର ଅବଶେଷ, ବରପାଲି ଅସୁରଗଡ଼ର ଉତଖନନରୁ ଆବିଷ୍କୃତ ଅବଶେଷ, ରେଢ଼ାଖୋଲ ନାକଟିଦେଉଳ ଅଞ୍ଚଳରୁ ଆବିଷ୍କୃତ ମନ୍ଦିରର ଭଗ୍ନାବଶେଷ, ପ୍ରାଚୀନ ତାଳପତ୍ର ପୋଥି, ପ୍ରାଚୀନ ମୁଦ୍ରା ଆଦିର ସମ୍ଭାର ଏହି ଇତିହାସ ବିଭାଗର ସଂଗ୍ରହାଳୟ। ଛାତ୍ରଛାତ୍ରୀ, ଗବେଷକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଆଜିର ଦିନରେ ସଂଗ୍ରହାଳୟ ଅବଲୋକନ କରିଥିଲେ। କାର୍ଯ୍ୟକ୍ରମରେ ଇତିହାସ ବିଭାଗର ଅଧ୍ୟାପିକା ଏବଂ ଗବେଷକ ଡଃ ସୀତା ସାହୁ, ଦିବ୍ୟରଞ୍ଜନ ତ୍ରିପାଠୀ, ପ୍ରତିମା ପଣ୍ଡା, ସମ୍ବିତ ମେସୁଆ, ସୁଚିସ୍ମିତା ନାୟକ, ଆୟେଶା ପଣ୍ଡା, ସୋହାନୀ ପଣ୍ଡା, ସୁନୀଲ କୁମାର ଚାନ୍ଦ, ମୁକେଶ ଥାପ୍ପା, ଶୁଭମ ଧରେଇ, ଖୁସବୁ, ଅନନ୍ୟା ପ୍ରାପ୍ତି ହୋତା, ସୁବ୍ରତ ସାହୁ, ତାକିବ ହୁସେନ ଉପସ୍ଥିତ ଥିଲେ। ସମ୍ବଲପୁରର ସ୍ଥାନୀୟ ଛାତ୍ରଛାତ୍ରୀ ଓ ଜନସାଧାରଣ ସଂଗ୍ରହାଳୟରେ ଥିବା ଦୁର୍ଲଭ କିର୍ତ୍ତୀରାଜି ବୁଲି ଦେଖିଥିଲେ।



# ହାତୀ ଆକ୍ରମଣରେ ବୃଦ୍ଧ ମୃତ



**ସମ୍ବଲପୁର, ୧୮।୫(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ପଡ଼ିଆବାହାଲ ବନାଞ୍ଚଳ ଅନ୍ତର୍ଗତ ଡଙ୍ଗରପଡ଼ା ପଞ୍ଚାୟତର ହୀରୋ ଓ ଚିଲକାମ ମଝିରେ ଥିବା ମଜୁରିଆପଡ଼ା ଠାରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ହେଲେ ଶ୍ୟାମସୁନ୍ଦର ପ୍ରଧାନ (୬୨) ।ଏହି ଘଟଣା ଆଜି ରାତି ସାଢ଼େ ୭ଟାରୁ ୮ଟା ସମୟ ହୋଇଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ରବିବାର ରାତିରେ ଶ୍ୟାମସୁନ୍ଦର ନୂଆମୁଣ୍ଡା ଠାରୁ ସାଇକଲ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ମଜୁରିଆପଡ଼ା ଠାରେ ୬ଟିକିଆ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଶ୍ୟାମସୁନ୍ଦରଙ୍କୁ ଆକ୍ରମଣ କରି ଦଳି ମାରି ଦେଇଥିବା କୁହାଯାଉଛି। ସୂଚନା ପାଇବାପରେ ପଡ଼ିଆବାହାଲ ବନବିଭାଗ ପକ୍ଷରୁ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ୮୪ଘର ଅଘରିଆ ସମାଜର ଫାଶୀମାଲ ଗୁଡ଼ିର ସାମ୍ବିଧାନିକ ସମ୍ମିଳନୀ

**ଜମନକିରା, ୧୮ ।୫(ସମିସ):** ଗରିଆବାହାଲ ଗ୍ରାମରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ୮୪ଘର ଅଘରିଆ ସମାଜର ଫାଶୀମାଲ ଗୁଡ଼ି ସାମ୍ବିଧାନିକ ସମ୍ମିଳନୀ ଡ.ଶରତ ଚନ୍ଦ୍ର ଗୌଣ୍ଟିଆ, ସଭାପତି କେନ୍ଦ୍ର କମିଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହରିହର ପଟେଲ ସଭାପତି, ବୀରେନ୍ଦ୍ର ପଟେଲ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ।ଅରୁଣ ନାୟକ ଉପସଭାପତି, ଦୈତାରୀ ପଟେଲ ଯୁଗ୍ମ ସମ୍ପାଦକ, ସୁନୀଲ ନାୟକ କୋଷାଧ୍ୟକ୍ଷ ଓ କବିତା ପଟେଲ ମହିଳା ସଦସ୍ୟାଙ୍କ ଭାବେ ମନୋନୀତ ହୋଇଛନ୍ତି ।କେନ୍ଦ୍ର କମିଟି ସମ୍ପାଦକ ଓ କୋଷାଧ୍ୟକ୍ଷ ଯଥାକ୍ରମେ କୁଳମଣି ପଟେଲ ଓ ଚିନ୍ତାମଣି ପଟେଲ ସଭାରେ ଉପସ୍ଥିତ ଥିଲେ ।ନବନିର୍ବାଚିତ ସମ୍ପାଦକ ଗୁଡିକୁ ସତମାର୍ଗରେ ନିରପେକ୍ଷ ଭାବେ ଆଗେଇ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏମପି-ବନ୍ଧରପଡ଼ା ରାସ୍ତାର ଶିଳାନ୍ୟାସ



**ଝାରସୁଗୁଡା, ୧୮ ।୫(ସମିସ):** ଝାରସୁଗୁଡ଼ା ଓଏମପି ଛକରୁ ଝାରସୁଗୁଡ଼ା ବନ୍ଧରପଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ର ଶିଳାନ୍ୟାସ କରିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ପ୍ରାୟ ୩୨ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ରାସ୍ତା ଆଜି ଶିଳାନ୍ୟାସ କରିବା ସହ ସମୟ ସୀମା ମଧ୍ୟରେ ରାସ୍ତା କାମ ସାରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଝାରସୁଗୁଡ଼ା ଓଏମପି ନିକଟରେ କାର୍ଯ୍ୟକ୍ରମରେ ଯୋଗ ଦେଇ ଝାରସୁଗୁଡ଼ା ବିଧାୟକ କହିଛନ୍ତି ଯେ ଏହି ଅଞ୍ଚଳରେ ଲୋକଙ୍କ ଦୀର୍ଘ ଦିନରୁ ଯାହା ଦାବି ଥିଲା ଆଜି ତାହା ପୂରଣ ହୋଇଛି। ଓଏମପି ଠାରୁ ବନ୍ଧରପଡ଼ା ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ ହୋଇଛି ।ଏହି ରୋଡ଼କୁ ସେଣ୍ଟ୍ରାଲ ରୋଡ଼ ଇନଷ୍ଟିଚ୍ୟୁଟ ରିସର୍ଚ୍ଚ ଅଫ ଇଣ୍ଡିଆ ଏହାକୁ ଡିଜାଇନ୍ ପ୍ରସ୍ତୁତ କରିଛନ୍ତି ।ବଡ ଗାଡ଼ି ଗଲେ ବି ଏହି ରାସ୍ତା କେବେ ଖରାପ ହେବ ନାହିଁ ସେଥିପାଇଁ ଏହାର ଡିଜାଇନ୍ ହୋଇକି ଟେଣ୍ଡର ହୋଇଛି ।ଅତିଶିଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ ହେବ। ସଭାରେ ଝାରସୁଗୁଡ଼ା ଜିଲ୍ଲାପାଳ ସୁନିଲ ନରୱନେ, ସହିତ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରିଆମାଳରେ ଓବିସି ମଞ୍ଚର ଜନଜାଗରଣ ଯାତ୍ରା

**ରିଆମାଳ/ଦେବଗଡ଼, ୧୮ ।୫ (ସମିସ):** ରିଆମାଳ ସଦର ମହାକୁମା ସ୍ଥିତ ଦୁର୍ଗାପୂଜା ମଣ୍ଡପ ଠାରେ ଆଜି ଜିଲ୍ଲା ଓବିସି ମଞ୍ଚ ପକ୍ଷରୁ ଓବିସି ଜନଜାଗରଣ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ପୂର୍ବତନ ସରପଞ୍ଚ ତରଣୀ ସେନ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ରାଧିକାରାଣୀ ପ୍ରଧାନ, ସମ୍ମାନିତ ଅତିଥି ଭାବରେ କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ରାଜ୍ୟ ସଂଯୋଜକ ଡ.ଶୁଭେନ୍ଦୁ ସାହୁ, ପୂର୍ବତନ ସମିତିସଭ୍ୟ ଗାନ୍ଧୀ ଚରଣ ନାୟକ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପବିତ୍ର ମୋହନ ପ୍ରଧାନଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜନଜାଗରଣ ସଭାରେ ଓବିସିଙ୍କ ହକ ଓ ଅଧିକାରକୁ ନେଇ କିଭଳି ରାଜ୍ୟ ତଥା କେନ୍ଦ୍ର ସରକାର ଓବିସିଙ୍କୁ ଅଣଦେଖା କରି ଆସୁଛନ୍ତି ସେ ବିଷୟରେ ମଞ୍ଚାସିନ ଅତିଥିମାନେ ଆଲୋଚନା କରିଥିଲେ। ସେହିପରି ଯେତେଦିନ ପର୍ଯ୍ୟନ୍ତ ଓବିସି ବର୍ଗର ସମ୍ବିଧାନିକ ହକ, ଅଧିକାର ଓ ସମାନୁପାତିକ ପ୍ରତିନିଧିତ୍ୱର ହକ ନ ମିଳିଛି ଜାଗରଣ ଯାତ୍ରା ଚାଲିବା ସହିତ ଓଡ଼ିଶାର ସମସ୍ତ ଓବିସି ବର୍ଗଙ୍କୁ ସଚେତନ କରାଯିବ ବୋଲି କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ପ୍ରଧାନ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ତରଣୀସେନ ପ୍ରଧାନଙ୍କୁ ଜିଲ୍ଲା ସଂଗଠକ ଓ ଶେଖର ମାଝିଙ୍କୁ ଜିଲ୍ଲା ଛାତ୍ର ସଂଗଠକ ଭାବରେ ଚୟନ କରାଯିବା ସହ ଆଗାମୀ ଦିନରେ ଜିଲ୍ଲା ରେ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱା କରାଯାଇଥିଲା।



# ବିଧାୟକଙ୍କ ଜନଅଭିଯୋଗ ଶୁଣାଣି



**ଦେବଗଡ଼, ୧୮ ।୫(ସମିସ):** ରିଆମାଳ ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ରିଆମାଳସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୧୮ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ଏଥିସହ ଅଭିଯୋଗ ହୋଇଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଜରିଆରେ ଯୋଗାଯୋଗ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ। ମୁଖ୍ୟତଃ ବେଆଇନ ମଦ ବିକ୍ରି ବନ୍ଦ କରିବା ସହିତ ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା ନେଇ ରିଆମାଳ ବ୍ଲକର ବିଭିନ୍ନ ଗ୍ରାମରୁ ଲୋକ ଅଭିଯୋଗ କରିଥିଲେ। ଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ସୁଟିଂ କ୍ରୀଡ଼ା ଆସୋସିଏସନ ଉଦ୍‌ଘାଟିତ

**ଝାରସୁଗୁଡା, ୧୮ ।୫(ସମିସ):** ଝାରସୁଗୁଡା ସହରରେ ଥିବା ମଙ୍ଗଳମ୍ ଟାୱରର ୪ର୍ଥ ମହଲାରେ ୧୦ମିଟର ସୁଟିଂ ପରିସରକୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନୀୟ ଅତିଥି ଭାବରେ ୨ୟ ଓଏସଏପିର ଦୁର୍ଗପତି ପ୍ରସାଦ ତମାଙ୍ଗ ଓ ସୁଟିଂ କ୍ରୀଡ଼ା ଆସୋସିଏସନର ଉପଦେଷ୍ଟା ସନନ୍ଦପ୍ରାପ୍ତ ହିସାବ ବି ସିଏ ମହେନ୍ଦ୍ର କେଡିଆ ଯୋଗ ଦେଇଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ ସୁଟିଂ କ୍ରୀଡା ଆସୋସିଏସନ ଗଠନ ହୋଇଥିବାରୁ ଆନନ୍ଦିତ ହୋଇ ପ୍ରକାଶ କରିଥିଲେ। ସୁଟିଂ କ୍ରୀଡା ଆସୋସିଏସନର ପୂର୍ବତନ ସୁଟିଂ ପଦକ ପ୍ରାପ୍ତ ସମ୍ପାଦକ ଆତିଶ ନାୟକ ପ୍ରକାଶ କରିଥିଲେ ଯେ ଦୈର୍ଘ୍ୟ ୧୦ବର୍ଷ ଊର୍ଦ୍ଧ୍ୱ ହେବ ସୁଟିଂ ପରିସର ଏବଂ ଆସୋସିଏସନ ଗଠନ ପାଇଁ ଚେଷ୍ଟା କରି ଆସୁଥିଲେ କିନ୍ତୁ ଆଜି ସିଏ ମହେନ୍ଦ୍ର କେଡିଆଙ୍କ ସାହାଯ୍ୟ ସହଯୋଗରୁ ହିଁ ତାହା ସମ୍ଭବପର ହୋଇ ପାରିଲା। ସୂଚନା ଯୋଗ୍ୟ ଯେ ଆତିଶ ନାୟକଙ୍କ ପୁତ୍ର ମଧ୍ୟ ସୁଟିଂ କ୍ରୀଡାରେ ଓଡ଼ିଶାରୁ ୧୦ ମିଟର ରାଇଫଲ ସୁଟିଂରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ହେବା ସହିତ ସ୍କୁଲ ସର୍ବଭାରତୀୟସ୍ତରିୟ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ପାଇଁ ପଦକ ଲାଭ କରିଛନ୍ତି। ସୁଟିଂ କ୍ରୀଡା ଆସୋସିଏସନ ତରଫରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଜ୍ଜଳ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ବେଲପାହାଡ଼ କୋଲ୍ କରିଡର ପାଇଁ ଶିଳାନ୍ୟାସ



**ଝାରସୁଗୁଡା, ୧୮ ।୫(ସମିସ):** ବହୁ ପ୍ରତିକ୍ଷୀତ ବେଲପାହାଡ଼ କୋଲକରିଡର ତଥା ବାଇପାସ ଚାରି ଥାକିଆ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ।ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ବେଲପାହାଡ଼ ମହିମା ଛକ ନିକଟରେ ରାସ୍ତାର ଶିଳାନ୍ୟାସ କରିଛନ୍ତି। ମୋଟ ୩୫୭୪.୬୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାରି ଥାକିଆ ବାଇପାସ ରାସ୍ତା ନିର୍ମାଣ କରାଯିବ। ରାସ୍ତା ନିର୍ମାଣ ହେଲେ କୋଇଲା ପରିବହନ କ୍ଷେତ୍ରରେ ସହାୟକ ହେବା ସହ କୋଇଲା ପରିବହନ ଯୋଗୁଁ ଚଳାଚଳ କରୁଥିବା ଭାରୀଯାନର ସମସ୍ୟା ଦୂର ହେବ। ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩୬ କୋଟି ଟଙ୍କାରେ ବ୍ୟୟ ହେବାକୁଥିବା ବେଳେ ଜମି ଅଧିଗ୍ରହଣ ସହ ମୋଟ ୮୦ କୋଟି ବ୍ୟୟ ହେବ। ଯେଉଁମାନଙ୍କର ଜମି ରାସ୍ତାରେ ଅଧିଗ୍ରହଣ ହେବ ସେମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରାଯିବା ସହ ଖୁବ ଶୀଘ୍ର ରାସ୍ତା ନିର୍ମାଣ କାମ ଆରମ୍ଭ କରି ନିର୍ଦ୍ଧାରିତ ସମୟରେ ଶେଷ ହେବ। ଶିଳାନ୍ୟାସ ଅବସରରେ ଲଖନପୁର ତହସିଲଦାର, ଲଖନପୁର ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସହ ବିଜେପି କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

**ଝାରସୁଗୁଡା, ୧୮ ।୫(ସମିସ)**

ଝାରସୁଗୁଡା ଜିଲ୍ଲା ବାଗଡ଼ିହି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି ବୋଲି କରିବାର ଲୋକ ଅଭିଯୋଗ କରିଛନ୍ତି। ମୃତ ବ୍ୟକ୍ତି ଜଣକ ବାଗଡ଼ିହି ଷ୍ଟେସନପଡ଼ାର କନହେଇ ମହାନନ୍ଦିଆ। କନହେଇଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଆଜି ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ। ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବାରୁ ପରିବାର ଲୋକଙ୍କୁ ସରକାର କ୍ଷତିପୂରଣ ଦେବାସହ ଏହି ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କହିଛନ୍ତି ଦୀପାଳି। ଅନ୍ୟପଟେ ଚିକିତ୍ସା ଅବହେଳା ଏବେ ବାରମ୍ବାର ଦେଖିବାକୁ ମିଳୁଛି। ଏହିପରି ଅବହେଳା କରି ନିରୀହବ୍ୟକ୍ତିଙ୍କ ଜୀବନ ସହ ଖେଳିବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଦୀପାଳି। ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ସରକାର ଏହି ପରି ଅବହେଳା ଜନିତ ମୃତ୍ୟୁର ଜବାବ ଦିଅନ୍ତୁ ବୋଲି ଦୀପାଳି କହିଛନ୍ତି। ସୂଚନା ଅନୁଯାୟୀ କନହେଇଙ୍କ ଗୋଡ଼ରେ ଘା ହୋଇଥିବା ଯୋଗୁଁ ଡ୍ରେସିଂ କରିବାକୁ ବାଗଡ଼ିହି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଣ୍ଟିବାୟୋଟିକ ଇଞ୍ଜେକସନ ଦେବା ପରେ କିଛି ସମୟ ମଧ୍ୟରେ କନହେଇଙ୍କ ମୃତ୍ୟୁ ହୋଇଥିଲା ।ମୃତ୍ୟୁ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତକର ଶବ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ପଠାଉ ଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚି ଶବକୁ ଅଟକାଇ ରଖିବା ସହ ଚିକିତ୍ସାର ତଦନ୍ତ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ଘଟଣାସ୍ଥଳରେ ଲାଇକେରା ପୁଲିସ ପହଞ୍ଚି ବୁଝାସୁଝା କରିଥିଲା।



**କାର୍ଯ୍ୟାନୁଷ୍ଠାନ ଦାବି କଲେ ପୂର୍ବତନ ବିଧାୟିକା**

# ବିଜେପି ନଗର ମଣ୍ଡଳ କର୍ମକର୍ତ୍ତା ଚୟନ



**ଦେବଗଡ଼, ୧୮ ।୫(ସମିସ):** ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ନଗର ସଭାପତି ରାଜେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ସାଙ୍ଗଠନିକ ଆଲୋଚନା ହେବା ସହ ନଗର ମଣ୍ଡଳର ୧୬ ଜଣିଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ପ୍ରତାପ କୁମାର ପଣ୍ଡା ଓ ଜଗନ୍ନାଥ ବେହେରାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ରମଣୀ ରଞ୍ଜନ ଆଚାର୍ଯ୍ୟ, ଦେବାଶିଷ କର, ମହେନ୍ଦ୍ର ରଣା, ମଧୁସୂଦନ ବାଘ, ସ୍ୱିଟି ନାଏକ ଓ ପଦ୍ମିନୀ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସମ୍ପାଦକ ଭାବେ ଆଲୋକ କୁମାର ଦ୍ୱିବେଦୀ, ଅର୍ଣ୍ଣବ ପଣ୍ଡା, ପ୍ରଦୀପ ଭୋଇ, ଦୋଳଗଞ୍ଜନ ପ୍ରଧାନ, ଶତ୍ରୁଘ୍ନ ପାତ୍ର(ଏସସି), ସୁମନ୍ତ ଭୋଜଙ୍କୁ ମନୋନୀତ କରା ଯାଇଥିବା ବେଳେ କୋଷାଧକ୍ଷ ଭାବେ କିଶୋର ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା ନେଇ ନଗର ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ପତି-ପତ୍ନୀ ଉଭୟେ ଉଭୟଙ୍କର ସମର୍ଥକ ଓ ଉତ୍ତମ ବନ୍ଧୁ ହେବା ଉଚିତ।
-ସୁଧା ମୂର୍ତ୍ତି

## ଯୁଦ୍ଧବିରାମ (ନିଃ)ଆଶା!

ସୁଖର ଖବର ଯେ ଯୁଦ୍ଧଲିପ୍ତ ଦୁଇ ରାଷ୍ଟ୍ର ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପାଇଁ ରାଜିନାମା ସ୍ୱାକ୍ଷର ହୋଇଛି। ତୁର୍କୀର ଇସ୍ତାନାବୁଲ୍ ଡୋଲମାବାହେ ରାଜପ୍ରାସାଦରେ ଦୁଇରାଷ୍ଟ୍ରର ଉଚ୍ଚସ୍ତରୀୟ ସରକାରୀ ଅଧିକାରୀଙ୍କ ମଧ୍ୟରେ ଦୁଇଘଣ୍ଟା ଧରି ହୋଇଥିବା ଆଲୋଚନା ପରେ ଉଭୟ ଦେଶ ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ଲେଖାଏଁ ଯୁଦ୍ଧବନ୍ଦୀଙ୍କୁ ହସ୍ତାନ୍ତର କରିବେ ବୋଲି ସମ୍ମତ ହୋଇଛନ୍ତି। ଯୁଦ୍ଧବିରାମ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନଥିଲେ ମଧ୍ୟ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧଲିପ୍ତ ଦୁଇ ରାଷ୍ଟ୍ର ମଧ୍ୟରେ ତୃତୀୟ ପକ୍ଷ ବା ମଧ୍ୟସ୍ଥିଙ୍କ ବିନା ପ୍ରତ୍ୟକ୍ଷ ଆଲୋଚନା ହେବା ଏକ ଶୁଭସୂଚନା। ହୁଏତ ଏହା ଭବିଷ୍ୟତରେ ଯୁଦ୍ଧବିରାମ ସମ୍ଭାବନା ସୃଷ୍ଟି କରିପାରେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଯୁଦ୍ଧବିରାମ ଉଦ୍ୟମ ବିଫଳ ହେବା ପରେ ଦୁଇ ପ୍ରତିପକ୍ଷ ହଠାତ୍ ଏଭଳି ସକାରାତ୍ମକ ପଦକ୍ଷେପ ନେବା ନିଶ୍ଚିତ ବିସ୍ମୟକର ହେଲେ ମଧ୍ୟ ବିଶ୍ୱହିତ ପାଇଁ ଆଶ୍ୱସ୍ତିକର। କେତେକ ରଣନୀତି ବିଶାରଦଙ୍କ ମତରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ରୁଷ-ୟୁକ୍ରେନ୍‌କୁ ପ୍ରଭାବିତ କରିଥାଇପାରେ। ବିଶ୍ୱରେ ନିଜକୁ ଶାନ୍ତିଦୂତ ଭାବେ ଉପସ୍ଥାପନ କରିବାର ପ୍ରଚେଷ୍ଟା କରୁଥିବା ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକା ଓ ଉଦ୍ୟମକୁ ଗୌଣ କରିବା ପାଇଁ ଉଭୟ ଦେଶର ଏହା ଚତୁର ରଣକୌଶଳ ବୋଲି ହେଉଥିବା ଆଲୋଚନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଟ୍ରମ୍ପଙ୍କ ଉଚ୍ଚାକାଂକ୍ଷାକୁ ଭଣ୍ଡୁର କରିବାର ସଫଳତା ତୁଳନାରେ ଦୁଇ ଦେଶ ଶାନ୍ତିପଥଗାମୀ ହୋଇ ଯୁଦ୍ଧ କ୍ଷୟକ୍ଷତିରୁ ଉଭୟ ଦେଶର ନାଗରିକଙ୍କୁ ସୁରକ୍ଷା ଦେବା ବଡ଼ କଥା, ଯାହାର କିଞ୍ଚିତ ସମ୍ଭାବନା ବିଷୟରେ ୟୁକ୍ରେନ୍ ଅଧିକାରୀ ରୁସ୍ତମ୍ ୟୁମେରୋଭ ଏବଂ ରୁଷ ପ୍ରତିପକ୍ଷ ଭ୍ଲାଦିମିର ମେଡିନ୍‌ସ୍କିଙ୍କ ବକ୍ତବ୍ୟରୁ ଆଭାସ ମିଳୁଛି। ଯୁଦ୍ଧବିରାମ ସମ୍ଭାବନାକୁ ଉଭୟ ପକ୍ଷ ଅସ୍ୱୀକାର କରି ନଥିଲେ ମଧ୍ୟ ଏହାର ଶେଷ ନିଷ୍ପତ୍ତି ପାଇଁ ଉଭୟ ଦେଶର ରାଷ୍ଟ୍ରମୁଖ୍ୟ ଭେଟିବା ଉଚିତ ବୋଲି ମତ ଦେଇଛନ୍ତି। ଅର୍ଥାତ୍ ଯୁଦ୍ଧବିରାମ ସମ୍ଭାବନା ଏବେ ମଧ୍ୟ ଦୋଛକିରେ ରହିଛି।



ଦୁଇଦେଶର ନାଗରିକଙ୍କ ସମେତ ବିଶ୍ୱବାସୀ ଆଶା କରିବେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ଆଲୋଚନା ସକାରାତ୍ମକ ହୋଇ ଖୁବ୍‌ଶୀଘ୍ର ଯୁଦ୍ଧବିରାମ ଘୋଷଣା ହେଉ। କିନ୍ତୁ ଯୁଦ୍ଧ ପଛରେ ଥିବା ମୂଳ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କୁହୁଳୁଥିବା ଧୂଆଁ ତଳୁ ପୁଣି ଯୁଦ୍ଧାଗ୍ନି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। କାରଣ ନିଜ ନାମ ଗୋପନ ରଖିବା ସର୍ତ୍ତରେ ୟୁକ୍ରେନ୍‌ର ଜଣେ ଉଚ୍ଚ ପଦାଧିକାରୀ ରଏଟର ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ସୂଚନା ଅନୁଯାୟୀ ଯୁଦ୍ଧବିରାମ ପାଇଁ ରୁଷିଆ ଦାବି କରୁଥିବା ଅଞ୍ଚଳରୁ ୟୁକ୍ରେନ୍‌କୁ ହଟିଯିବାକୁ ପୁଟିନ୍ ସର୍ତ୍ତ ଆରୋପ କରୁଛନ୍ତି, ଯାହା ୟୁକ୍ରେନ୍ ପକ୍ଷରେ ଗ୍ରହଣୀୟ ହେବା ସହଜ ନୁହେଁ। ୟୁକ୍ରେନ୍ ଚାହୁଁଛି ସର୍ତ୍ତବିହୀନ ସଚ୍ଚୋଟ ଓ ସ୍ପଷ୍ଟ ଯୁଦ୍ଧବିରତି। ଆହୁରି ମଧ୍ୟ ଉଭୟପକ୍ଷ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ କରିବାକୁ ସମ୍ମତ ହେବାର ମାତ୍ର କିଛିଘଣ୍ଟା ପରେ ରୁଷ୍‌ର ଡ୍ରୋନ୍ ଆକ୍ରମଣରେ ୯ ଜଣ ବସ୍‌ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍ ଅଭିଯୋଗ କରିଛି। ଏହା ଦ୍ୱିପାକ୍ଷିକ ଆଲୋଚନା ଓ ବିଶ୍ୱାସକୁ ଭଣ୍ଡୁର କରିପାରେ।

ଗତ କିଛି ସପ୍ତାହର ଘଟଣାବଳୀକୁ ନିରେଖି ଦେଖିଲେ ବିଶ୍ୱ ଭୂ-ରାଜନୀତିରେ ସମ୍ପ୍ରତି ମଧ୍ୟସ୍ଥି ଓ ଶାନ୍ତିଦୂତ ଭାବେ ନିଜକୁ ଉପସ୍ଥାପନ କରିବାର ଏକ ନୂଆ ଧାରା ଆରମ୍ଭ ହୋଇଯାଇଥିବା ଜଣାପଡୁଛି। ବିଡ଼ମ୍ବନା ହେଉଛି, ସମରବିଳାସୀ ରାଷ୍ଟ୍ରମାନେ ହିଁ ଏଭଳି ଶାନ୍ତିଦୂତ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ଆଗ୍ରହାନ୍ୱିତ ହୋଇପଡୁଛନ୍ତି। ତେଣୁ ଶାନ୍ତି ବାର୍ତ୍ତା ଓ ଯୁଦ୍ଧବିରାମର ମହତ୍ ଲକ୍ଷ୍ୟ ମୂଳରୁ ହିଁ ଭଣ୍ଡୁର ହୋଇଯାଉଛି। ରୁଷ-ୟୁକ୍ରେନ୍ ଯୁଦ୍ଧ ପଛରେ ଆମେରିକାର ପ୍ରଚ୍ଛନ୍ନ ଭୂମିକା ଏବଂ କାରଣମାନ ଅଛପା ନୁହେଁ, ଅଥଚ ସେହି ରାଷ୍ଟ୍ର ହିଁ ଶାନ୍ତିଦୂତ ହେବାକୁ ଆଗ୍ରହୀ। ଗୋଟିଏ ପଟେ ଭାରତକୁ ବନ୍ଧୁତ୍ୱର ହାତ ବଢ଼ାଇ ଅନ୍ୟ ହାତରେ ପାକିସ୍ତାନକୁ ଆର୍ଥିକ, ବାଣିଜ୍ୟିକ ସହାୟତା ଅଜାଡ଼ି ଦେଇ ସେହି ଦୁଷ୍ଟରାଷ୍ଟ୍ରର କୂଟନୈତିକ ମନୋବଳ ବଢ଼ାଉଥିବା ଆମେରିକା ଭାରତ-ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ନେବାକୁ ଆତୁର ଏବଂ କାଶ୍ମୀର ସମସ୍ୟାରେ ମଧ୍ୟସ୍ଥତା କରିବାକୁ ତତ୍ପର। ଏକବିଂଶ ଶତାବ୍ଦୀରେ ବିସ୍ତାରବାଦୀ ଆଭିମୁଖ୍ୟ ପାଇଁ ଜଣାଶୁଣା ଚୀନ୍ ଏବଂ ଯୁଦ୍ଧରତ ପୁଟିନ୍ ଭାରତ-ପାକିସ୍ତାନ ସଂଯମ ରକ୍ଷା କରିବା ପାଇଁ ପରାମର୍ଶ ଦେବାରେ ଅବହେଳା କରୁନାହାନ୍ତି। ଭାରତର 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନକୁ ସାମରିକ ସହାୟତା ଦେଇଥିବା ତୁର୍କୀର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶାନ୍ତିକାମୀ ହେବାକୁ ରୁଷ ଓ ୟୁକ୍ରେନ୍‌କୁ ପରାମର୍ଶ ଦେଇଛନ୍ତି।

ପ୍ରତିପତ୍ତିଲୋଭୀ ଜିଦ୍‌ଖୋର ରାଷ୍ଟ୍ରମୁଖ୍ୟମାନେ ହୁଏତ ଆସନ୍ତାକାଲି ଯୁଦ୍ଧବିରାମ କିମ୍ବା ଯୁଦ୍ଧ ସମାପ୍ତି ପାଇଁ ନିଃସର୍ତ୍ତ ଘୋଷଣା କରିପାରନ୍ତି। ସେଥିରେ କାହାର ଜୟ କିମ୍ବା ପରାଜୟ ହେବ ତାହା ଭିନ୍ନ କଥା। କିନ୍ତୁ ଏହି ଅହଂର ଲଢ଼େଇରେ ଦୁଇଦେଶର ଭିତ୍ତିଭୂମି ଓ ନାଗରିକଙ୍କ ଯେଉଁ କ୍ଷୟକ୍ଷତି ହେଲା, ଉତ୍ତର ପିଢ଼ିର ଭବିଷ୍ୟତ ଯେଉଁ ଅନ୍ଧକାର ଭିତରକୁ ଚାଲିଗଲା, ତାହାର ଭରଣା ହେବ କେମିତି? ବିଶେଷଜ୍ଞଙ୍କ ମତରେ ସମଗ୍ର ବିଶ୍ୱର ମିଳିତ ଉଦ୍ୟମ ସତ୍ତ୍ୱେ ଯୁଦ୍ଧବିଧ୍ୱସ୍ତ ୟୁକ୍ରେନ୍‌ର ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ଅତିକମ୍‌ରେ ୧୦ ବର୍ଷ ଆବଶ୍ୟକ। ଆର୍ଥିକ କ୍ଷୟକ୍ଷତି ଭରଣାଯୋଗ୍ୟ ନୁହେଁ। ତେଣୁ ଏଭଳି ପରିସ୍ଥିତିରେ ଯୁଦ୍ଧ ଅପରାଧୀ ବାସ୍ତବରେ କିଏ? ସେମାନଙ୍କ ବିରୋଧରେ ଦଣ୍ଡବିଧାନ କ୍ଷମତା ମିଳିତ ଜାତିସଂଘର ଅଛି କି? ଏଭଳି ପ୍ରଶ୍ନର ସନ୍ତୋଷଜନକ ଦୀର୍ଘସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଏବଂ ସମରବିଳାସୀ ରାଷ୍ଟ୍ରମାନଙ୍କର ଚରିତ୍ରରେ ସୁଧାର ନ ଆସିବା ଯାଏଁ ରୁଷ-ୟୁକ୍ରେନ୍, ଭାରତ-ପାକିସ୍ତାନ, ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦ, ଉତ୍ତେଜନା ଓ ଯୁଦ୍ଧବିରାମର ସାମାନ୍ୟତମ ଆଶାର ଝଲକ ଦିଶୁନାହିଁ।

## ବନ ବାସ୍ତବତା

ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ବସ୍ତୁବାଦୀ ଜୀବନଶୈଳୀ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ଉଦ୍ଭିଦ ଜଗତ ବା ସବୁଜିମା। ପୃଥିବୀରେ ବାର୍ଷିକ ଲୋପ ପାଇବାରେ ଲାଗିଛି ହାରାହାରି ପ୍ରାୟ ଦଶନିୟୁତ ହେକ୍ଟର ଅରଣ୍ୟ। ଏକଥା ସତ୍ୟ ଯେ ସାମାଜିକ ବିକାଶ ପାଇଁ ବୃକ୍ଷ ବଳିପଡ଼ିବା ପ୍ରକ୍ରିୟା ଜାରି ରହିଛି ସଭ୍ୟତା ଆରମ୍ଭରୁ। ଆଦିମ କାଳରେ ମଣିଷ ଯେତେବେଳେ ଧାତୁର ବ୍ୟବହାର ଜାଣି ନଥିଲା ଏବଂ ବୃକ୍ଷଚ୍ଛେଦନ ପାଇଁ ଯନ୍ତ୍ର ତିଆରି କରି ନଥିଲା, ସେତେବେଳେ ସେ ନିଆଁ ସାହାଯ୍ୟରେ ଜଙ୍ଗଲକୁ ପୋଡ଼ି ଆରମ୍ଭ କରିଥିଲା କୃଷିକାର୍ଯ୍ୟ। ସେତେବେଳେ କିନ୍ତୁ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗଲାଳସା। ଯେତିକି ଆବଶ୍ୟକ, ପ୍ରକୃତିଠାରୁ ସେତିକି ସଂଗ୍ରହ କରି ସେ ବଞ୍ଚୁଥିଲା ଏକ ସୁନ୍ଦର ଓ ସନ୍ତୁଳିତ ପୃଥିବୀରେ। ବିଶେଷ କରି ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ସେ ଆବିଷ୍କାର କରିଥିଲା ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟ।

ବୃକ୍ଷ ନିଜ ମଥାରେ ରୌଦ୍ର ତାପ ଶହେ, ଅଥଚ ଆଶ୍ରିତ ପଥିକକୁ ପ୍ରଦାନ କରେ ଶୀତଳ ଛାୟା। ଫଳ ପୁଷ୍ପଠାରୁ ଆରମ୍ଭ କରି ଡାଳ, ପତ୍ର ଓ ଛାଲି ଯାଏଁ ବୃକ୍ଷ କେବଳ ଦେଇ ଚାଲେ ପର-ଆପଣାର ଭେଦାଭେଦ ନରଖି। ତା'ର ମୂଳ ଛେଦନ କରୁଥିବା କାଠୁରିଆକୁ ବି ସେ ପ୍ରଦାନ କରେ ଫଳ, ପୁଷ୍ପ ଓ ଛାୟା। ଏପରିକି ଚନ୍ଦନ ତରୁକୁ କର୍ତ୍ତନ କରୁଥିବା କୁଠାର ବି ନିଜେ ସୁରଭିତ ହେଇଯାଏ ଚନ୍ଦନ ଗନ୍ଧରେ। ବୃକ୍ଷର ଏହି ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ଏ ଦେଶର ମୁନିଋଷିମାନେ ଉଚ୍ଚାରଣ କରିଥିଲେ 'ସବୁଜ ବନାନୀ ପ୍ଲାବନ ମନ୍ତ୍ର'। ବୃକ୍ଷକୁ 'ଦେବସଦନ' ବୋଲି ଅଭିହିତ କରି ଉପାସନା କରିଥିଲେ, ଯାହା ଲିପିବଦ୍ଧ ହୋଇ ରହିଛି ଆମ ଶାସ୍ତ୍ରପୁରାଣମାନଙ୍କରେ। ଏହି ଶାସ୍ତ୍ରବାଣୀରେ ଅନୁପ୍ରାଣିତ ହୋଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରୁଥିଲେ ଆମ ପୂର୍ବଜମାନେ। ଏବେ ବିକାଶ ନାମରେ ରାସ୍ତା କଡ଼ରୁ ଯେଉଁ ମହାଦ୍ରୁମ ସବୁକୁ ଡ୍ରୋଜର ଲଗାଇ ଉତ୍ପାଟନ କରାଯାଉଛି, ତା'କୁ ସେମାନେ ଦିନେ ରୋପଣ କରିଥିଲେ ଅତି ଶ୍ରଦ୍ଧା ଓ ଯତ୍ନରେ। ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ସେ ଗଛମୂଳରେ ପାଣି ଢାଳୁଥିଲେ ଧର୍ମ ଅର୍ଜନ ପାଇଁ। ବୃକ୍ଷ ଦେବତାଙ୍କୁ ପୂଜା ଅର୍ଘ୍ୟ ବାଢ଼ିବାର ସେ ପ୍ରବଣତା ଆଜି ଆଉ କ'ଣ ଆମ ଭିତରେ ଅଛି?

ମଣିଷର ସ୍ଥିତି, ଉନ୍ନତି ଓ ଆଧ୍ୟାତ୍ମିକତା ସହ ବୃକ୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ। ପ୍ରାଣ ସଂଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭ କରି ଖାଦ୍ୟ, ବସ୍ତ୍ର ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ। ମଣିଷ ପାଇଁ ବୃକ୍ଷର ସବୁଠାରୁ ବଡ଼ ଅବଦାନ ଅମ୍ଳଜାନ। ଚିକିତ୍ସାଳୟରେ ତିନୋଟି ସିଲିଣ୍ଡରରେ ଥିବା ଅମ୍ଳଜାନ ଜଣେ ବ୍ୟକ୍ତିର ଦୈନିକ ଶ୍ୱାସକ୍ରିୟା ପାଇଁ ଆବଶ୍ୟକ। ଗୋଟିଏ ସିଲିଣ୍ଡରର ବଜାର ମୂଲ୍ୟ ପାଖାପାଖି ଆଠ ଶହ ଟଙ୍କା। ଅର୍ଥାତ୍ ଜଣେ ବ୍ୟକ୍ତି ଦୈନିକ ୨୪୦୦ ଟଙ୍କାର ଅମ୍ଳଜାନ ଗ୍ରହଣ କରେ, ଯାହାକୁ ଉତ୍ପାଦନ କରନ୍ତି ଦୁଇଟି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଗଛ। ଆମେରିକାର କୃଷି ମନ୍ତ୍ରଣାଳୟ ରିପୋର୍ଟ(୨୦୧୫) ଅନୁଯାୟୀ ଏକ ଏକର ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ପାଞ୍ଚଟନ୍ ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ଚାରି ଟନ୍ ଅମ୍ଳଜାନ ନିର୍ଗମନ କରେ, ଯାହା ଅଠର ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ। ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନର ବୃହତ୍ ଉତ୍ସ ହେଉଛି ଅରଣ୍ୟ।

ପରିବେଶ ବିଜ୍ଞାନୀଙ୍କ ମତରେ ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳର ବାୟୁମଣ୍ଡଳରେ କେବଳ ଅଧିକ ଅମ୍ଳଜାନ ନୁହେଁ, ଏଥିସହିତ ଥାଏ ବିଭିନ୍ନ ବୃକ୍ଷର ଫୁଲ, ପତ୍ର ଓ କଢ଼ରୁ ଝରୁଥିବା ସୂକ୍ଷ୍ମାତିସୂକ୍ଷ୍ମ ତୈଳ, ମଧୁକଣିକା ଓ ସୁଗନ୍ଧ। ତା'ର ସଂସ୍ପର୍ଶରେ ଆସିବା ଦ୍ୱାରା ସୁଦୃଢ଼ ହୁଏ ଆମ ଶରୀରର ପ୍ରତିରକ୍ଷା ବ୍ୟବସ୍ଥା। ଶାନ୍ତ ହୁଏ ସ୍ନାୟବିକ ଉତ୍ତେଜନା। ଦ୍ରୁତ ଅମ୍ଳଜାନ ସଂଶ୍ଳେଷଣ ଯୋଗୁଁ ଶରୀରର ଯାନ୍ତ୍ରିକ ପ୍ରକ୍ରିୟା ପାଇଁ ମିଳିଯାଏ ଆବଶ୍ୟକ ପୋଷଣ। ଫଳରେ କ୍ରିୟାଶୀଳ ହୋଇ ଉଠନ୍ତି ମରି ମରି ଯାଉଥିବା ମସ୍ତିଷ୍କର କୋଷିକା। ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହା ହିଁ ଅରଣ୍ୟର ଏକ ସ୍ୱୟଂକ୍ରିୟ ସୁରକ୍ଷା ବ୍ୟବସ୍ଥା। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ଦୁନିଆର ପ୍ରାୟ ଏକ ହଜାର ନିୟୁତ ଲୋକ ମାନସିକ ବ୍ୟାଧିର ଶିକାର, ଯାହା ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ପ୍ରତ୍ୟକ ଦେଶର ଅର୍ଥନୀତି। ମନସ୍ତତ୍ତ୍ୱବିତଙ୍କ ମତରେ ଏଥିରୁ ମୁକୁଳିବା ପାଇଁ ଆବଶ୍ୟକ ଅରଣ୍ୟ ସ୍ନାନ। ଶ୍ରୀମା କହିଥିଲେ, 'ଏକ ବିଶାଳ ବୃକ୍ଷ ଛାୟାରେ କେହି ଯଦି ଆଶ୍ରୟ ଗ୍ରହଣ କରେ ସେ ମର୍ମେମର୍ମେ ଏହା ଅନୁଭବ କରି ପାରିବ ଯେ ବୃକ୍ଷଟିର ଶାଖାପ୍ରଶାଖା ଆଉ ପ୍ରତ୍ୟକଟି ପତ୍ରରୁ ଶୀତଳତା ଝରିଆସି ତାକୁ ସ୍ପର୍ଶ କରୁଛି ଏବଂ ତା'ର ଅଶାନ୍ତ ଉତ୍ତପ୍ତ ମନରେ ଭରିଦେଉଛି ଅକଳ୍ପନୀୟ ଶାନ୍ତି।' ଏହି କାରଣରୁ ଆମ ମୁନିଋଷିମାନେ ଅରଣ୍ୟରେ ବାସ କରିବାକୁ ପସନ୍ଦ କରୁଥିଲେ ଏବଂ ସେଠାରେ ଦୀର୍ଘାୟୁ ଓ ପ୍ରଜ୍ଞାବାନ ହେବା ସହିତ ସୁସ୍ଥ ଓ ସତେଜ୍ ରହୁଥିଲେ ଶେଷ ପର୍ଯ୍ୟନ୍ତ।

ସଭ୍ୟତା ଆରମ୍ଭରୁ ଜଙ୍ଗଲ ହୋଇଛି ଖାଦ୍ୟର ପ୍ରଧାନ ଉତ୍ସ। ଏବେ ବି ଜଙ୍ଗଲରେ ଓ ତା'ର ଆଖପାଖରେ ରହୁଥିବା ଲୋକଙ୍କ ଖାଦ୍ୟ ଆବଶ୍ୟକତାର ପଚାଶ ଭାଗ ସଂଗୃହୀତ ହେଉଛି ଜଙ୍ଗଲରୁ। ଜଙ୍ଗଲ କ୍ଷୟ ହେବା ଦ୍ୱାରା ଉଜୁଡ଼ି ଯାଉଛି ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ। ଆମର ଭୁଲିଯିବା ଉଚିତ ନୁହେଁ ଯେ ପଶୁପକ୍ଷୀଙ୍କ ସୁନ୍ଦର ଦୁନିଆକୁ ନଷ୍ଟ କରିଦେବା ଅର୍ଥ ଖାଲି ଜୈବ ବିବଧତାର ଅବକ୍ଷୟ ନୁହେଁ, ଏଥି ସହିତ ଯୋଡ଼ି ହୋଇରହିଛି ମାନବ ସମାଜ ବିଲୁପ୍ତିର ପୂର୍ବାଭାସ। ଅର୍ଥାତ୍ ଜଙ୍ଗଲ କେବଳ ସମ୍ପଦ ନୁହେଁ, ଏହା ଜୀବ ଜଗତର ଜୀବନ ନାଟିକା। ଯେଉଁ ସୂର୍ଯ୍ୟାଲୋକକୁ ଆମେ ଜୀବନର ମୂଳପିଣ୍ଡ ବୋଲି କହୁ, ସେଇ ମୂଳପିଣ୍ଡର ପିଣ୍ଡ ହେଉଛି ସବୁଜିମା। ଅଥଚ ତା'ର ବିନୀତ ଦାନ ପ୍ରତି ଆଉ ପ୍ରକାଶ ପାଉନି ଆମ ଆମାର କୃତଜ୍ଞତା। ବୃକ୍ଷ ଛେଦନ କଥା ଭାବିବା ମାତ୍ରେ ପ୍ରାଣରେ ଜାଗିଉଠୁନି ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ। ସେଥିପାଇଁ ଉପକୂଳ ଲୁଣା ଜଙ୍ଗଲଠାରୁ ପର୍ବତ ଶିଖର ଯାଏଁ ସବୁ ଜଙ୍ଗଲ ଏବେ ଅବକ୍ଷୟମୁଖୀ।

ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ଗଛ ଏବେ ବିଲୁପ୍ତ ଅବସ୍ଥାରେ। ତଥ୍ୟ କହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତି ହୋଇଛି ଏବଂ ଏଭଳି ଜଙ୍ଗଲ କ୍ଷୟର ତିନୋଟି ମୁଖ୍ୟ କାରଣ ହେଉଛି ବାତ୍ୟା, ବନାଗ୍ନି ଓ ବିକାଶ। ପ୍ରକୃତିର ଭାରସାମ୍ୟ ରଖିବାରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ କ୍ରିୟାର ଏକ ପ୍ରତିକ୍ରିୟା ତ ସଂସାରର ନିୟମ। ଏଣୁ ଜଙ୍ଗଲ ଲୋପ ପାଇଲେ ପ୍ରକୃତି ଉପରେ ତା'ର ପ୍ରଭାବ ପଡ଼ିବା ସ୍ୱାଭାବିକ। ଅର୍ଥାତ୍ ଜଙ୍ଗଲ କ୍ଷୟ ଜନିତ ପ୍ରତିକ୍ରିୟା ସ୍ୱରୂପ ସନ୍ତୁଳନ ହରାଉଛି ପରିବେଶ, ବଦଳୁଛି ଜଳବାୟୁ। ଘନ ଘନ ସୃଷ୍ଟି ହେଉଛି ପ୍ରାକୃତିକ ବିପର୍ଯ୍ୟୟ। ପରିବେଶ ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ଘଟି ଉପକୂଳରେ ସୃଷ୍ଟି ହେଉଛି ବାତ୍ୟା।

ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କଲେ ୧୯୯୯ ମହାବାତ୍ୟା ହେଉ କି ଫନି କିମ୍ବା ଫାଇଲିନ୍ ହେଉ, ସେଥିରେ ଧରାଶାୟୀ ହୋଇଛି ଲକ୍ଷଲକ୍ଷ ଗଛ। ସରକାରୀ ତଥ୍ୟ କହେ କେବଳ ଫାଇଲିନ୍ ବାତ୍ୟାରେ ଉପକୂଳ ଓଡ଼ିଶାରେ ନଷ୍ଟ ହୋଇଛି ଛୋଟବଡ଼ ପ୍ରାୟ ଛବିଶ ଲକ୍ଷ ଗଛ। ୨୦୨୧ ମସିହାରେ ବନାଗ୍ନି ବିଭୀଷିକାକୁ ନେଇ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା ଓଡ଼ିଶା। ଚଳିତବର୍ଷ ବନାଗ୍ନି ବିଭୀଷିକାରେ ଓଡ଼ିଶା ବି ଥିଲା ସବା ଆଗରେ। 'ଗ୍ଲୋବାଲ ଫରେଷ୍ଟ ୱାଚ' ନାମକ ବିଶ୍ୱସ୍ତରୀୟ ଅନୁଷ୍ଠାନର ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୧୮୦ ବର୍ଗ କିମି ଜଙ୍ଗଲ ଧ୍ୱଂସ ହୋଇ ସାରିଛି ବନାଗ୍ନି ବିଭୀଷିକାରେ।

ଗତ ଦଶ ବର୍ଷ ମଧ୍ୟରେ ରାଜ୍ୟରୁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଛି କେବଳ କେବଳ ସଡ଼କ ସଂପ୍ରସାରଣ ପାଇଁ। ତା'ର ଭରଣା ପାଇଁ ପର୍ଯ୍ୟାପ୍ତ ଚାରାରୋପଣ ହୋଇଛି ବୋଲି କର୍ତ୍ତୃପକ୍ଷ କହିଥିଲେ ବି ସେଥିରୁ କେତେ ଗଛ ବଞ୍ଚିଚି ତା'ର ହିସାବ ସରକାରଙ୍କ ପାଖରେ ନାହିଁ। କହିବା ବାହୁଲ୍ୟ ଯେ ମନୁଷ୍ୟ ତିଆରି ଜଙ୍ଗଲ ଅପେକ୍ଷା ପ୍ରାକୃତିକ ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା କ୍ଷେତ୍ରରେ ଯଥେଷ୍ଟ ଅଧିକ ଉପକାରୀ। କୃତ୍ରିମ ବନୀକରଣର ଆବଶ୍ୟକତା ରହିଛି, କିନ୍ତୁ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ବିକାଶ ଯୋଜନାବଦ୍ଧ ଭାବରେ ହେବା ଉଚିତ୍। ରାଜଧାନୀର ବିକାଶ ହୋଇଛି ସତ, ହେଲେ ସେ ସବୁଜିମା କାହିଁ? ଏକଦା ଆମ୍ର ଗଛରେ ପରିପୂର୍ଣ୍ଣ ଥିଲା ବୋଲି ତା'କୁ କୁହାଯାଉଥିଲା ଏକାମ୍ର ନଗରୀ। କୁଆଡ଼େ ଗଲା ସେ ବିଶାଳକାୟ ଆମ୍ରଗଛମାନ? ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ୧୦ ଟି ଗଛ ଲାଗିବ। କିନ୍ତୁ ଗୋଟେ ମହାଦ୍ରୁମ ବଦଳରେ ଯେଉଁ ଗଛ ଲାଗୁଛି ତାହା ଫଳ ପୁଷ୍ପ ଧାରଣ କରିବ କେତେ ବର୍ଷ ପରେ?

ଏ ସବୁ ସତ୍ତ୍ୱେ ବି ପରିବେଶକୁ ପୁନଃ ସବୁଜିମାରେ ଭରିଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଜଣେ ଜଣେ ସବୁଜ ସୈନିକ ଭାବି ଜଙ୍ଗଲ ସୁରକ୍ଷା ତଥା ଗଛ ଲଗେଇବା ଦିଗରେ ତତ୍ପର ହେବା ଉଚିତ୍। ଏ କ୍ଷେତ୍ରରେ ପରିବେଶ ବିଜ୍ଞାନୀ ଓ ସାହିତ୍ୟିକଙ୍କର ଭୂମିକା ଅଧିକ। ବିଜ୍ଞାନ ତଥ୍ୟ ଦିଏ ଏବଂ ତା'କୁ ଆଧାର କରି ସାହିତ୍ୟ ସୃଷ୍ଟି କରେ ଆବେଗ। ତେଣୁ ପରିବେଶ ବିଜ୍ଞାନୀମାନେ ଯେଉଁ ତଥ୍ୟ ଓ ସତ୍ୟ ଉଦ୍‌ଘାଟନ କରୁଛନ୍ତି, ସାହିତ୍ୟିକମାନେ ତା'କୁ ହୃଦୟସ୍ପର୍ଶୀ ଭାଷାରେ ପରିବେଷଣ କରିବା ଆବଶ୍ୟକ। ସେମାନେ ମନେରଖିବା ଦରକାର ସାହିତ୍ୟକୁ ଚିତ୍ତାକର୍ଷକ କରିଛି ପ୍ରାକୃତିକ ଶୋଭା। ସବୁଜ ସୁନ୍ଦର ପରିବେଶ ବିନା ମଣିଷ ହୃଦୟରୁ ଝରେନି କବିତାର ଧାରା। ତେଣୁ ସେମାନଙ୍କ ପାଇଁ ଏବେ ଏକ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି ପରିବେଶ ସୁରକ୍ଷା। ମାତ୍ର ବିଡ଼ମ୍ବନାର ବିଷୟ ଏବେ ଯେମିତି ଥୋକେ ନକଲି ପରିବେଶବିତ୍ ଗଛ ଲଗେଇବା ଆଳରେ ଫଟୋ ଉଠେଇ ଆତ୍ମପ୍ରଚାର କରୁଛନ୍ତି, ସେମିତି ଦଳେ ତଥାକଥିତ ସାହିତ୍ୟିକ ମାତିଛନ୍ତି। ସେମାନେ ବୁଝନ୍ତନି ପରିବେଶ ସୁରକ୍ଷାର ତାତ୍ପର୍ଯ୍ୟ। ତେଣୁ ଅସଲ ଦାୟିତ୍ୱ ତାଙ୍କରି କାନ୍ଧରେ ରହିଛି, ଯେଉଁମାନଙ୍କ ଲେଖିବା ପଛରେ ରହିଛି ଜନମଙ୍ଗଳ ଭାବନା।

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ଶିକ୍ଷିତ ଦାଦନ: ଏକ ବେଦନା

ଆର୍.ରାହୁଲ୍ କୁମାର୍

ବର୍ତ୍ତମାନ ସମୟର ଏକ ମାର୍ମିକ ସତ୍ୟ ଶିକ୍ଷିତ ଦାଦନ। ଯେଉଁଠି ଶିକ୍ଷା ହେଉଛି ଉନ୍ନତିର ପଥ, ତାହା ଆଜି ଦୁଃଖର ଅନ୍ୟ ଏକ ଅନୁଭବ ପାଲଟିଛି। ଓଡ଼ିଶାର ଅନେକ ଯୁବକଯୁବତୀ, ଯେଉଁମାନେ ଉଚ୍ଚଶିକ୍ଷା ଗ୍ରହଣ କରି ଆଶା ଓ ସ୍ୱପ୍ନ ସହ ଆଗକୁ ବଢ଼ିଛନ୍ତି, ସେମାନେ ଆଜି ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ଭଳି କାମ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଦୁଃଖଦ ଅବସ୍ଥା କେବଳ ରୋଜଗାର ଅଭାବ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥା, ନୀତି ଓ ବୃହତ୍ତର ସାମାଜିକ ଦୃଷ୍ଟିଭଙ୍ଗୀର ଏକ ଅନୁପାତ ଛିଡ଼ା ହୋଇଛି। ଏହି ଲେଖା ମାଧ୍ୟମରେ ଆମେ ଏହି ନୂଆ ବେଦନାର ଗଭୀରତାକୁ ଅନୁଭବ କରିବାକୁ ଚେଷ୍ଟା କରିଛୁ, ଯେଉଁଠି ଶିକ୍ଷିତ ହେବା ସତ୍ତ୍ୱେ ମେହନତିଆ ଜୀବନ ହେଉଛି ଗତିର ସମାପ୍ତି।

ସେହିମାନଙ୍କୁ ଶିକ୍ଷିତ ଦାଦନ କୁହାଯାଇପାରେ, ଯେଉଁମାନେ ପାଠ ତ ଅନେକ ପଢ଼ିଛନ୍ତି, କିନ୍ତୁ ଓଡ଼ିଶା ବାହାର ରାଜ୍ୟରେ ଯାଇ କେଇ ହଜାର ଟଙ୍କାରେ ଖଟୁଛନ୍ତି। କୁହାଯାଉଥିଲା ଓଡ଼ିଶାରେ ନିଯୁକ୍ତି ନାହିଁ ବୋଲି ଲୋକେ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିଲେ। କିନ୍ତୁ ବର୍ତ୍ତମାନ ପାଠ ପଢ଼ି ସାରିଲେ ମଧ୍ୟ ପିଲାଙ୍କ ବାସ୍ତବ ଚକ୍ଷୁ ଖୋଲୁ ନାହିଁ। ଏମାନଙ୍କ ଡିଗ୍ରୀର ଅନ୍ତିମ ବର୍ଷରେ ପ୍ଲେସମେଣ୍ଟ ଚାକିରି କରିଦେବା ନାଁରେ ସୁଟ୍ ବୁଟ୍ ଟାଇ ପିନ୍ଧାଇ ଏମାନଙ୍କୁ ଛୋଟିଆ ମୋଟିଆ କାମ ଧରେଇ ଦେଇ ବିଦା କରି ଦିଆଯାଉଛି ସୁରତ, ପୁନା, ଚେନ୍ନାଇ, ମୁମ୍ବାଇ ଭଳିଆ ସହରକୁ! ସେଠାରେ ଏମାନେ ପାଠ ପଢ଼ି ମଧ୍ୟ ବେଠି ଖଟିଲା ପରି କୋଉ କମ୍ପାନୀକୁ ନିଜର ବହୁମୂଲ୍ୟ ସମୟ ଦେଉଛନ୍ତି ଆଉ ପ୍ରତିବଦଳରେ ସେମାନେ ଧରେଇ ଦିଅନ୍ତି କେଇ ହଜାରେ ଟଙ୍କା।

ଘରର ସ୍ୱପ୍ନକୁ ସାକାର କରିବା ପାଇଁ ଯାଉଥିବା ଛାତ୍ରଟିଏ ବୁଢ଼ୀଆଣି ଜାଲରେ ଛନ୍ଦି ହେଲା ପରି ବିଭିନ୍ନ ରାଜିନାମା ସ୍ୱାକ୍ଷର ମାଧ୍ୟମରେ ଜୀବନ ତମାମ ଶଢ଼ି ହୁଏ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ। ସବୁଠାରୁ ବଡ଼କଥା ହେଲା ସରକାରୀଠାରୁ ଆରମ୍ଭ କରି ବିଭିନ୍ନ ବେସରକାରୀ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନମାନଙ୍କରେ ତାଲିମ୍ ଓ ନିଯୁକ୍ତି ନାଁ ରେ ବସିଥିବା କିଛି ବାବୁଙ୍କ ସହ କମ୍ପାନୀ ଅଧିକାରୀଙ୍କ ସଲାସୁତୁରା ହୋଇଯିବା ପରେ ଶ୍ରମିକ କାମ କରେଇବା ପାଇଁ ଧରି ନିଅନ୍ତି ଆମ ଓଡ଼ିଶାର ବହୁ ମେଧାବୀଙ୍କୁ। ଛାତ୍ରମାନଙ୍କୁ ମାନବଧିକାର ଆଉ ବିଭିନ୍ନ ସାମାଜିକ ବିଷୟରେ ଜ୍ଞାନ ପ୍ରଦାନ କରା ଯାଉ ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ସେମାନେ ଯନ୍ତ୍ର ପରି ଖଟି ମଧ୍ୟ ସେଥିରୁ ଓହରି ପାରୁନାହାନ୍ତି।

ଏକଦା ଡ. ବି ଆର ଆମ୍ବେଦକର କହିଥିଲେ ଯେ ଜଣେ ଶିକ୍ଷିତ ହିଁ ଏକ ଶିକ୍ଷିତ ସମାଜ ଗଢ଼ିପାରେ। ଏଇଠି କିନ୍ତୁ ଦେଖିବାକୁ ମିଳେ କିଛି ଓଲଟା। ଏଇଠି ଶିକ୍ଷିତ ହିଁ ଷଡ଼ଯନ୍ତ୍ର ରଚନା କରନ୍ତି ଆଉ ସେଥିରେ ଫସି ଯାଆନ୍ତି ନିରୀହ ଛାତ୍ରଛାତ୍ରୀମାନେ। ଏମାନଙ୍କୁ ବାସ୍ତବ ଶିକ୍ଷାରୁ ଦୂରେଇ ରଖିବା ଆଉ ନିଯୁକ୍ତିର ଲୋଭ ଦେଖାଇବା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଂଶବିଶେଷ ପାଲଟିଯାଏ। ଜଣାଇ ଦିଆଯାଏନି ତୁମେ ପାଠ ପଢ଼ି ଆଇ ଏ ଏସ ହୁଅ, ପୁଲିସ୍ ହୁଅ, ସେନାବାହିନୀରେ ଯୋଗ ଦେଇ ଦେଶର ସେବା କର କି ନେତୃତ୍ୱ ନେଇ ରାଜ୍ୟରେ ବିକାଶ କର। ସେମାନଙ୍କୁ ମଧ୍ୟ କୁହାଯାଏନି ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରି ଆମ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହୁଅ। କେବଳ ଏମାନଙ୍କୁ ଶିଖାଇ ଦିଆଯାଏ ତୁମେ ବେଠି ଖଟ ଓ ଚାକିରି କର। ଉଦ୍ୟୋଗୀ ହେବା ତ ଦୂରର କଥା ସେମାନଙ୍କୁ ଏତେ ଦୁର୍ବଳ କରେଇ ଦିଆ ଯାଇଥାଏ ଯେ ସେମାନେ ନିଜର ସକ୍ଷମତା ପାଇଁ ମଧ୍ୟ କଥା କହି ପାରନ୍ତି ନାହିଁ। ଶିକ୍ଷାର ବାସ୍ତବ ଅର୍ଥ ବୁଝିଲା ବେଳକୁ ହେଇ ଯାଇଥାଏ ଅନେକ ବିଳମ୍ବ। କିଛିଜଣ ବାଧ୍ୟ ହୁଅନ୍ତି ଦାଦନ ହେବାକୁ। ଘରର ଦାୟିତ୍ୱ, ଭଉଣୀର ବାହାଘର, ପରିବାରର ବୟସ୍କଙ୍କ ଔଷଧ - ଏମିତି ଅନେକ ଖର୍ଚ୍ଚରେ ବୁଡ଼ି ଶିକ୍ଷିତ ଯୁବକଟିଏ ଜାଣିଶୁଣି ବାଛିନିଏ ଦାଦନ ଖଟିବାକୁ। ଆମ ଓଡ଼ିଶାରେ ଖଣି ପାଣିର ଅଭାବ ନାହିଁ। ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଗଣ୍ଡାକୁ ଗଣ୍ଡା। କିନ୍ତୁ ଶିଳ୍ପ ଖୋଲୁ ନାହିଁ। ଯଦି ଗୋଟେ କମ୍ପାନୀ ଆସିଲା ତେବେ ତା'କୁ ନେଇ ମଧ୍ୟ ରାଜନୀତିର ଅଙ୍କକଷା ଥମୁନି। ତେଣୁ ଏହି ବ୍ୟବସ୍ଥାରେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସାମିଲ୍ ଅଛନ୍ତି।

ଶିକ୍ଷିତ ଦାଦନର ଏହି ଯନ୍ତ୍ରଣା ତଳେ ଚିତ୍କାର କରୁଛି ଯୁବପିଢ଼ି, ଯାହା ଶିକ୍ଷା ନାଁରେ କେବଳ ଶୂନ୍ୟସମ୍ମାନ ଓ ନିରାଶା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ଦରକାର ଏକ ବାସ୍ତବିକ ନୀତି, ଶକ୍ତିଶାଳୀ ଶିକ୍ଷା ଏବଂ ଉଦ୍ୟୋଗ ସୃଷ୍ଟି ପ୍ରତି ପ୍ରାମାଣିକ ପଦକ୍ଷେପ। ଯାହାକୁ ଚାହିଁ ବସିଛନ୍ତି ଅନେକ ଓଡ଼ିଆ ପୁଅଝିଅ, ଯେଉଁମାନେ ଏବେ ବି ଶିକୁଳିରେ ବେଡ଼ି ପକେଇ ଶିକ୍ଷିତ ଦାଦନର ସଂଜ୍ଞା ନିଭାଉଛନ୍ତି।

ଭୁବନେଶ୍ୱର, ମୋ: ୬୩୭୨୮୨୪୭୬୯

## ଆମ ବୃକ୍ଷଲତା ଆମ ଜୀବନ

ନରକୋଳି

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଆଂଶିକ ଅମ୍ଳୀୟ ସ୍ୱାଦ ପାଇଁ ନରକୋଳି ଭାରତରେ ବହୁଳ ଆଦୃତ। ଏହା ସମଗ୍ର ଏସିଆ, କ୍ୟୁବା, ହାଇତି, ତ୍ରିନିଦାଦ ଆଦି କାରିବିଆନ ଅଞ୍ଚଳ, ମଧ୍ୟ ଓ ଦକ୍ଷିଣ ଆମେରିକାରେ ଦେଖାଯାଉଥିବା ଏକ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଜାତୀୟ ଉଦ୍ଭିଦ। ଏହାକୁ ମଳୟ ଦ୍ୱୀପପୁଞ୍ଜ ଓ ମାଡାଗାସ୍କରର ମୂଳଜାତ ଉଦ୍ଭିଦ ବୋଲି ମଧ୍ୟ କୁହାଯାଏ।

୨ ରୁ ୯ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି କ୍ଷୁଦ୍ର ଗଛ ବହୁଶାଖା ବିଶିଷ୍ଟ। ଶାଖାଗୁଡ଼ିକର ଅଗ୍ରଭାଗରେ ଅନେକ ଡିମ୍ବାକାର ପତ୍ର ଥାଏ, ଯାହାର ଲମ୍ବା ୨ ରୁ-୮ ସେମି। ଏହାର ଉପର ପାର୍ଶ୍ୱ ସବୁଜ-ମସୃଣ ଏବଂ ତଳପାର୍ଶ୍ୱ ନୀଳ-ସବୁଜ। ପେଣ୍ଡା ହୋଇ ଫୁଟୁଥିବା ଗୋଲାପୀ ରଙ୍ଗର ଫୁଲଗୁଡ଼ିକ ୫ ରୁ ୧୨ ସେମି ଲମ୍ବା। ସାଧାରଣତଃ ଏପ୍ରିଲ-ମେ' ମାସ ମଧ୍ୟରେ ଫୁଲ ଫୁଟିଥାଏ। ଫଳଗୁଡ଼ିକ ଅଁଳାକୋଳି ଭଳି ଗୋଲାକାର, ଆକାରରେ ଛୋଟ ଏବଂ ପୃଷ୍ଠରେ ଅଙ୍ଗାବଙ୍ଗା ବା ଭଙ୍ଗା ଥାଏ। ଏଗୁଡ଼ିକ ଫିକା ହଳଦିଆ କିମ୍ବା ଧଳା, ଚିକ୍କଣ ମହମ ଭଳି, ରସାଳ ଏବଂ ଖଟା। ଫଳର ଚୋପା ମାଂସଳ, ଦୃଢ଼, କେନ୍ଦ୍ରସ୍ଥଳରେ ଏକ କଠିନ ପଥର ଭଳି ଟାଣ ବିହନ ରହିଥାଏ।

ସୌନ୍ଦର୍ଯ୍ୟତା ଏବଂ ଖାଦ୍ୟ, ଔଷଧୀୟ ଗୁଣ ଯୋଗୁଁ ନରକୋଳି ଗଛର ଚାଷ ମଧ୍ୟ କରାଯାଏ। ଗଛଟି ବିଭିନ୍ନ ପ୍ରକାରର ମାଟିରେ ବଢୁଥିଲେ ମଧ୍ୟ ଆର୍ଦ୍ର, ଉତ୍ତମ ଜଳ ନିଷ୍କାସନ ହୋଇଥିବା, ଉର୍ବର ଦୋରସା ମାଟିରେ ଭଲ ବଢ଼େ। କାଣ୍ଡରୁ କଲମି ଏବଂ ବିହନ ମାଧ୍ୟମରେ ସହଜରେ ଏହାର ବିସ୍ତାର କରାଯାଇପାରିବ, ଯାହା ଚାରି ବର୍ଷ ମଧ୍ୟରେ ଫଳ ଦେଇପାରେ। ଏଫିଡ୍ସ, ସ୍ପାଇଡର ମାଇଟ୍ସ ଓ ମିଲିବଗ୍ସ ପ୍ରତି ନଜର ରଖାଯିବା ଉଚିତ। ମୁଖ୍ୟତଃ ଜାନୁଆରୀ ମାସରେ ଫଳ ଅମଳ କରାଯାଏ।

ପତ୍ରକୁ ବାଟି ସାଇଟିକା, ଲମ୍ବାଗୋ, ବାତ, କର୍କଟ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ପତ୍ରର ରସାଳ ପ୍ରକୃତି ହେତୁ, ଗନୋରିଆ କ୍ଷେତ୍ରରେ ଏହାକୁ ମାଲିସ ଭାବରେ ଗ୍ରହଣ କରାଯାଏ। ଭାରତରେ ଫଳକୁ ରକ୍ତବର୍ଦ୍ଧକ ଭାବରେ ଖିଆଯାଏ ଏବଂ ପିଲାମାନଙ୍କୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦିଆଯାଇଥାଏ। କୋଷ୍ଠକାଠିନ୍ୟ, ଚର୍ମ ରୋଗ, ଅଜୀର୍ଣ୍ଣ, ଶ୍ୱାସରୋଗ, ହାଡ଼ ଓ ମୁଣ୍ଡବିନ୍ଧା ଏବଂ ଫୁସଫୁସ୍ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ରସକୁ ଇମେଟିକ୍ ବା ବାନ୍ତିକାରକ, ଯକୃତ ଟନିକ ଏବଂ ଶୁଦ୍ଧକାରୀ କାର୍ଯ୍ୟକଳାପ ସହିତ ଚିହ୍ନିତ କରାଯାଏ। ଏହାର ଛାଲିକୁ ନଡ଼ିଆ ତେଲ ସହିତ ଗରମ କରି ପାଦ ଏବଂ ହାତ ଫାଟିବା ସ୍ଥାନରେ ଲେପନ କରାଯାଏ।

ନରକୋଳିରେ ୪-ହାଇଡ୍ରୋକ୍ସିବେଞ୍ଜୋଇକ୍ ଏସିଡ୍, କାଫିକ୍ ଏସିଡ୍, ଆଡେନୋସାଇନ୍, କ୍ୟାମ୍ପଫେରୋଲ୍ ଏବଂ ହାଇପୋଗାଲିକ୍ ଏସିଡ୍, କ୍ୟାଲସିୟମ୍, ଲୌହ ଧାତୁ, ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଥାଏ। ତେବେ ବେଳେ ବେଳେ ସତର୍କ ରହିବା ଉଚିତ, କାରଣ ଏହାର ମୂଳର ଛାଲିର ରସରେ ସାପୋନିନ୍, ଗାଲିକ୍ ଏସିଡ୍, ଟାନିନ୍ ଏବଂ ଏକ ସ୍ଫଟିକ ପଦାର୍ଥ ଥାଏ, ଯାହା ଅପରାଧିକ ବିଷକ୍ରିୟାରେ ବ୍ୟବହୃତ ହୋଇଥିବା ଜଣାପଡେ। ବାଂଲାଦେଶ, ଭାରତ ଓ ଇଣ୍ଡୋନେସିଆରେ ଏହାର ରନ୍ଧା ପତ୍ର ଖିଆଯାଏ। ଫଳକୁ ତାଜା ଖିଆଯାଉଥିବା ବେଳେ ଏହାକୁ ଚିନିରେ ମିଠା କିମ୍ବା ଲୁଣରେ ଆଚାର କରାଯାଇ ଚଟଣି, ସ୍ୱାଦ କିମ୍ବା ସଂରକ୍ଷଣରେ ବ୍ୟବହାର କରାଯାଏ। ଫିଲିପାଇନ୍ସ, ମାଲେସିଆ ଓ ଥାଇଲ୍ୟାଣ୍ଡରେ ଏହାକୁ ଥଣ୍ଡାପାନୀୟ ଭାବେ ଏବଂ ଏଥିରୁ ଭିନେଗାର ତିଆରି କରିବା ସହିତ କଞ୍ଚା ଖିଆଯାଏ। ଏଥିରୁ ସିରପ୍, ଜାମ୍, ରସ ପ୍ରସ୍ତୁ କରି ସଂରକ୍ଷିତ ରଖାଯାଏ। ଏହାର କାଠ ଦୃଢ଼ ଓ ସ୍ଥାୟୀ। ଯଦି ସଠିକ୍ ଭାବରେ ପ୍ରକ୍ରିୟାକରଣ କରାଯାଏ ତେବେ ଏଥିରୁ ବାସନକୁସନ ଭଳି ଛୋଟ ଛୋଟ ଜିନିଷ ତିଆରି କରିବା ପାଇଁ ବ୍ୟବହାର କରାଯାଇପାରିବ। ଭାରତରେ ମୂଳର ଛାଲି କେତେକ ସମୟରେ ରଙ୍ଗ କରିବା ଉପାଦାନ ଭାବରେ ବ୍ୟବହୃତ ହୁଏ।

ନରକୋଳି, ଯାହା ପୂର୍ବରୁ ଗାଁ ମାନଙ୍କରେ ପ୍ରଚୁର ପରିମାଣରେ ଦେଖାଯାଉଥିଲା, ଏବେ କିଛି ଅନାବନା ସ୍ଥାନ ଏବଂ ଚାଷ କରାଯାଇଥିବା ଔଷଧୀୟ ଉଦ୍ୟାନରେ ସୀମିତ। ତେଣୁ ଏହା ଏକ ବିରଳ ଅଣ-ବର୍ଣ୍ଣିତ ଉଦ୍ଭିଦ ପାଲଟିଛି। ସମୟ ଆସିଛି ଯେ ନରକୋଳି ଭଳି ବିଭିନ୍ନ ଉଦ୍ଭିଦ ଜାତିକୁ ବ୍ୟକ୍ତିଗତ ଉଦ୍ୟାନ, ସହରାଞ୍ଚଳ ପାର୍କ ଏବଂ ଗ୍ରାମ୍ୟ ଗୋଷ୍ଠୀ ଜଙ୍ଗଲ ସହିତ ଗ୍ରାମାଞ୍ଚଳ ମନ୍ଦିର ପ୍ରାଙ୍ଗଣରେ ଲଗାଯିବା ଉଚିତ।

ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ

ଖୋର୍ଦ୍ଧା/ବାଲୁଗାଁ,୧୮।୫(ସମିସ): ରବିବାର ୧୬ନଂ ଜାତୀୟ ରାଜପଥ ସୁନାଖଳା ଓଭରବ୍ରିଜ୍ ନିକଟରେ ବାଲୁଗାଁ ଅବକାରୀ ପୁଲିସ ଚଢ଼ଉ କରି ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫଦ୍ୱୟ ହେଲେ, କେନ୍ଦୁଝର ବାଂଶପାଣିରେ ରହୁଥିବା ବିହାର ରସାଲପୁରର ଫିରୋଜ୍ ଖାନ୍ (୩୩) ଏବଂ ବୌଦ୍ଧର ସୁଶାନ୍ତ ମେଣ୍ଡଲି (୨୪)। ଅନ୍ୟ ଦୁଇ ଅଭିଯୁକ୍ତ ଗଞ୍ଜେଇ ଫୋପାଡ଼ି ଗାଡ଼ି ସହ ଫେରାର୍ ହୋଇଯାଇଥିବା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୌଦ୍ଧରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଛପି ରହିଥିଲେ। ଭୋର୍ ପ୍ରାୟ ୫ଟାରେ ସୁନାଖଳା ଛକ ନିକଟରେ ୩ଟି ଗାଡ଼ି ଅଟକାଇବା ବେଳେ ଘଟଣାସ୍ଥଳରୁ ଦୁଇଟି କାର୍‌ର ଡ୍ରାଇଭର ୨୫ କେଜି ଲେଖାଏଁ ହୋଇଥିବା ପ୍ୟାକେଟ୍ ଫିଙ୍ଗି ଫେରାର୍ ହୋଇଯାଇଥିଲେ। କିନ୍ତୁ ପଛରେ ଆସୁଥିବା ଆଉ ଏକ ପିକ୍-ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୫୦ପ୍ୟାକେଟ୍ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ଫିରୋଜ ଓ ସୁଶାନ୍ତକୁ ଗିରଫ କରିଥିଲା ଅବକାରୀ ଟିମ୍। ଫିରୋଜ୍ ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ସୁଶାନ୍ତ ବୌଦ୍ଧର ବିଭିନ୍ନ ସ୍ଥାନରୁ ଚାଷୀଙ୍କଠାରୁ ଗଞ୍ଜେଇ ସଂଗ୍ରହ କରି ଆଣୁଥିଲା। ଉଭୟ ଗଞ୍ଜେଇ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସମୁଦାୟ ୨କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ଏନେଇ ବାଲୁଗାଁ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ବୌଦ୍ଧ ଗସ୍ତ: ବିଭିନ୍ନ ପ୍ରକଳ୍ପର ତ୍ୱରାନ୍ୱିତ ଲାଗି ପରାମର୍ଶ

ବୌଦ୍ଧ,୧୮।୫(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେଇଥିଲେ। ଏହାସହ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ। ଯେଉଁ କାର୍ଯ୍ୟଗୁଡ଼ିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି, ତାହାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ୍ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। ବୌଦ୍ଧ ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଆହୁରି କ୍ଷିପ୍ର ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ କିଛି ପ୍ରକଳ୍ପରେ ବିଳମ୍ବ ହେଉଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ସେ ସମସ୍ତ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବା ଆବଶ୍ୟକ ବୋଲି କହିଥିଲେ। ସେହିପରି କାର୍ଯ୍ୟର ଗୁଣବତ୍ତା ସହ କୌଣସି ସାଲିସ କରାଯିବନି। କମିଶନ କରାବାର ମଧ୍ୟ କରାଯିବ ନାହିଁ ବୋଲି ସେ ସଫା ସଫା ଶୁଣାଇଛନ୍ତି। ଗୁଣବତ୍ତା ଯାଞ୍ଚ ପାଇଁ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିକାଶ କାର୍ଯ୍ୟ ସଫଳ ହେବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରି ସେମାନଙ୍କ ମତାମତ ଗ୍ରହଣ କରିବାକୁ କହିଛନ୍ତି। ଏହା ଦ୍ୱାରା ପ୍ରକଳ୍ପଗୁଡ଼ିକ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ ହେବ ବୋଲି ସେ କହିଥିଲେ। ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରଶାସନ ସମନ୍ୱୟ ଭିତ୍ତିରେ କାମ କରିବା ଆବଶ୍ୟକ। ଆବଶ୍ୟକ ହେଲେ ସେ ନିଜେ ହସ୍ତକ୍ଷେପ କରିବେ ବୋଲି କହିଛନ୍ତି। ସେହିଭଳି ବୌଦ୍ଧ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ କୃଷି କ୍ଷେତ୍ରରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସ୍କୁଲ ଓ ଡାକ୍ତରଖାନା ଭିତ୍ତିଭୂମି ଉନ୍ନତି ଏବଂ କୃଷକଙ୍କ ପାଇଁ ଆଧୁନିକ ସୁବିଧା ଯୋଗାଇ ଦେବାକୁ କହିଛନ୍ତି। ଏହି କ୍ଷେତ୍ରଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସରକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବାକୁ କହିଛନ୍ତି। ସରକାରୀ ଅର୍ଥର ଠିକ ବ୍ୟବହାର ହେଉଛି ଏବଂ ଜନସାଧାରଣଙ୍କୁ ଏହାର ସୁଫଳ ମିଳୁଛି ବୋଲି ସମସ୍ତ ଅଧିକାରୀ ନିଶ୍ଚିତ କରନ୍ତୁ ବୋଲି କହିଛନ୍ତି। କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବୌଦ୍ଧ ଜିଲ୍ଲାକୁ ଉନ୍ନତିର ଶିଖରରେ ପହଞ୍ଚାଇବାକୁ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ତାଙ୍କ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି। ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣ ଓ ଶକ୍ତି ଉପରେ ଧ୍ୟାନ ଦିଆଯିବ। ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଏକ ମାସ ମଧ୍ୟରେ ପ୍ରସ୍ତୁତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ଏହି ସମୀକ୍ଷା ବୈଠକରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଆରକ୍ଷୀ ମହାନିରୀକ୍ଷକ ନୀତିଶେଖର, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଏସ୍‌ପି ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ ବାଣ୍ଡଆଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀ ଉପସ୍ଥିତ ଥିଲେ।

■ ମୁଦୁଲି ଦ୍ୱାର ନିକଟକରେ ଖଙ୍କାର

# ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

ପୁରୀ,୧୮।୫(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ମୁଦୁଲି ଦ୍ୱାର ନିକଟରେ ଖଙ୍କାର ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ରବିବାର ଭୋର୍ ୫ଟା ୪୫ରେ ଦ୍ୱାର ଫିଟାଯାଇଥିଲା। ୬ଟା ୩୫ରେ ମଙ୍ଗଳଆଳତି ହୋଇଥିଲା। ମଇଲମ, ତଡ଼ପଲାଗି ପରେ ସକାଳ ୭ଟା ୫୦ରେ ଅବକାଶ ପୂଜା ବଢ଼ିଥିଲା। ଏହି ସମୟରେ ମୁଦୁଲି ଦ୍ୱାର ନିକଟରେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ରତ୍ନ ସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ସକାଳ ୯ଟାରେ ମହାସ୍ନାନ ପୂଜା କରିଥିଲେ। ୯ଟା ୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ଘଣ୍ଟାରୁ ଉର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

# ଛାତରୁ ଖସି ରଙ୍ଗମିସ୍ତ୍ରି ମୃତ

ରାଉରକେଲା,୧୮।୫(ସମିସ): ରଙ୍ଗ କାମ କରୁଥିବା ବେଳେ ଛାତରୁ ଖସିପଡି ରଙ୍ଗ ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଭୋଳା ବାଡା (୬୦)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଛେଣ୍ଡ ଏଲ୍/୨୩ ଘରର ରଙ୍ଗ କାର୍ଯ୍ୟରେ ଭୋଳା ନିୟୋଜିତ ଥିଲେ। ଚଳିତ ମାସ ୮ତାରିଖରେ ସେ ଛାତରୁ ତଳକୁ ଖସି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ କାଳ ହେଲା ସେଲ୍‌ଫି

# ନଦୀକୁ ଖସି ଛାତ୍ର ମୃତ

ରାଉରକେଲା,୧୮।୫(ସମିସ): ସେଲ୍‌ଫି ନେବା ଜଣେ ଛାତ୍ରଙ୍କ ପାଇଁ କାଳ ହୋଇଛି। ସେଲ୍‌ଫି ନେବା ବେଳେ କୋଏଲ ନଦୀକୁ ଖସି ଜୀବନ ଯାଇଛି। ରବିବାର ଏଭଳି ଘଟଣା ଛେଣ୍ଡ ଥାନା ଅନ୍ତର୍ଗତ ପ୍ରଧାନପାଲି ଓଭରବ୍ରିଜଠାରେ ଘଟିଛି। ମୃତକ ହେଲେ, ସ୍ୱାଧୀନ ଓରାମ (୧୯)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ୍ ସୂଚନାନୁଯାୟୀ, ସ୍ୱାଧୀନ ୩ଜଣ ସାଙ୍ଗ ପିଣ୍ଟୁ ବଞ୍ଚଲ୍ (୧୯), ମଧୁସୂଦନପାଲିର ତରୁଣ ଦାସ (୧୮) ଓ ସେକ୍ଟର-୨୧ ଅଞ୍ଚଳର ରୁଦ୍ରାକ୍ଷ ଛୁରା (୧୭)ଙ୍କ ସହ ପ୍ରଧାନପାଲି ବ୍ରିଜ୍‌ରେ ଥିବା ସେଲ୍‌ଫି ପଏଣ୍ଟକୁ ଯାଇଥିଲେ। ସେଠାରେ ସେଲ୍‌ଫି ନେବା ବେଳେ ଅସାବଧାନତାବଶତଃ ସ୍ୱାଧୀନ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ୪ଜଣ ସାଙ୍ଗ ସହରର ଏକ ଆଇଟିଆଇର ଛାତ୍ର ହୋଇଥିବା ବେଳେ ସ୍ୱାଧୀନ ଓ ପିଣ୍ଟୁ ଉକ୍ତ ଅନୁଷ୍ଠାନର ହଷ୍ଟେଲରେ ରହୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# ପୋଖରୀରେ ବୁଡ଼ି ଜଣେ ମୃତ

କାମାକ୍ଷାନଗର, ୧୮।୫ (ସମିସ): କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ୍ ଥାନା ଅନ୍ତର୍ଗତ ଗଡ଼ପଳାଶୁଣି ଗାଁରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ଯୁଧିଷ୍ଠିର ବେହେରା (୪୮)। ରବିବାର ସକାଳେ ଯୁଧିଷ୍ଠିର ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ପାଇନଥିଲେ। ତେବେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଥାନା ଅଧିକାରୀ କାଶୀନାଥ ହାଁସଦା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ୍ ତଦନ୍ତ କରୁଛି।

# ଧରାହେଲେ ୨ ନକଲି ପୁଲିସ୍

ଅନୁଗୋଳ, ୧୮।୫ (ସମିସ): ପୁଲିସ୍ ବେଶରେ ଲୋକଙ୍କୁ ଡରାଇ ଧମକାଇ ଟଙ୍କା ଆଦାୟ କରୁଥିବା ୨ ଧୂର୍ତ୍ତଙ୍କୁ ଅନୁଗୋଳ ସଦର ଥାନା ପୁଲିସ୍ ଧରିଛି। ରବିବାର ସଦର ଥାନା ଅନ୍ତର୍ଗତ ଛେଳିଆପଡ଼ା ନିକଟରେ ଦୁଇଜଣ ବ୍ୟକ୍ତି ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଗାଡ଼ି କାଗଜପତ୍ର ଯାଞ୍ଚ କରୁଥିଲେ। ଏଥିସହ ଲୋକଙ୍କଠାରୁ ଟଙ୍କା ମଧ୍ୟ ଆଦାୟ କରୁଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କ ପରିଚୟ ମାଗିଥିଲା। କିନ୍ତୁ ସେମାନେ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ସେମାନଙ୍କୁ ପୁଲିସ୍ ଉଠାଇ ନେଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ପୁଲିସ୍ ସବ୍-ଇନ୍ସପେକ୍ଟର୍ ୟୁନିଫର୍ମ ପିନ୍ଧିଥିବା ବେଳେ ଅନ୍ୟ ଜଣେ ସାଦା ପୋଷାକରେ ଥିଲେ। ୟୁନିଫର୍ମ ପିନ୍ଧିଥିବା ବ୍ୟକ୍ତିଙ୍କ କାନ୍ଧରେ କେବଳ ଦୁଇଟି ତାରା (ଷ୍ଟାର୍) ଲାଗିଥିବା ବେଳେ କୌଣସି ବ୍ୟାଜ୍ କି ଲୋଗୋ ନଥିଲା। ପୁଲିସ ସେମାନଙ୍କୁ ପଚରାଉଚରା ଜାରି ରଖିଛି।



**ଗାଡ଼ି ଯାଞ୍ଚ ବାହାନାରେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ**

# କାଠଯୋଡ଼ିରେ ବୁଡ଼ିଗଲେ ୨ ଇଞ୍ଜିନିୟର୍

## ଜଣେ ମୃତ: ଜଣେ ନିଖୋଜ

କଟକ, ୧୮।୫ (ସମିସ): ମର୍କତନଗର ଫେଜ୍-୨ ଥାନା ସେକ୍ଟର-୧୧ଅନ୍ତର୍ଗତ କାଠଯୋଡ଼ି ନଦୀରେ ଆଜି ୨ଜଣ ଇଞ୍ଜିନିୟର୍ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ରହିଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ବିଡ଼ାନାସୀ ଅଗ୍ନିଶମ କର୍ମଚାରୀ ଅପରେସନ୍ ଚଳାଇଛି। ତେବେ, ରାତି ହୋଇଯିବାରୁ ଆଜି ଅପରେସନ୍‌କୁ ବନ୍ଦ କରାଯାଇଛି। ଆସନ୍ତାକାଲି ପୁଣି ତାଙ୍କୁ ଖୋଜାଯିବ ବୋଲି ଜଣାଯାଇଛି। ମୃତ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ର ଏବଂ ତାଙ୍କ ନାଁ ରୁତିକେଶ ମଟଲ୍(୨୫)। ସେହିପରି ନିଖୋଜ ରହିଥିବା ଇଞ୍ଜିନିୟରଙ୍କ ନାଁ ରତିକ୍ ବ୍ରିଜିନୀ(୨୮)। ଦୁହେଁ ଏଲ୍‌ଆଣ୍ଡଟି କମ୍ପାନୀର କର୍ମଚାରୀ। ସେମାନେ ଏସ୍‌ସିବି ମେଡିକାଲରେ ନବନିର୍ମିତ କୋଠାର ନିର୍ମାଣ ଦାୟିତ୍ୱରେ ରହିଥିଲେ।

ସୂଚନାନୁଯାୟୀ, ସିଡିଏ ସେକ୍ଟର୍-୧୧ରେ ଏଲ୍‌ଆଣ୍ଡଟି କମ୍ପାନୀର ଇଞ୍ଜିନିୟର୍ ଏବଂ ଉଚ୍ଚପଦସ୍ଥ କର୍ମଚାରୀ ରହିବା ନିମନ୍ତେ ମେସ୍ ବ୍ୟବସ୍ଥା ରହିଛି। ଆଜି ରବିବାର ଉପଲକ୍ଷେ ଏସ୍‌ସିବିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଏଣୁ, ମେସ୍‌ରେ ରହୁଥିବା ଇଞ୍ଜିନିୟର ରୁତିକେଶ, ରତିକ୍‌ଙ୍କ ସମେତ ଅନ୍ୟ ୨ କର୍ମଚାରୀ ଭୋଜିଭାତ କରିଥିଲେ। ଭୋଜି ଶେଷ ହେବା ପରେ କାଠଯୋଡ଼ି ନଦୀକୂଳକୁ ଗୋଧାଇବାକୁ ଯାଇଥିଲେ। ସେଠାରେ ପହଞ୍ଚି ନିଜନିଜ ଭିତରେ ସନ୍ତରଣ ପ୍ରତିଯୋଗିତା କରିଥିଲେ। କିନ୍ତୁ ୪ ସାଙ୍ଗଙ୍କ ମଧ୍ୟରୁ କାହାରିକୁ ପହଁରା ଜଣାନଥିଲା। ପ୍ରଥମେ ରୁତିକେଶ ନଦୀ ମଧ୍ୟକୁ ଡେଇଁ କୂଳରେ ପହଁରିବାକୁ ଚେଷ୍ଟା କରିଥିଲେ। ତାଙ୍କ ସହ ରତିକ୍ ମଧ୍ୟ କୂଳକୁ ଯାଇ ପହଁରିଥିଲେ। ତେବେ କିଛି ସମୟମଧ୍ୟରେ ୨ବନ୍ଧୁ କୂଳରୁ ମଝିକୁ ଚାଲି ଯାଇଥିଲେ। ପହଁରା ଜଣାନଥିବାରୁ ରତିକ୍ ପାଣିର ପ୍ରଖର ସୁଅରେ ଭାସି ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ରୁତିକେଶ ନଦୀ ମଝିକୁ ଚାଲିଯାଇଥିଲେ। କିନ୍ତୁ, ଦୁର୍ଭାଗ୍ୟକୁ ୨ଜଣ ନଦୀରେ ବୁଡ଼ି ଯାଇଥିଲେ। କୂଳରେ ଥିବା ୨ବନ୍ଧୁ ପ୍ରଥମେ ଫେଜ୍-୨ ଥାନା ଓ ପରେ ବିଡ଼ାନାସୀ ଫାୟାର୍ ଷ୍ଟେସନ୍‌କୁ ଫୋନ୍ କରି ଘଟଣା ବିଷୟରେ ଅବଗତ କରାଇଥିଲେ। ଘଟଣାସ୍ଥଳରେ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଧଘଣ୍ଟା ଭିତରେ ରୁତିକେଶଙ୍କ ମୃତଦେହ ଠାବ କରାଯାଇଥିଲା। ପରେ ତାଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ଅନ୍ୟପକ୍ଷରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରତିକ୍‌ଙ୍କ ପତ୍ତା ମିଳିନଥିଲା। ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଛି।

ଏ ସମ୍ପର୍କରେ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରର ଫାୟାର୍ ଅଫିସର୍ ପୁଲକ୍ ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାସ୍ଥଳରେ ପାଣିର ପ୍ରଖର ସ୍ରୋତ ରହିଥିଲା। ୨ଇଞ୍ଜିନିୟର୍ ଆଦୌ ପହଁରା ନଜାଣି ନଦୀଗର୍ଭକୁ ଲମ୍ଫ ମାରିଥିଲେ। ତେଣୁ, ଏହି ଅଘଟଣ ଘଟିଛି।

## ତୁର୍କୀ, ଚୀନ୍ ଓ ଅଜରବୈଜାନ୍ ସାମଗ୍ରୀକୁ ଓଡ଼ିଶାରେ ବର୍ଜନ

# ବ୍ୟବସାୟୀ ମହାସଂଘର ବିକ୍ରି କଟକଣା

## ଅନ୍‌ଲାଇନ୍ ଓ କର୍ପୋରେଟ୍ ସଂସ୍ଥା ଜିନିଷରେ ବି ରୋକ୍

ଭୁବନେଶ୍ୱର, ୧୮।୫(ସମିସ): ଭାରତ-ପାକ୍ ଯୁଦ୍ଧ ସମୟରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଜଣାଇଥିଲା ତୁର୍କୀ। ସେହିଭଳି ଚୀନ୍ ଓ ଅଜରବୈଜାନ୍ ଭିତିରିଆ ପାକିସ୍ତାନ ସପକ୍ଷରେ ଥିଲେ। ତେଣୁ, ଏସବୁ ଦେଶର ସାମଗ୍ରୀକୁ ଭାରତରେ ସଂପୂର୍ଣ୍ଣ ରୂପେ ବର୍ଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ଏହି ଦେଶର ସାମଗ୍ରୀ ବିକ୍ରି ଉପରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ରୋକ୍ ଲଗାଇଛି। ତୁର୍କୀରୁ ଆସୁଥିବା ଡାଲି ଜାତୀୟ ସାମଗ୍ରୀ, ସେଓ, ସିମେଣ୍ଟ ଆଦି ସାମଗ୍ରୀ ବନ୍ଦ କରିବାକୁ ବ୍ୟବସାୟୀ ମହାସଂଘ ନିଷ୍ପତ୍ତି ନେଇଛି। ସେହିପରି ଚୀନ୍‌ର ସାମଗ୍ରୀକୁ ମଧ୍ୟ ଓଡ଼ିଶାରେ ବ୍ୟାନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀରେ ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏପରି ନିଷ୍ପତ୍ତି ନିଆଯାଇଛି।

ସେହିଭଳି ଅନଲାଇନ୍ ଓ କର୍ପୋରେଟ୍ ହାଉସ୍‌କୁ ସରକାରଙ୍କ ସମର୍ଥନ ବିରୋଧରେ କଠୋର୍ ହୋଇଛି ମହାସଂଘ। ସ୍ୱଦେଶୀ ଜାଗରଣ ମଞ୍ଚ ସହ ମିଶି ଅନଲାଇନ୍ ସାମଗ୍ରୀ ବିକ୍ରିକୁ ବିରୋଧ କରିବାକୁ ନିଷ୍ପତ୍ତି ହୋଇଛି। ଅନଲାଇନ୍‌ରେ ଯେଉଁ କମ୍ପାନୀ ନିଜ ସାମଗ୍ରୀକୁ କମ ଦରରେ ବିକ୍ରି କରୁଛନ୍ତି, ଖୋଲା ବଜାରରେ ବ୍ୟବସାୟୀଙ୍କଠାରୁ ଅଧିକ ଦର ନେଉଛନ୍ତି, ସେମାନଙ୍କ ସାମଗ୍ରୀକୁ ବ୍ୟାନ୍ କରାଯିବ। କୌଣସି ଅଫଲାଇନ୍ ଦୋକାନରେ ସଂପୃକ୍ତ କମ୍ପାନୀର ସାମଗ୍ରୀ ବିକ୍ରି କରିପାରିବେନି ବ୍ୟବସାୟୀ। ଏପରିକି, ଅନଲାଇନ୍‌ରେ ବିଭିନ୍ନ ବ୍ୟାଙ୍କଗୁଡ଼ିକ ବିଭିନ୍ନ ସମଗ୍ରୀଗୁଡ଼ିକରେ ଅତିରିକ୍ତ ଲାଭ ଅଫର୍ ମାଧ୍ୟମରେ ଦେଉଛନ୍ତି। ତେଣୁ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକୁ ମଧ୍ୟ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି ବ୍ୟବସାୟୀ ମହାସଂଘ। ସାମଗ୍ରୀ ବିକ୍ରିର ୧୪ ପ୍ରତିଶତ ଅନଲାଇନ୍ ବ୍ୟବସାୟ ମାଧ୍ୟମରେ ହେଉଥିବା ବେଳେ ଅଫଲାଇନ୍‌ରେ ୮୬ପ୍ରତିଶତ ବିକ୍ରି ହେଉଛି। କର୍ପୋରେଟ୍ ହାଉସ୍ ଓ ଅନଲାଇନ୍ ବ୍ୟବସ୍ଥାକୁ ସମର୍ଥନ ଜଣାଇ ସରକାର ରାଜ୍ୟର ବ୍ୟବସାୟୀଙ୍କୁ ହଇରାଣ କରୁଥିବାରୁ ବ୍ୟବସାୟୀମାନେ ଏଭଳି କଠୋର୍ ନିଷ୍ପତ୍ତି ନେଉଛନ୍ତି ବୋଲି ମହାସଂଘର ମହାସଚିବ ସୁଧାକର ପଣ୍ଡା ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଛନ୍ତି।

SALE

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact
GADHWAL GROUP
M.: 9437015112

AFFIDAVIT

By affidavit I, Pratima Sahoo aged about 42 years, W/o - Chakradhar Sahoo, Vill: Dudurkote Manapur, P.O.: Dudurkote, P.S.: Balimi, Dist.: Dhenkanal, ODISHA, 759020 declare that my real name is Pratima Sahoo which is mentioned in my Aadhar but I had opened a LIC policy at Angul Branch bearing the Policy No - 588457061 in where my name is wrongly mentioned as "Sasmita Sahu" instead of "Pratima Sahoo". Both are one and same person.

AFFIDAVIT

By virtue of an affidavit sworn before the Executive Magistrate, Tangi, Dist: Khordha CF No: 739 dated 15/05/2025, I **Puspalata Pradhan**, W/o Manas Ranjan Pradhan resident of Village At - Balipatpur, Po- Bhusandpur, Ps- Tangi, Dist- Khordha, Odisha, Pin- 752021 declare that I have changed my name from **PUSPALATA PANSINGHA** to **PUSPALATA PRADHAN**. Henceforth, she shall be known as **PUSPALATA PRADHAN** for all purposes.
**Sd- PUSPALATA PRADHAN**

NOTICE

By virtue of an affidavit sworn before In the Court Of Sri Kabiraj Sethi (ORS) Executive Magistrate,Nuagaon,dated 17.05.2025 I Golakha Bihari Jani, Address At-Ambajhari, PO/PS- Nuagaon, Dist-Nayagarh, Odisha, Pin-752083 declare that I have changed my name from Golak Bihari Jani to Golakha Bihari Jani. Henceforth, I shall be known as Golakha Bihari Jani for all purposes.

AFFIDAVIT

I, Rakesh Agarwalla, S/O Gobind Prasad Agarwalla, R/O Ward No-11, At/po: Karanjia, Dist: Mayurbhanj, Odisha- 757037 shall henceforth be known as Rakesh Kumar Agarwalla vide an affidavit sworn before The Notary Public at Karanjia court on 20/01/2025. That Rakesh Kumar Agarwalla and Rakesh Agarwalla all are the same and one identical person.

AFFIDAVIT

By virtue of an affidavit before the Executive Magistrate, Titilagarh, on dated 16/05/2025. I, **Harit Suman S Nag**, formerly known as Harit Suman Nag, S/O Suresh Nag, permanent resident of At- Brahmani Tarang, P.O. Jhartarang, P.S. Brahmani Tarang, Dist- Sundargarh, Odisha, Pin No. 769004 affirm that I have changed my name from **Harit Suman Nag To Harit Suman S Nag.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Harit Suman S Nag.**
**Harit Suman S Nag**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୮ ଶିଶୁଙ୍କ ସମେତ...

ହରାଇ ଥିଲେ। ଦମକଳ ବିଭାଗ ଅନୁଯାୟୀ ୬ଟା୩୦ରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ଏହା ପରେ ୧୧ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଅନେକ ଲୋକଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୧୦ ଜଣଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଦୀର୍ଘ ଦୁଇ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ କରାଯାଇଥିଲା। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି।

## କେନ୍ଦ୍ରକୁ ‘ସୁପ୍ରିମ’...

ଅଧିସୂଚନା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୧ ମସିହାରେ ଏଥିପାଇଁ ଏକ ମେମୋରାଣ୍ଡମ୍ ଅଣାଯାଇଥିଲା। ମାତ୍ର ୨୦୦୬ରେ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ଉଲ୍ଲଂଘନ କରିଥିବା ସଂସ୍ଥାକୁ ଆଶ୍ୱସ୍ତି ଦେବା ପାଇଁ ୧୫ ବର୍ଷ ପରେ ସ୍ମାରକପତ୍ର ଜାରି କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଯେହେତୁ ଏହି ସଂସ୍ଥାଗୁଡ଼ିକ ପରିବେଶ ପ୍ରଭାବ ଆକଳନ ସଂକ୍ରାନ୍ତ ବିଜ୍ଞପ୍ତି ସମ୍ପର୍କରେ ଜ୍ଞାତ ଥିବା ସତ୍ତ୍ୱେ ଏହାକୁ ଅବଜ୍ଞା କରିଛନ୍ତି, ତେଣୁ ସେମାନେ ଆଶ୍ୱସ୍ତି ପାଇବା ନିମନ୍ତେ ହକଦାର ନୁହନ୍ତି। ଏହି ଆଇନ ଉଲ୍ଲଂଘନ କରି ସେମାନେ କେବଳ ଘୋର ବେଆଇନ କାର୍ଯ୍ୟ କରିନାହାନ୍ତି, ବରଂ ସମାଜ ବିରୋଧୀ କାର୍ଯ୍ୟ କରିଛନ୍ତି। ତେଣୁ ପୂର୍ବ ପରିବେଶ ମଞ୍ଜୁରୀ ସର୍ତ୍ତକୁ କଠୋରଭାବରେ ମୁକାବିଲ କରାଯିବା ଉଚିତ୍। ପରିବେଶ ସଂକ୍ରାନ୍ତ ଓ ପରିବେଶ ଆଇନ ଉଲ୍ଲଂଘନ ସଂକ୍ରାନ୍ତ ମାମଲାଗୁଡ଼ିକରେ ଅଦାଲତ ଆଦୌ ନରମ ମନୋଭାବ ପୋଷଣ କରିପାରିବେ ନାହିଁ। ଏହା ସାମ୍ବିଧାନିକ ଅଦାଲତଗୁଡ଼ିକର ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପରିବେଶ ମଞ୍ଜୁରୀ ଆଇନ ଉଲ୍ଲଂଘନ କରି ଦୀର୍ଘବର୍ଷ ଧରି କାର୍ଯ୍ୟ ଚଳାଇଥିବା ଖଣି ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ କ୍ଷମା ନ କରିବା ପାଇଁ ‘ବନ ଶକ୍ତି’ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଓ ସରକାରୀ ଆଇନକୁ ଜାଣିଶୁଣି ଉଲ୍ଲଂଘନ କରିଥିବା ଏହି କମ୍ପାନୀ ଓ ସଂସ୍ଥାଗୁଡ଼ିକୁ କ୍ଷମା କରିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାକୁ ସମ୍ପୃକ୍ତ ସଂସ୍ଥା ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚ ମାସରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି କ୍ଷମା ଯୋଜନା ୬ ମାସ ପାଇଁ ବଳବତ୍ତର ରହିବ ବୋଲି କୁହାଯାଇଥିଲା। ମାତ୍ର ଏହି ଅବଧି ପରେ ମଧ୍ୟ ଅନେକ ଖଣି ଓ ପ୍ରକଳ୍ପକୁ ମଧ୍ୟ ଅନୁଗୃହୀତ କରାଯାଇଥିବା ଅଭିଯୋଗ ହୋଇଥିଲା।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଯଥାର୍ଥ ବୋଲି ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ ହେଁ ଅଦାଲତ ତାହାକୁ ଗ୍ରହଣ କରିନାହାନ୍ତି। ୨୦୧୭ରେ କେନ୍ଦ୍ର ସରକାରଙ୍କ ଅଧିସୂଚନା କେବଳ ୧୪ ମାର୍ଚ୍ଚ ୨୦୧୭ ସୁଦ୍ଧା ଉଲ୍ଲଂଘନ ମାମଲାଗୁଡ଼ିକ ଉପରେ ପର୍ଯ୍ୟବେଶିତ ଥିଲା। ଏହା ପରେ ଯେଉଁ ସଂସ୍ଥାଗୁଡ଼ିକ ଆଇନ ଉଲ୍ଲଂଘନ କରିଛନ୍ତି, ସେମାନଙ୍କୁ କ୍ଷମା କରାଯାଇ ପାରିବ ନାହିଁ କିମ୍ବା ଏକ୍ସ ଫ୍ୟାକ୍ଟୋ ବା ପୂର୍ବୋବ୍ୟାପୀ ପରିବେଶ ମଞ୍ଜୁରୀ ଦିଆଯିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

## କୁଖ୍ୟାତ ଆତଙ୍କୀ...

ସାମିଲ ଥିଲା। ସେ ନେପାଳରେ ରହି ଲସ୍କର-ଇ-ତୋଏବା ମଡ୍ୟୁଲ ପରିଚାଳନା କରୁଥିଲା। ଏହାର ମୁଖ୍ୟ କାମ ଥିଲା ଲସ୍କରର ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ କ୍ୟାଡର ଏବଂ ଆର୍ଥିକ ସହାୟତା ଯୋଗାଇବା। ସେ ନେପାଳ ଦେଇ ଲସ୍କର ଆତଙ୍କବାଦୀଙ୍କୁ ଭାରତ ପଠାଉଥିଲା ବୋଲି ଜଣାପଡ଼ିଛି।

## ଉତ୍ତେଜନା ବଢାଇଲେ...

କୌଣସି ସମୟରେ କିଛି ଘଟିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଆଇଏମଏଫ ପାକିସ୍ତାନ ପାଇଁ ୧୧ଟି ନୂତନ ସର୍ତ୍ତ ଲାଗୁ କରିଥିବା ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ଖବର ପ୍ରକାଶ ପାଇଛି। ପାକିସ୍ତାନ ଉପରେ ଲାଗୁ ହୋଇଥିବା ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ଶେହବାଜ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ୧୭,୬୦୦ ଟ୍ରିଲିୟନ ଟଙ୍କାର ବଜେଟ,ବିଦ୍ୟୁତ୍ ବିଲ୍ ଉପରେ ଋଣ ପରିଶୋଧ ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ ରହିଛି। ପାକିସ୍ତାନ ସରକାର ତାଙ୍କ ବଜେଟରେ ପ୍ରତିରକ୍ଷା ବିଭାଗ ପାଇଁ ଅହେତୁକ ଭାବେ ବ୍ୟୟ ବରାଦ ବୃଦ୍ଧି କରିଛନ୍ତି। ଆସନ୍ତାବର୍ଷ ପାଇଁ ପ୍ରତିରକ୍ଷା ବଜେଟ୍ ୨.୪୧୪ ଟ୍ରିଲିୟନ ଟଙ୍କା ରଖାଯାଇଥିଲା ବେଳେ ଗତ ବଜେଟ ତୁଳନାରେ ଏହା ୨୫୨ ବିଲିୟନ ଡଲାର ଅଧିକ ରହିଛି। ଭାରତ ସହ ଉତ୍ତେଜନା ବୃଦ୍ଧି ପାଉଥିବାରୁ ପାକିସ୍ତାନ ସରକାର ଜାଣିଶୁଣି ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିଛନ୍ତି। କିନ୍ତୁ ଏହାଦ୍ୱାରା ପାକିସ୍ତାନର ସ୍ଥିତି ଆହୁରି ଖରାପ ହେବ ବୋଲି ଆଇଏମଏଫ ସୂଚାଇ ଦେଇଛି। ପାକିସ୍ତାନ ନିଜର ଆର୍ଥିକ ସ୍ଥିତିରେ ଆଣିବା ଲାଗି ଆଇଏମଏଫ ଠାରୁ ଋଣ ଗ୍ରହଣ କରୁଛି। କିନ୍ତୁ ଆର୍ଥିକ ଏବଂ ବଜାର ସ୍ଥିତିକୁ ଦୃଷ୍ଟି ନଦେଇ ସରକାର ବଜେଟ୍ ପ୍ରସ୍ତୁତ କରିବା ଏବଂ ଅନ୍ୟ କ୍ଷେତ୍ରଗୁଡିକରେ ରିଆତି ହ୍ରାସ ନ କରିଲେ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆଇଏମଏଫ କହିଛି।

## ‘କଠିନ ପରିଶ୍ରମ...

ନନ୍ଦିଘୋଷ ସମ୍ବଲପୁର ବ୍ୟୁରୋ ମୁଖ୍ୟ ସମୀର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଏବଂ ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏଜିଏମ୍ ନରୋତ୍ତମ ଗୁରୁ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ଉଦ୍‌ଘୋଷିକା ମିମାଂସା ରଥ ସଂଯୋଜନା କରିଥିଲେ। ‘ମାଟ୍ରିକ ଉତ୍କର୍ଷ ସମ୍ମାନ ୨୦୨୫’ କାର୍ଯ୍ୟକ୍ରମ ଆୟୋଜନରେ ସହଭାଗିତା କରିଥିବା ନିଉଟନ ହାୟର ସେକେଣ୍ଡାରୀ ସ୍କୁଲ, ଏମ୍‌ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ, କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ, ବୈଦିକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ, ପିନାକଲ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ, ଓମ୍‌ଫେଡ୍ ଆଦି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ପ୍ରଫେସର ଦାସ ଆହୁରି ମଧ୍ୟ କହିଲେ ଯେ, ପିଲାମାନେ ସମ୍ମାନ ପାଇବା ଯୋଗ୍ୟ, କାରଣ ସେମାନେ କଠିନ ପରିଶ୍ରମ କରିଛନ୍ତି। ତାଙ୍କ ପରିଶ୍ରମର ସମ୍ମାନ ଏବଂ ସେମାନଙ୍କ ଆଗକୁ ବଢ଼େଇବା ପାଇଁ ସକାଳ ଓ ନନ୍ଦିଘୋଷ ଟିଭିର ଏହି ପ୍ରୟାସକୁ ମୁଁ ଧନ୍ୟବାଦ ଜଣାଉଛି। ଛାତ୍ରଛାତ୍ରୀ ଯେତେ ପରିଶ୍ରମ କରନ୍ତି, ତାହାସହିତ ଅଭିଭାବକମାନଙ୍କ ଉଦ୍ୟମ ମଧ୍ୟ ଅଧିକ ରହେ। କାରଣ ଛାତ୍ରଛାତ୍ରୀ କେଇଘଣ୍ଟା ଶୋଇଥାନ୍ତି କିନ୍ତୁ ଅଭିଭାବକ ଶୋଇଲାବେଳେ ମଧ୍ୟ ଚିନ୍ତା କରିଥାନ୍ତି କି ମୋ ପୁଅ ବା ଝିଅ କେମିତି ଭଲ କରିବ। ସେଥିପାଇଁ କୃତୀ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ମାନଙ୍କୁ ଏଭଳି ଏକ କାର୍ଯ୍ୟକ୍ରମରେ ସାମିଲ କରିବା ଏକ ଭଲ କଥା। ପ୍ରଫେସର ହୋଇ ଏତେ ବର୍ଷ କାର୍ଯ୍ୟକରିବା ପରେ ମଧ୍ୟ ସେ ଦୈନିକ ୧୬ ଘଣ୍ଟା ପରିଶ୍ରମ କରୁଥିବା ଉଲ୍ଲେଖ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ପ୍ରାୟ ୧୫୦ ସଂସ୍ଥା ବିଭିନ୍ନ ବିଭାଗର ପ୍ଲେସମେଣ୍ଟ ପାଇଁ ଆସିଛନ୍ତି। ଛାତ୍ରଛାତ୍ରୀଙ୍କୁ ପ୍ରଫେସର ଦାସ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଥିବା ମ୍ୟୁଜିୟମକୁ ପରିଦର୍ଶନ ସହ ଯେକୌଣସି ସମୟରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପୁଅକୁ ହତ୍ୟାକରି...

କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ୍ ସନ୍ଦେହ କରୁଛି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ପାଖାପାଖି ୩ଦିନ ତଳେ କୌଣସି କଥାକୁ କେନ୍ଦ୍ର କରି ଶେଷଦେବଙ୍କ ପରିବାରରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପରିବାରଲୋକ ବଡ଼ପୁଅ ବାଦଲଙ୍କୁ ପିଟିପିଟି ହତ୍ୟା କରିଦେଇଥିଲେ। ତେବେ ଧରାପଡ଼ିଯିବା ଭୟରେ ସେମାନେ ରାତାରାତି ବାଡ଼ିପଟେ ଗାତ ଖୋଳି ବାଦଲଙ୍କ ଶବ ପୋତି ଦେଇଥିଲେ। ହଠାତ୍ ବାଦଲ ଗାୟବ ହୋଇଯିବାରୁ ଗାଁ ଲୋକଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ପରିବାରଲୋକଙ୍କୁ ପଚରାଉଚରା କରିଥିଲେ ହେଁ ସନ୍ତୋଷଜନକ ଉତ୍ତର ପାଇନଥିଲେ। ତେବେ କିଛି ଗ୍ରାମବାସୀ ଏନେଇ ରେଢ଼ାଖୋଲ ପୁଲିସ୍‌କୁ ଜଣାଇବା ପରେ ପୁଲିସ୍ ଆଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ଶେଷଦେବଙ୍କ ବାଡ଼ିପଟେ ଏକ ବଡ଼ ଗାତ ପୋତା ହୋଇଥିବା ଦେଖି ପୁଲିସ୍‌ର ସନ୍ଦେହ ହୋଇଥିଲା। ତେଣୁ ଜେସିବି ସାହାଯ୍ୟରେ ପୁଲିସ୍ ସେଠାରେ ଖୋଳିବାରୁ ବାଦଲଙ୍କ ଗଳିତ ଶବ ମିଳିଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନାଧିକାରୀ ଚନ୍ଦ୍ରମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର

ପଦ୍ମପୁର, ୧୮।୫(ସମିସ): ପଦ୍ମପୁର ଆଦର୍ଶ ଥାନା ତରଫରୁ ରବିବାର ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଥାନାଧିକାରୀ ମମତା ନାଏକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ଜୟନାରାୟଣ ତ୍ରିପାଠୀ, ସମାଜସେବୀ ନିରୋଜ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ତରଫରୁ ନୂତନ ଭାବେ ଯୋଗ ଦେଇଥିବା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଓ ବିଭାଗୀୟ ପଦୋନ୍ନତି ପାଇଥିବା ଥାନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ଭକ୍ତ ଚରଣ ସାହୁ, ମିନୋରିୟମ ମିଞ୍ଜ ସହଯୋଗ କରିଥିଲେ।

## ଟେମ୍ରିମାଲରେ ୨୪ ପ୍ରହର ନାମଯଜ୍ଞ

ପାଇକମାଲ, ୧୮।୫(ସମିସ): ପାଇକମାଲ ବ୍ଲକ ଝାରବନ୍ଧ ପଞ୍ଚାୟତ ଟେମ୍ରିମାଲ ଗାଁରେ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ସ୍ଥାନୀୟ ପୋଖରୀରୁ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ନାମାରମ୍ଭ ହୋଇଥିଲା। ନାମଯଜ୍ଞରେ କର୍ତ୍ତା ଭାବେ ଦେବିଦାରୀ ବେହେରା ଓ ଲକ୍ଷ୍ମୀ ବେହେରା ରହିଥିଲେ। ମୁଖ୍ୟ ପୂଜକ ଭାବେ ସୁବାଷ ପାଢ଼ୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଖଣ୍ଡପାଠ ତଥା ସୋନପୁର, ବଲାଙ୍ଗିର, କଳାହାଣ୍ଡି, ବରଗଡ଼, ନୂଆପଡ଼ା ଜିଲ୍ଲାରୁ ବହୁ କୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। ନାମଯଜ୍ଞରେ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ। ଆସନ୍ତା ୨୨ ତାରିଖ ପୂର୍ଣ୍ଣାହୁତି ହୋଇ ବୈଠକି କାର୍ଯ୍ୟକ୍ରମ ପରେ ନାମଯଜ୍ଞ ସମ୍ପନ୍ନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଜନ୍ମଦିନରେ ଗଛ ଉପହାର

ଦହିତା, ୧୮।୫(ସମିସ): ବାଜେନମୁଣ୍ଡା କେଆରପି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରସନ୍ନ ମେହେର 'ଗଛ ଲଗାଅ, ଜୀବନ ବଞ୍ଚାଅ' ଅଭିଯାନରେ ଗଛ ଲଗାଇବାକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରିଛନ୍ତି। ଯେକୌଣସି କାର୍ଯ୍ୟକ୍ରମକୁ ଗଲେ ସେ ବୃକ୍ଷରୋପଣ ପ୍ରତି ଗୁରୁତ୍ୱାରୋପ କରିଆନ୍ତି। ମୁଖ୍ୟତଃ ଜନ୍ମଦିନ ଓ ଅନ୍ୟାନ୍ୟ ଉତ୍ସବରେ ସେ ଗଛଚାରା ଉପହାର ଦେଇଆନ୍ତି। ରବିବାର ଜନ୍ମଦିନ ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରିୟଙ୍କା ସାହୁଙ୍କୁ ଗୋଟିଏ ଚାରା ଦେଇଛନ୍ତି। ପୂର୍ବରୁ ମଧ୍ୟ ଜୟନ୍ତ ମେହେର, ଶିଖା ମେହେର, କୁମଦିନୀ ଡନସନା ଓ ବର୍ଷା ମେହେରଙ୍କୁ ଜନ୍ମଦିନରେ ଗୋଟିଏ ଲେଖାଏଁ ଚାରା ଉପହାର ଦେଇଛନ୍ତି।

## ମାଟ୍ରିକରେ ୯୫.୧୭% ରଖି ବ୍ଲକ୍‌ର ନାଁ ରଖିଲେ ଛାତ୍ର

ଝିଆପାଲି, ୧୮।୫(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ସାଲେପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ହେଉଛନ୍ତି ଶ୍ରେୟଶ ଦାଶ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସେ ୯୫.୧୭% ମାର୍କ ରଖି ଭେଡେନ ବ୍ଲକ୍‌କୁ ଗୌରବାନ୍ୱିତ କରିଛନ୍ତି। ପିତା ପ୍ରଭାତ ଦାଶ, ମାତା ଆରତୀ ଦାଶଙ୍କ ସୁପୁତ୍ର ଶ୍ରେୟଶଙ୍କୁ ସକାଳ ଖବରକାଗଜ ଓ ନନ୍ଦଘୋଷ ଟିଭି ଚ୍ୟାନେଲ ପକ୍ଷରୁ ସମ୍ବଲପୁରରେ ସମ୍ମାନିତ କରାଯାଇଥିଲା। ଭବିଷ୍ୟତରେ ସଫଳ ଇଞ୍ଜିନିୟର ହୋଇ ଦେଶ ପାଇଁ କାର୍ଯ୍ୟ କରିବାକୁ ସେ ଆଶା ରଖିଛନ୍ତି।

## ଶିଶୁ ସଙ୍ଗୀତ ଆମେ ତ ଆଜିର ନୂତନ କଳିକା ଲୋକାର୍ପିତ

ବରଗଡ଼, ୧୮।୫(ସମିସ): ଦେଶର ଶିଶୁ ଓ କିଶୋରଙ୍କ ମନରେ ନୂତନ ଆଶା ଓ ଉନ୍ମାଦନା ଭରିଦେଲା ଭଳି ଏକ ସୁମଧୁର ଶିଶୁ ସଙ୍ଗୀତ 'ଆମେ ତ ଆଜିର ନୂତନ କଳିକା'ର ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ରବିବାର ଲୋକାର୍ପଣ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ନବ ମହତ୍ତମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ 'ସୂର୍ଯ୍ୟସ୍ନାତା'ର ସମ୍ପାଦିକା ସୁପ୍ରଭା ସାମଲ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ ଅବସରପ୍ରାପ୍ତ ଶିକ୍ଷକ କପିଲ୍ ବାଗ, ସରୋଜ ଦାଶ ଓ ଫିରୋଜ ନନ୍ଦ ଯୋଗ ଦେଇଥିଲେ। ଓମ୍ ପ୍ରଡକ୍ସନ୍ ନିବେଦିତ ତଥା ଶିଶୁ ସାହିତ୍ୟିକା ଡ.ରବିନାରାୟଣ ସାହୁଙ୍କ ରଚିତ ସଙ୍ଗୀତଟିକୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସନ୍ଦୀପ ମହାପାତ୍ର ନିର୍ଦ୍ଦେଶନା ଦେଇଛନ୍ତି। ସଙ୍ଗୀତକାର ଶୈଳେଶ ସାମଲ ସଙ୍ଗୀତ ପରିଚାଳନା କରିଛନ୍ତି। ବରଗଡ଼ର ଝଙ୍କାର ଷ୍ଟୁଡିଓରେ ଏହି ସଙ୍ଗୀତର ରେକର୍ଡିଂ ହୋଇଛି। ବିକାଶ ଫାଷ୍ଟ ଷ୍ଟେପ୍‌ର ଛାତ୍ରୀ ରୂପାଲି ସାମଲ ଓ ସ୍ୱାତୀ ଦାଶ, ରୋଟାରୀ ପବ୍ଲିକ୍ ସ୍କୁଲ୍‌ର ଛାତ୍ରୀ ପ୍ରାଞ୍ଜଳ ପରିମିତା ନନ୍ଦ, ବାପୁଜୀ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀ ପ୍ରୀତି ଭୁଏ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଅନଘାଦିତ୍ୟ ଯୋଶୀ ସଙ୍ଗୀତରେ କଣ୍ଠଦାନ କରିଛନ୍ତି।

## ବରଗଡ଼ ବିକାଶ ମଞ୍ଚର ତ୍ରୈମାସିକ ବୈଠକ

ବରଗଡ଼, ୧୮।୫(ସମିସ): ବରଗଡ଼ ବିକାଶ ମଞ୍ଚର ତ୍ରୈମାସିକ ବୈଠକ ରାମକୃଷ୍ଣ ମେହେରଙ୍କ ବାସଭବନରେ ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ମଙ୍ଗଳବାର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି। ସାକ୍ଷାତକାରରେ ସହରର ବୁଲା ଗୋରୁଗାଈ, ବୁଲା କୁକୁର ସମସ୍ୟା ସହିତ ସହରର ମୁଖ୍ୟ ରାସ୍ତାକୁ ଅବରୋଧ କରି ପରିବା ବିକ୍ରି କରୁଥିବା ଦୋକାନୀ ମାନଙ୍କୁ ଥଇଥାନ ବିଷୟରେ ଆଲୋଚନା କରାଯିବ। ଆଜିର ଏହି ବୈଠକରେ ସର୍ବଶ୍ରୀ ମନୋରଞ୍ଜନ ପୂଜାରୀ, ରାମକୃଷ୍ଣ ମେହେର, ତୁଳସୀ ଚରଣ ଦାଶ, ଆଶୁତୋଷ ରଥ, ଅଶୋକ ମହାପାତ୍ର, ନବକୃଷ୍ଣ ମିଶ୍ର ଓ ଆହୁରି ଅନେକ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ଦେବୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶବର ସମାଜର ବାର୍ଷିକ ବୈଠକ

ପଦ୍ମପୁର, ୧୮।୫(ସମିସ): ପଦ୍ମପୁର ଉପଖଣ୍ଡ ସମ୍ବଲପୁରୀ ଠାରେ ଲଖମରା, ମହୁଲପାଲି, କୁଲାଣ୍ଡି, ଧୂମାଭଟା, ଘେଁସରା, ବୈତାଳଭଟା, ସରାଇକେଲା ଓ ସମ୍ବଲପୁରୀ ଗାଁର ଶବର ସମାଜ, ଚାକିରିଆ ଓ ସମସ୍ତ ଭଦ୍ର ବ୍ୟକ୍ତି, ବରିଷ୍ଠ ନାଗରିକଙ୍କୁ ନେଇ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମେ ସଭାପତି ପୁରୁଷୋତ୍ତମ ରାଉତ ସ୍ୱାଗତ ଭାଷଣ ପ୍ରଦାନ ସହ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ପିଛାଲୁ ବାରିକ ଆୟବ୍ୟୟ ଉପସ୍ଥାପନା କରିଥିଲେ। ନବୀନ ରାଉତ, ଇନ୍ଦ୍ରମଣି ଭୋଇ, ସତ୍ୟବାନ ଭୋଇ, ବିପିନରାଉତ, ମନ୍ଦାର ଭୋଇ, କୁଳମଣି ଭୋଇ, ସୋମନାଥ ଭୋଇ, ନିରାକାର ଭୋଇ, ମଙ୍ଗଲୁ ଭୋଇ, କ୍ଷେତ୍ର ବୁଡ଼େକ, ସୁରେଶ ଭୋଇ, ସୁନୀଳ ଭୋଇ, ଲଳିତ ଭୋଇ ପ୍ରମୁଖ ସମାଜର ସଂଗଠନ, ଏକତା, ଶିକ୍ଷା ଆଦି ବିଷୟରେ ଆଲୋଚନା କରିଥିଲେ।

## ଅସହ୍ୟ ତାତିକୁ ଅହରହ ବିଦ୍ୟୁତ୍ କାଟ

ପାଇକମାଲ, ୧୮।୫(ସମିସ): ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ପାଇକମାଲ ଅଞ୍ଚଳରେ ଦୈନିକ ୨୦ରୁ ୩୦ ଥର ବିଦ୍ୟୁତ୍ କାଟ ହେଉଛି। ଟାଟା ପାୱାର୍ କାର୍ଯ୍ୟାଳୟକୁ ଫୋନ୍ କଲେ କେହି ଫୋନ୍ ଉଠାଉ ନାହାଁନ୍ତି। ଯଦି କେହି ଫୋନ୍ ଉଠାଇବେ ତେବେ ଟୋଲ୍ ଫ୍ରୀ ନମ୍ବରକୁ କଲ୍ କରନ୍ତୁ ବୋଲି ଶୁଣିବାକୁ ମିଳୁଛି। ଏନେଇ ପାଇକମାଲ ନାଗରିକ କମିଟିର ସଭାପତି ଓକିଲ ମନୋଜ ତ୍ରିବେଦୀ, ସମ୍ପାଦକ ନୀଳମଣି ପଣ୍ଡା, ପୂର୍ବତନ ବ୍ଲକ ଚେୟାରମ୍ୟାନ ବିନୋଦ କାଳିଆ, ସନ୍ତୋଷ ପାଣିଗ୍ରାହୀ, କୁସୁମରାଓ ପ୍ରମୁଖଙ୍କୁ ପଚାରିବାରୁ ପ୍ରତିଦିନ ବିଦ୍ୟୁତ୍ କାଟ ଚାଲିଛି। ସେଥିପ୍ରତି ବିଭାଗୀୟ କର୍ମଚାରୀ କିମ୍ବା ଅଫିସର ମାନଙ୍କର କୌଣସି ଚିନ୍ତା ଦକ ନାହିଁ। କେବଳ ବିଲ୍ କଲେକସନ୍ କରୁଛନ୍ତି। ଘରମାଲିକ ମାନଙ୍କୁ ନଜଣାଇ ଲୋଡ୍ ଚେକିଂ କରି ମୋଟା ଅଙ୍କର ଫାଇନ୍ ପକାଉଛନ୍ତି ବୋଲି କହିଛନ୍ତି।

# ଶୀତଳଷଷ୍ଠୀ ପାଇଁ ରଙ୍ଗୋଲି, ଚିତ୍ରାଙ୍କନ ପ୍ରତିଯୋଗିତା

**ପଦ୍ମପୁର, ୧୮।୫(ସମିସ):**



ପଦ୍ମପୁର ସହର ବଡ଼ବନ୍ଧ ରାମେଶ୍ୱର ମନ୍ଦିର ସମ୍ମୁଖରେ ଶନିବାର ଚତୁର୍ଥ ଶୀତଳଷଷ୍ଠୀ ମହୋତ୍ସବ ତରଫରୁ ରଙ୍ଗୋଲି, ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ତଥା ଜିଲ୍ଲା ବାହାରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର କଳାକୃତୀ ପ୍ରଦର୍ଶନ କରିଥିଲେ। ଚିତା, ଝୋଟି ପ୍ରତିଯୋଗିତାରେ ୫ ଜଣ, ଏକକ ରଙ୍ଗୋଲିରେ ୧୧ଜଣ, ଗ୍ରୁପ ରଙ୍ଗୋଲିରେ ୫ଜଣ ଓ ଡ୍ରଇଂରେ ୩୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପଦ୍ମପୁର ଆଦର୍ଶ ଥାନାଧିକାରୀ ମମତା ନାୟକ ମୁଖ୍ୟ ଅତିଥି ଓ ବିଚାରକ ଭାବେ ଯୋଗ ଦେଇ ଶ୍ରେଷ୍ଠ ତିନି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ରାମେଶ୍ୱର ମନ୍ଦିର ଶୀତଳଷଷ୍ଠୀ ମହୋତ୍ସବର ସଭାପତି ସୁରଜ ପ୍ରସାଦ ସାହୁ, ଉପସଭାପତି ଆକାଶ ସାହୁ, ସମ୍ପାଦକ କମଳ ସାହୁ, ସହସମ୍ପାଦକ ନିକାଶ ନାଏକ, ସେବକ ମେହେର, କୋଷାଧକ୍ଷ କ୍ଷୀରୋଦ୍ର ତ୍ରିପାଠୀ, ଅମିତ ସରାଫ ଦାୟିତ୍ୱ ତୁଲାଇଥିଲେ। ଅନ୍ୟତମ ସଦସ୍ୟ ଭାବେ ତୋଷବନ୍ତ ଭୋଇ, ଅଜିତ ପାତ୍ର, ଅଚ୍ୟୁତ ସେଠ, ରଞ୍ଜନ ବାରିକ, ନିବାସ ସେଠ, ପ୍ରକାଶ ଦାଶ, ନରେଶ ଦାଶ, ସୋନିଆ, ମଞ୍ଜୁ, ଡଲି, ନିକି, ନିତୁ, ଭାଗ୍ୟବତୀ, ପ୍ରବୀଣ, କାହ୍ନା, ଆଶିଷ, ବିଜୟ, ମାନସ, ଆୟୁଷ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିଅନ୍‌ସିପ୍ ପାଇଁ ପ୍ରଶିକ୍ଷଣ ଶିବିର



ବରଗଡ଼, ୧୮।୫(ସମିସ): ସିଏମ୍ ଟ୍ରଫି ୧୫ ବର୍ଷରୁ କମ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିଅନ୍‌ସିପ୍ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଚାମ୍ପିଅନ୍‌ସିପ୍ ପାଇଁ ବରଗଡ଼ ଜିଲ୍ଲାର ୪୦ ଜଣ ଜୁନିୟର ଫୁଟବଲ୍ ଖେଳାଳିଙ୍କୁ ନେଇ ଚୟନ ଓ ପ୍ରଶିକ୍ଷଣ ଶିବିର ରବିବାର ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି। କ୍ରୀଡ଼ା ବିଭାଗ ଓ ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ତରଫରୁ ରାଜ୍ୟର ୪ଟି ଜୋନ୍ ବ୍ରହ୍ମପୁର, ସମ୍ବଲପୁର, ଭୁବନେଶ୍ୱର ଓ କେନ୍ଦୁଝରରେ ଏହି ଚାମ୍ପିଅନ୍‌ସିପ୍ ଖେଳାଯିବ। ଏଥିରେ ବରଗଡ଼ ଜିଲ୍ଲା ସମ୍ବଲପୁର ଜୋନ୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୋନପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା ସହ ମ୍ୟାଚ୍ ଖେଳିବ। ଗତ ମାର୍ଚ୍ଚରେ ଜିଲ୍ଲା ଆନ୍ତଃ କ୍ଲବ୍ ୧୯ ବର୍ଷରୁ କମ ବୟସ ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଥିରେ ଚୟନ ହୋଇଥିବା ୪୦ ଜଣ ଖେଳାଳିଙ୍କୁ ମନୋନୟନ ଓ ପ୍ରଶିକ୍ଷଣ ଶିବିର ପାଇଁ ଡକା ଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଚୟନ କରାଯାଇ ଜିଲ୍ଲା ଦଳ ଗଠନ କରାଯିବ। ଏହି ଶିବିରରେ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ର, ଫୁଟବଲ୍ ସମ୍ପାଦକ ସେକ ସବଦର, ପଞ୍ଚାନନ ପାତ୍ର, ବବ୍‌ଲୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପଦୋନ୍ନତି ପାଇଁ ବାଧ୍ୟତାମୂଳକ ଓଟିଇଟିକୁ ବିରୋଧ

**ବିଜେପୁର, ୧୮।୫(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ରବିବାର ଶୋଭାଯାତ୍ରାରେ ଆସି ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ବିଧାୟକ ସନତ ଗଡ଼ତିଆ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ ବଲ୍ଲଭ ମେହେରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୩ ତାରିଖ ହୋଇଥିବା ଗଣଶିକ୍ଷା ବିଭାଗର ଚିଠି ଅନୁଯାୟୀ ପଦୋନ୍ନତି କ୍ଷେତ୍ରରେ ଓଟିଇଟିକୁ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ସରକାରଙ୍କ ବିଭିନ୍ନ ଚିଠି ଅନୁସାରେ ତା ୧୧/୦୨/୨୦୧୧ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କୁ ଓଟିଇଟି ଦରକାର ନଥିଲା। ଏବେ ଓଟିଇଟି ବାହାନାରେ ଶିକ୍ଷକଙ୍କୁ ପଦୋନ୍ନତିରୁ ବଞ୍ଚିତ କରା ନଯିବାକୁ ସେମାନେ ଦାବି କରିଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ର



ପ୍ରଦାନ ସମୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ତୋଷ ବାଗ, ସମ୍ପାଦକ ସୌମ୍ୟରଞ୍ଜନ ପଧାନ, ସହ ସମ୍ପାଦକ ରାଜେଶ ସାହୁ, କୋଷାଧକ୍ଷ ଶଶିଭୂଷଣ ସାହୁଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ନୂତନ ନିର୍ଦ୍ଦେଶାନାମା ପ୍ରତ୍ୟାହୃତ ନ ହେଲେ ଆଗାମୀ ଦିନରେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ମାଁ ଗଣେନ ମାଉଲି ମନ୍ଦିର ପ୍ରତିଷ୍ଠା ଉତ୍ସବ


ବରଗଡ଼, ୧୮।୫(ସମିସ): ବରଗଡ଼ ନିକଟସ୍ଥ ସାଉଁତପୁର ଗାଁରେ ଗ୍ରାମଦେବୀ ମାଁ ଗଣେନ ମାଉଲି ମନ୍ଦିର ପ୍ରତିଷ୍ଠା ମହୋତ୍ସବ ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଛି। ତିନିଦିନ ଧରି ଚାଲିଥିବା ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପ୍ରଥମ ଦିନ ମନ୍ଦିରରେ ରତ୍ନମୁଦ ସ୍ଥାପନ, ଅଙ୍କୁରା ରୋପଣ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସାଉଁନ୍ତପୁର ଗାଁ ତଥା ଆଖପାଖ ଗାଁର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିନ ସାଲା ସଂସ୍କାର, ଆଧିବାସ ପୂଜା, ଚଣ୍ଡୀ ହବନ, ଧାନ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନ ଅର୍ଥାତ ଆଜି ମାଁଙ୍କର ଷୋଡ଼ସ ଉପଚାର ପୂଜା, ହୋମ ହୋଇ ମନ୍ଦିର ଚୂଡ଼ାରେ କଳସ ସ୍ଥାପନ, ଧ୍ୱଜାରୋହଣ, ବିଗ୍ରହ ମାନଙ୍କୁ ମନ୍ଦିର ପ୍ରବେଶ କରାଯାଇ ପୂର୍ଣ୍ଣାହୁତୀ ହୋଇଥିଲା। ପଣ୍ଡିତ ରୁପେଶ୍ୱର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସୁରେଶ ଷଡ଼ଙ୍ଗୀ, ନରେଶ ଷଡ଼ଙ୍ଗୀ, ନିରଞ୍ଜନ ଦାଶ, ସଦାନନ୍ଦ ଦାଶ, ଦିନେଶ ଦେବତା, ଝସକେତନ ହୋତା, ଗୌର ପାଣିଗ୍ରାହୀ ଓ ସୁକାନ୍ତ ଦେବତା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ବୀରକିଶୋର ଦାଶ, ଲୀଳାମୟୀ ଦାଶ, ଜୟପ୍ରକାଶ ପ୍ରଧାନ, ସ୍ୱପ୍ନା ପ୍ରଧାନ, ଭୁବନେଶ୍ୱର ସାହୁ, ଗଜନନ ଭୁଏ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପାଇଁ ଆବଶ୍ୟକ ଜମି ଜୟପ୍ରକାଶ ପ୍ରଧାନ ଦାନ କରିଛନ୍ତି। ତିନି ଦିନ ଧରି ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ, ଘୋଳ ଦହି, ଥଣ୍ଡା ସର୍ବତ ବଣ୍ଟନ ହୋଇଥିଲା।

## ଫାର୍ମାସୀ ଅଫିସର୍ ସେବା ସଂଘର କର୍ମକର୍ତ୍ତା ନିର୍ବାଚନ

ସୋହେଲା, ୧୮।୫(ସମିସ): ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଭାଗୃହରେ ବରଗଡ଼ ଶାଖାର ଫାର୍ମାସୀ ଅଫିସର୍ ସେବା ସଂଘର ସାଧାରଣ ବୈଠକ ସହ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ହୋଇଯାଇଛି। ସଂଘର ୨ବର୍ଷିଆ କାର୍ଯ୍ୟକାଳ ପୂରଣ ହୋଇଥିବାରୁ ତାକୁ ଭଙ୍ଗ କରାଯାଇ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ସଞ୍ଜୀବ ସେଠ, ସମ୍ପାଦକ ଭାବେ ଅଶୋକ ମହାନ୍ତି, ଉପସଭାପତି ଭାବେ ଆଶୁତୋଷ ହୋତା, ଯୁଗ୍ମ ସମ୍ପାଦକ ଭାବେ ଅନ୍ତର୍ଯ୍ୟାମୀ ପଧାନ, କୋଷାଧକ୍ଷ ଭାବେ ଗିରିଜା ପ୍ରସାଦ ସେଠ, ସଂଗଠନ ସମ୍ପାଦକ ଭାବେ ଆକାଂକ୍ଷା ପ୍ରସାଦ ଚଇନି, ହିସାବ ରକ୍ଷକ ଭାବେ ନବୀନ ଚନ୍ଦ୍ର ଗିରି, ହିସାବ ସମୀକ୍ଷକ ଭାବେ ରଶ୍ମି ରାଉତ, ପରାମର୍ଶ ଦାତା ଭାବେ ଝସକେତନ ସୁନା ଓ ସୁଶାନ୍ତ ଭୋଇ ତଥା କାର୍ଯ୍ୟକାରୀ ସଦସ୍ୟ ଭାବେ ଅନୀଲ ପଧାନ, ବୃନ୍ଦାବନ ମେହେର ଓ ମୃତ୍ୟୁଞ୍ଜୟ ସେଠୀ ମନୋନୀତ ହୋଇଥିଲେ। ଶେଷରେ ଅନ୍ତର୍ଯ୍ୟାମୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜାପାତ ଶିକାର ପରିବାରଙ୍କୁ ଭେଟିଲା ଏସ୍‌ସି-ଏସ୍‌ଟି କର୍ମଚାରୀ ସଂଘ

**ପାଇକମାଲ, ୧୮।୫(ସମିସ):** ପାଇକମାଲ ବ୍ଲକ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁରେ ବଜ୍ରପାତରେ ମୃତ୍ୟୁ ଘଟିଥିବା ନାବାଳକ ରଞ୍ଜିତ ଧରୁଆଙ୍କ ପରିବାରଙ୍କୁ ପାଇକମାଲ ଆଦିବାସୀ ଅନୁସୂଚିତ ଜାତି ଓ ଉପଜାତି କର୍ମଚାରୀ ସଂଘ ରବିବାର ଭେଟିଛନ୍ତି। ଗତ ୧୫ ତାରିଖରେ ଗଛ ତଳେ ୨ ନାବାଳକ ଖେଳୁଥିବା ବେଳେ ବ୍ରଜପାତ ହୋଇଥିଲା। ଏଥିରେ ରଞ୍ଜିତଙ୍କ ମୃତ୍ୟୁ ଘଟିଥିବା ବେଳେ ସୋନୁ ଓରଫ ପଙ୍କଜ ଡନସନା ଗୁରୁତର ଆହତ ହୋଇଥିଲେ। ଏନେଇ



ଦୈନିକ 'ସକାଳ' ଖବରକାଗଜ ସମେତ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହେବା ପରେ ପ୍ରାଶାସନିକ ଅଧିକାରୀ ମାନେ ଆସି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଆଜି ପାଇକମାଳ ଆଦିବାସୀ ଅନୁସୂଚିତ ଜାତି ଓ ଉପଜାତି କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ତାଙ୍କ ପରିବାର ବର୍ଗକୁ ଭେଟି ସମବେଦନା ଜଣାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଂଘ ସମ୍ପାଦକ ନିଧି ମେହେର, ଉପଦେଷ୍ଟା ରାଧେଶ୍ୟାମ ମେହେର, ନିଯୁକ୍ତି ସମ୍ପାଦକ ସନ୍ତୋଷ ମେହେର, କୋଷାଧକ୍ଷ ସୁଜାତା ଧରୁଆ, ବଜରଙ୍ଗ ବାରିକ, ସହଦେବ ମାଝୀ, ରିନା ବାଗ, ପୁଷ୍ପାଞ୍ଜଳି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ସଂଘ ତରଫରୁ ଅନୁରୋଧ କରାଯାଇଛି।

## ଓବିସି ସାମ୍ବିଧାନିକ ଅଧିକାର ଏବଂ ଏକତା ଉପରେ ପ୍ରଶିକ୍ଷଣ ଶିବିର

ପଦ୍ମପୁର, ୧୮।୫(ସମିସ): ଓବିସି ସାମ୍ବିଧାନିକ ଅଧିକାର ଏବଂ ଏକତା ଉପରେ ପ୍ରଶିକ୍ଷଣ ଶିବିର ପାଇକମାଳ ନୃସିଂହନାଥ ଗୁରୁକୁଳରେ ଅନୁଷ୍ଠିତ ହୋଇଯାଇଛି। ଓବିସି ମାନଙ୍କୁ ରାଜ୍ୟରେ ଦୀର୍ଘ ଦିନରୁ ଅବହେଳା କରାଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ମଣ୍ଡଳ କମିଶନ ଅନୁସାରେ ଚାକିରି ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ମିଳିବା କଥା; ମାତ୍ର ୧୧.୨୫% ସଂରକ୍ଷଣ ଦେଇ ଭୁଆଁବୁଲା ଚାଲିଛି। ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼ କରି ଲଢ଼େଇ କରାଯିବାକୁ ନିଷ୍ପତ୍ତି ହୋଇଛି। ଶିବିରକୁ ବରଗଡ଼ ଜିଲ୍ଲା ସଭାପତି ସପ୍ତସିନ୍ଧୁ ବର୍ଗର୍ତୀ ପରିଚାଳନା କରିଥଲେ। ରାଜ୍ୟ ସଭାପତି ଶଙ୍କର ପାତ୍ର ଓ ପରଦେଶୀ ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ। ଏହାସହ ଉପଖଣ୍ଡସ୍ତରୀୟ ସଭାପତି ମାନସ ନାଗ, ସମ୍ପାଦକ ଚିନ୍ତାମଣି ସାହୁ, କୋଷାଧକ୍ଷ ଅଶୋକ ଦାନୀ, ଉପସଭାପତି ଦେବରାଜ ସାହୁ, ଖଗେଶ୍ୱର ବିଶ୍ୱାଳ, ନକୁଳ ସାହୁ ସହ ସମ୍ପାଦକ, ଯଦୁମଣି ସାହୁ ରାଜ୍ୟ ଉପସଭାପତି, ନାରାୟଣ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଶୁଭେନ୍ଦୁ ସାହୁ, କୋକିଳ ପଟେଲ, ଡୋଳାମଣି ମାହାର ସମେତ ପାଇକମାଳ, ପଦ୍ମପୁର, ଗାଇସିଲେଟ ବ୍ଲକର ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଯୋଜକ ରାଜେନ୍ଦ୍ର ସାହୁ ଏହାର ସଂଯୋଜନା କରିଥିବା ବେଳେ ଚିନ୍ତାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ପଟ୍ଟା ଥିଲେ ବି ମିଳିନି ଘରଡିହ ଜମି**

## ରାସ୍ତାକୁ ଓହ୍ଲାଇଲେ ଭୂମିହୀନ ହିତାଧିକାରୀ

ବିଜେପୁର, ୧୮।୫(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକରେ ଭୂମିହୀନଙ୍କୁ ୧୯୯୯ ମସିହାରୁ ସରକାର ଜମି ଦେଇଛନ୍ତି। ହେଲେ ସେମାନେ ଏଯାଏଁ ଜମି ପାଇପାରି ନାହାନ୍ତି। ବ୍ଲକର ୩୦ ଜଣ ଭୂମିହୀନ ପରିବାରଙ୍କୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ୧୯୯୯ ମସିହାରୁ ୪ ଡିସମିଲ୍ ଲେଖାଏଁ ଜମିର ଘରବାଡ଼ି ପଟ୍ଟା ଦିଆଯାଇଥିଲା। କେଉଁଟିପାଲି ଗାଁ ନିକଟରେ ଥିବା ସେହି ଯାଗାକୁ ୨୦୨୧ରେ ଦଖଲ କରାଯିବା ବେଳେ କିଛି ସ୍ଥାନୀୟ ଲୋକେ ମନା କରିଥିଲେ। ବରଗଡ଼ ଜିଲ୍ଲାପାଳଙ୍କୁ ଏସମ୍ପର୍କରେ ଭୂମିହୀନମାନେ ବହୁବାର ଅଭିଯୋଗ କରିଛନ୍ତି। ସମାଧାନ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ହେଁ କିଛି ଫଳପ୍ରଦ ହୋଇନାହିଁ। ଏପରିକି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିବା ସତ୍ତ୍ୱେ ନିଜ ହକ୍‌ର ଜମି ପାଇପାରି ନଥିବା ଅଭିଯୋଗ କରିଛନ୍ତି। ଗତ ଶନିବାର ଜାଗା ଦଖଲ କରିବା ସମୟରେ ପୁଣି ଗଣ୍ଡଗୋଳ ଉପୁଜିଥିଲା। ଫଳରେ ହିତାଧିକାରୀ ଭୂମିହୀନମାନେ ଶ୍ରୀରାମନଗର ମୁଖ୍ୟ ରାସ୍ତାକୁ ଓହ୍ଲାଇ ରାସ୍ତାରୋକ କରିଥିଲେ। ଖବରପାଇ ଥାନା ଅଧିକାରୀ ସୁକାନ୍ତମଣି ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଶେଷରେ ଅତିରିକ୍ତ ତହସିଲଦାର ଆସି ଭୂମିହୀନଙ୍କୁ ବୁଝାସୁଝା କଲାପରେ ରାସ୍ତା ଅବରୋଧ ପ୍ରଶମିତ ହୋଇଥିଲା।

**ପଞ୍ଚାୟତ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସଂସ୍କରଣ**

# ଉଦ୍‌ଘାଟନୀ ମ୍ୟାଚ୍‌ରେ ମାଇଁ ଇଲେଭେନ୍ ଦଳ ବିଜୟୀ

**ଭେଡେନ, ୧୮।୫(ସମିସ):**



ଭେଡେନ ରଣଜିତା ଖେଳ ପଡ଼ିଆରେ ଭେଡେନ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ମହା ଆଡ଼ମ୍ବରରେ ଉଦ୍‌ଘାଟିତ ହୋଇଛି। ରବିବାର ଭେଡେନ ଜମିଦାରଙ୍କ ରାଜପ୍ରସାଦ ପରିସରରେ ସମସ୍ତ ଖେଳାଳି, ଦଳର ମାଲିକ, ଏମ୍ପି କ୍ଲବ୍‌ର ସଦସ୍ୟ ଏକତ୍ରିତ ହୋଇଥିଲେ। ବିଶାଳ ମଶାଲ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ସେମାନେ ଖେଳପଡ଼ିଆରେ ପହଞ୍ଚିଥିଲେ। ବିଧିବଦ୍ଧ ଭାବେ ମଶାଲକୁ ରଖିବା ପରେ ପ୍ରିମିୟର୍ ଲିଗ୍ ଉଦ୍‌ଘାଟିତ ହୋଇଥିଲା। ସମାରୋହରେ ଅତିଥି ଭାବେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଅବସରପ୍ରାପ୍ତ ଅଧ୍ୟାପକ ପୂର୍ବତନ ଖେଳାଳି ସନ୍ତୋଷ ପଣ୍ଡା, ଶିକ୍ଷକ ଦେବେନ୍ଦ୍ର ଡନସନା, ନାରାୟଣ ଛନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ପତାକାକୁ ଉତ୍ତୋଳନ କରି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଡେଏର୍ ଫାଇଟର୍ ଜାମଡୋଲ, ରୟାଲ୍ ଇଲେଭେନ୍, ମାନସ ଇଲେଭେନ୍ ଭେଡେନ୍, ହିନ୍ଦ୍ ୱାରିଅର୍, ମାଇ ଇଲେଭେନ୍ କୁତପାଲି ଭାଗ ନେଇଛନ୍ତି। ଉଦ୍‌ଘାଟନ ସମାରୋହର ପ୍ରଥମ ମ୍ୟାଚ୍ ଡାଏର୍ ଫାଇଟର୍ ଜାମଡୋଲ ଓ ମାଇ ଇଲେଭେନ୍ କୁତପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଡାଏର୍ ଫାଇଟର୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ୪ ୱିକେଟ୍ ହରାଇ ୧୦୯ ରନ କରିଥିଲା। ଜବାବରେ ମାଇ ଇଲେଭେନ୍ ଦଳ ୧୧.୪ ଓଭର୍‌ରେ ୬ ୱିକେଟ୍ ହରାଇ ୧୧୩ ରନ୍ କରି ବିଜୟୀ ହୋଇଥିଲା। ମାଇ ଇଲେଭେନ୍ ଦଳର ଆଶିଷ ବାଗ ୧୯ ବଲ୍‌ରେ ୩୪ ରନ୍ କରି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଖେଳକୁ ସିତୁ ମେହେର ଓ ତେଜରାଜ ରୋହିଦାସ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ଲୋଚନ ଭୋଇ ଓ ଏମଡିରାଜୁ ଦାୟିତ୍ୱ ନେଇଥିଲେ। ଖେଳର ଧାରାବିବରଣୀ ଅଜିତ ଅଗ୍ରୱାଲ ଓ ଲିପୁନ ବେହେରା ପ୍ରଦାନ କରିଥିଲେ।

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୫

# ପରିଶ୍ରମର ଫଳ ପାଇ ଉତ୍ଫୁଲ୍ଲିତ ଛାତ୍ରଛାତ୍ରୀ

ସକାଳ THE SAKALA
ମାଟ୍ରିକ ଉତ୍କର୍ଷ ସମ୍ମାନ ୨୦୨୫

















ମାଟ୍ରିକ ପରୀକ୍ଷାରେ ପଶ୍ଚିମ ଓଡ଼ିଶା ୧୦ଟି ଜିଲ୍ଲାର ବ୍ଲକ ଟପ୍ପରଙ୍କୁ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ସମ୍ମାନୀତ କରାଯାଇଛି। ଏଭଳି କାର୍ଯ୍ୟକ୍ରମ ସକାଳ ଓ ନନ୍ଦିଘୋଷ ଟିଭି ଆୟୋଜନ କରୁଥିବାରୁ କୃତଜ୍ଞତା। କଠିନ ପରିଶ୍ରମ ପରେ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରିବା ପାଇଁ ମାଟ୍ରିକ ଉତ୍କର୍ଷ କାର୍ଯ୍ୟକ୍ରମ ଢେର ପ୍ରଶଂସନୀୟ। ଏଥିରେ ବିଦ୍ୟାର୍ଥୀଙ୍କ ମନୋବଳ ସଦୃଢ ହେଉଛି। କୃତି ପ୍ରତିଭାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

**ଡି ମୁରଲି କ୍ରିଷ୍ଣା, ଚେୟାରମ୍ୟାନ କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ**



ସମସ୍ତେ କଠିନ ପରିଶ୍ରମ କରି ଆଜି ମାଟ୍ରିକ ଉତ୍କର୍ଷ କାର୍ଯ୍ୟକ୍ରମରେ ସମ୍ମନୀତ ହେବାର ସୁଯୋଗ ପାଇଛନ୍ତି। ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଏଭଳି ନିଆରା କାର୍ଯ୍ୟକ୍ରମ କରି ସମାଜକୁ ବାର୍ତ୍ତା ଦେବା ସହ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଉଛି। କଠିନ ପରିଶ୍ରମ କରି ଭବିଷ୍ୟତରେ ନିଜ ଲକ୍ଷ୍ୟ ହାସଲ କର।

**ଆନନ୍ଦ ଅଗ୍ରୱାଲ, ଚେୟାରମ୍ୟାନ, ବୈଦିକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ**



ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ମାଟ୍ରିକ ଉତ୍କର୍ଷ ଉତ୍ସବ ପ୍ରତିବର୍ଷ ଆୟୋଜନ କରିଥାଏ। ଏଥିରେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର ବ୍ଲକ ଟପ୍ପରଙ୍କୁ ସମ୍ମାନୀତ କରାଯାଏ। ଏଥିରେ ଛାତ୍ରଛାତ୍ରୀମାନେ ପ୍ରେରିତ ହେଉଛନ୍ତି। ଏହାକୁ ଦେଖି ଅନ୍ୟ ଛାତ୍ରଛାତ୍ରୀ ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନ ମଧ୍ୟ ବଳାଉଛନ୍ତି। ଏପରି କାର୍ଯ୍ୟକ୍ରମ ପାଇଁ ସକାଳ ଓ ନନ୍ଦିଘୋଷ ଟିମକୁ ସାଧୁବାଦ ଜଣାଉଛି।

**ଶ୍ରୀମନ୍ତ ପାତ୍ର, ନିର୍ଦ୍ଦେଶକ, ଏମ୍‌ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ**



ମାଟ୍ରିକ ଉତ୍କର୍ଷ ସମ୍ମାନ କାର୍ଯ୍ୟକ୍ରମର ସମାଜରେ ଅନେକ ବିଶେଷତ୍ୱ ରହିଛି। ଏହି କାର୍ଯ୍ୟକ୍ରମରେ କେବଳ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଉନାହିଁ, ଭବିଷ୍ୟତରେ କଣ କରିବେ ସେ ନେଇ ମଧ୍ୟ ଏକ ପ୍ରକାରର ରାସ୍ତା ଦେଖାଯାଉଛି। ତେଣୁ ଏପରି କାର୍ଯ୍ୟକ୍ରମ ପାଇଁ ସକାଳ ଓ ନନ୍ଦିଘୋଷ ଟିମକୁ ବିଶେଷ ଭାବେ ଧନ୍ୟବାଦ ଜଣାଉଛି।

**ଡ. ତେଜରାଜ ପାତ୍ର, ନିର୍ଦ୍ଦେଶକ, ନିଉଟନ୍ ହାୟର ସେକେଣ୍ଡାରୀ ସ୍କୁଲ୍ ଅଫ୍ ସାଇନ୍ସ**










# ଇସ୍ରୋର ୧୦୧ତମ ଉତ୍କ୍ଷେପଣ ବିଫଳ



**ପିଏସ୍ଏଲ୍ଭି ସି-୬୧ ଅଭିଯାନର ତୃତୀୟ ପର୍ଯ୍ୟାୟରେ ତ୍ରୁଟି**

ଶ୍ରୀହରିକୋଟା, ୧୮।୫ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ସକାଳ ୫ଟା ୫୯ରେ ନିଜର ୧୦୧ ତମ ଅଭିଯାନ ଉତ୍କ୍ଷେପଣ କରିଛି। ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେସ ସେଣ୍ଟରରୁ ପିଏସଏଲ୍ଭି-ସି୬୧ ଉପଗ୍ରହ ଇଓଏସ-୦୯ ଆର୍ଥ ଅବଜରଭେସନ ରକେଟକୁ ନେଇ ମହାକାଶକୁ ଯାଇଛି। କିନ୍ତୁ ଏହା ତୃତୀୟ ପର୍ଯ୍ୟାୟରେ ପ୍ରବେଶ କରିବା ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଏଥିଯୋଗୁଁ ଇଓଏସ୍-୦୯ ଉପଗ୍ରହ ନିର୍ଦ୍ଧାରିତ କକ୍ଷପଥରେ ପହଞ୍ଚି ପାରିନାହିଁ। ଏହା ପଥଚ୍ୟୁତ ହେବାରୁ ୧୦୧ ତମ ଅଭିଯାନ ବିଫଳ ହୋଇଯାଇଛି। ଇସ୍ରୋ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରାଯାଇଛି।

ଅଭିଯାନର ବିଫଳତା ସମ୍ପର୍କରେ ଇସ୍ରୋ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇ ନାହିଁ। ଇସ୍ରୋ ମୁଖ୍ୟ ଭି ନାରାୟଣଙ୍କ ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁ କିଛି ଠିକ୍ ଥିଲା। ତୃତୀୟ ପର୍ଯ୍ୟାୟରେ ମୋଟର ମଧ ଭଲ ଭାବେ ଷ୍ଟାର୍ଟ ହୋଇଥିଲା। କିନ୍ତୁ ଏହା କାର୍ଯ୍ୟାରମ୍ଭ କରିବା ପରେ ଯାନ୍ତ୍ରିକ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା। ଟେଲିମିଟ୍ରି ତଥ୍ୟ ଭୁଲ୍ ଥିବା ଜଣା ପଡ଼ିଥିଲା। ଏହି ଉପଗ୍ରହକୁ ସନ୍ ସିଙ୍କ୍ରୋନସ ପୋଲାର ଅର୍ବିଟ (ଏସଏସ୍ପିଓ)ରେ ଅବସ୍ଥାପିତ କରାଯିବାର ଥିଲା। ଇସ୍ରୋର ଭରସାଯୋଗ୍ୟ ପିଏସ୍ଏଲ୍ଭି ରକେଟରେ ପଠା ଯାଇଥିବା ୧୬୯୬.୨୪ କେଜିର ଉପଗ୍ରହ ଇସ୍ରୋର ପୃଥିବୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ଥିଲା। କୃଷି, ଜଙ୍ଗଲ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଏହା ହାଇ-ରିଜୋଲ୍ୟୁସନ ବିଶିଷ୍ଟ ଫଟୋ ପଠାଇ ଥାଆନ୍ତା।

**ଅଣ-ବିଜେପି ଶାସିତ ୮ ମୁଖ୍ୟମନ୍ତ୍ରୀଙ୍କୁ ଷ୍ଟାଲିନଙ୍କ ଚିଠି**

# ରାଷ୍ଟ୍ରପତିଙ୍କ ପ୍ରସ୍ତାବ ବିରୋଧରେ ଏକାଠି ହେବାକୁ ଆହ୍ୱାନ

ଚେନ୍ନଇ, ୧୮।୫ (ଏଜେନ୍ସି): ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ମାମଲା ଥମିବାର ନା ଧରୁନି। ତାମିଲନାଡୁ ମାମଲାରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିମନ୍ତେ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ସମସ୍ତ ବିଲ୍କୁ ରାଜ୍ୟପାଳଙ୍କ ବିନା ଅନୁମତିରେ ମଞ୍ଜୁରୀ ଦେଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ଏହା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖିଥିଲେ ଏବଂ ସମୟସୀମା ଧାର୍ଯ୍ୟ କରିବା ନେଇ ପ୍ରଶ୍ନ ଉଠାଇ ଥିଲେ। ସୁପ୍ରିମକୋର୍ଟଙ୍କୁ ୧୪ଟି ପ୍ରଶ୍ନ ପଚାରି ଥିଲେ। ଆଉ ଏବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଅଣ-ବିଜେପି ଶାସିତ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେ ରବିବାର ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ତେଲଙ୍ଗାନା, କେରଳ, ଝାଡ଼ଖଣ୍ଡ, ପଞ୍ଜାବ ଏବଂ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରାଷ୍ଟ୍ରପତିଙ୍କ ଆଭିମୁଖ୍ୟ ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି।

ଷ୍ଟାଲିନ କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିବାକୁ ଚାହୁଁଛି। କାରଣ ଏହାକୁ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ଭାବେ ନିଆଯାଇପାରେ। ଏହାକୁ ରୋକିବାକୁ ବିଜେପି ଷଡ଼ଯନ୍ତ୍ର କରୁଛି। ଏଥିପାଇଁ ପ୍ରଥମେ ରାଷ୍ଟ୍ରପତିଙ୍କ ଦ୍ୱାରା ସୁପ୍ରିମକୋର୍ଟଙ୍କୁ ଜବାବ ମଗାଯାଇଛି। ଏହା ବିଜେପିର



ଭୟାନକ ରୂପକୁ ଦର୍ଶାଉଛି। ଯେଉଁ ମାମଲାରେ କୋର୍ଟ ନିଷ୍ପତ୍ତି ଦେଇସାରିଛନ୍ତି ସେହି ମାମଲାରେ ପରାମର୍ଶ ଦେବାର ଅଧିକାରକୁ ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ରାଷ୍ଟ୍ରପତିଙ୍କ ଦ୍ୱାରା ସୁପ୍ରିମକୋର୍ଟଙ୍କୁ ମଗା ଯାଇଥିବା ଜବାବକୁ ବିରୋଧ କରିବା ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ଷ୍ଟାଲିନ ଅନୁରୋଧ କରିଛନ୍ତି। ଏହି ପ୍ରସ୍ତାବରେ କୋର୍ଟରେ ନିଜ ପକ୍ଷ ରଖିବା ଉଚିତ ବୋଲି କହିଛନ୍ତି। ସମ୍ବିଧାନର ମୂଳଢ଼ାଞ୍ଚାର ରକ୍ଷା କରିବା ପାଇଁ ଏକ ମୋର୍ଚ୍ଚା ଗଠନ ହେବା ଉଚିତ। ତେଣୁ ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ଷ୍ଟାଲିନ ନିବେଦନ କରିଛନ୍ତି।

**● ୟୁକ୍ରେନ ବିରୋଧରେ ରୁଷିଆର ଷ୍ଟାରୱାର୍**

# ବିଭିନ୍ନ ସହର ଉପରେ ୨୭୩ ଡ୍ରୋନ୍ ଆକ୍ରମଣ

କିଭ୍ ,୧୮।୫(ଏଜେନ୍ସି): ଗୋଟିଏ ପଟେ ଯୁଦ୍ଧ ବନ୍ଦ ପାଇଁ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଛି। କିନ୍ତୁ ଅନ୍ୟପଟେ ଉଭୟ ଦେଶ ମଧ୍ୟରେ ଆକ୍ରମଣ-ପ୍ରତି ଆକ୍ରମଣ ବନ୍ଦ ହୋଇ ନାହିଁ। ଦୁଇ ଦିନ ତଳେ ପ୍ରଥମଥର ପାଇଁ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଖୁବଶୀଘ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁତିନଙ୍କ ସହ ଫୋନରେ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। କିନ୍ତୁ ଏହା ମଧ୍ୟରେ ରୁଷିଆ ରବିବାର ପ୍ରତ୍ୟୁଷରେ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି। ୟୁକ୍ରେନର ବିଭିନ୍ନ ସହର ଉପରେ ରୁଷ ସେନା ଏକାସଙ୍ଗରେ ୨୭୩ ଡ୍ରୋନ ଆକ୍ରମଣ କରିଛି। ଯାହାକି ଉଭୟ ଦେଶ ମଧ୍ୟରେ ଗତ ଯୁଦ୍ଧ ଇତିହାସରେ ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ଏହି ଆକ୍ରମଣରେ ଦୋନେସ୍କ ଅଞ୍ଚଳ ସମେତ ବହୁ ସହର ଦୋହଲି ଯାଇଛି। ରୁଷର ଏଭଳି ଘନ ଘନ ଆକ୍ରମଣ ୟୁକ୍ରେନର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ସମସ୍ୟା ସୃଷ୍ଟି କରିଥିଲା ବେଳେ ସାଧାରଣ ନାଗରିକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ୟୁକ୍ରେନର ବାୟୁସେନା ପକ୍ଷରୁ କୁହାଯାଇଛି ଯେ ରୁଷ ରାତାରାତି ମୋଟ ୨୭୩ଟି ବିସ୍ଫୋରକ ଡ୍ରୋନ୍ ଏବଂ ଅନ୍ୟ ଅସ୍ତ୍ର ମାଡ଼ କରିଛି, ଯାହା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗୋଟିଏ ରାତିରେ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ।

# ପୋଲ ସହ ଜାହାଜ ଧକ୍କା; ୨ ମୃତ


ୱାଶିଂଟନ, ୧୮।୫ (ଏଜେନ୍ସି): ଆମେରିକାର ଇଷ୍ଟ ନଦୀରେ ବଡ଼ ଅଘଟଣ ଘଟିଛି। ଶନିବାର ରାତି ୮ଟା୩୦ରେ ମେକ୍ସିକୋ ନୌସେନାର ପ୍ରଶିକ୍ଷଣ ଜାହାଜ କୁଆଉତେମୋକ ଏହି ନଦୀ ଉପରେ ନିର୍ମିତ ବ୍ରୁକଲିନ ବ୍ରିଜ ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୯ ଜଣ ଆହତ ହୋଇଛନ୍ତି। ଜାହାଜଟି ଯିବାକୁ ପ୍ରୟାସ କରୁଥିବା ବେଳେ ଏହାର ୨ଟି ଟାୱାର ପୋଲ ସହ ମାଡ଼ ହୋଇଥିଲା। ଏହା ଭାଙ୍ଗି ତଳେ ଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଏଥିଯୋଗୁଁ ବିଦ୍ୟୁତ ଯୋଗାଣ ମଧ୍ୟ ବନ୍ଦ ହୋଇ ଯାଇଥିଲା। ଅନ୍ଧାରରେ ଲୋକେ ଜୀବନ ବିକଳରେ ଏଣେତେଣେ ଦୌଡ଼ିବାରେ ଲାଗିଥିଲେ। ଏହି ଜାହାଜରେ କ୍ରୁ ସଦସ୍ୟଙ୍କ ସମେତ ୨୭୭ ଯାତ୍ରୀ ଥିଲେ। ବ୍ରୋକଲିନ ପୋଲର ଉଚ୍ଚତା ୧୨୭ ଫୁଟ ଥିଲା। କିନ୍ତୁ ଜାହାଜରେ ଥିବା ଟାୱାରର ଉଚ୍ଚତା ୧୫୮ ରହିଥିଲା। ଏଥିପାଇଁ ଦୁର୍ଘଟଣା ଘଟିଥିଲା।

# ଟ୍ରମ୍ପଙ୍କ ପରାମର୍ଶଦାତା ବୋର୍ଡରେ ଦୁଇ ପୂର୍ବତନ ଆତଙ୍କବାଦୀ !

ନୂଆଦିଲ୍ଲୀ,୧୮।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତା ବୋର୍ଡରେ ଦୁଇ ପୂର୍ବତନ ଆତଙ୍କବାଦୀ ସଦସ୍ୟ ରହିଥିବା ଖବର ଏବେ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି ହୋଇଛି। ହ୍ୱାଇଟ୍ ହାଉସ ପରାମର୍ଶଦାତା ବୋର୍ଡରେ ଏମିତି ଦୁଇ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି, ଯେଉଁମାନଙ୍କର ଅତୀତରେ ଆତଙ୍କବାଦ ସହିତ ସମ୍ପର୍କ ରହିଥିବା କଥା ଏକ ଆମେରିକୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ପାଲେଷ୍ଟାଇନ ହମାସ ସଂଗଠନ ସହିତ ପୂର୍ବରୁ ସଂପୃକ୍ତ ରହିଥିଲା ବେଳେ ଅନ୍ୟ ଜଣେ ଲସ୍କର ଆତଙ୍କବାଦୀ ସଂଗଠନରେ ତାଲିମ ନେଇଥିବା ଉଲ୍ଲେଖ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଆତଙ୍କବାଦ ମାମଲାରେ ପୂର୍ବରୁ ଅଭିଯୁକ୍ତ ରହିଥିବା ଇସମାଇଲ୍ ରୋୟର ଏବଂ କାଲିଫର୍ନିଆର ଜାୟତୁନା କଲେଜର ସହ-ପ୍ରତିଷ୍ଠାତା ଶେଖ୍ ହମଜା ୟୁସୁଫ୍ଙ୍କୁ ହ୍ୱାଇଟ୍ ହାଉସ୍ ପରାମର୍ଶଦାତା ବୋର୍ଡରେ ସାମିଲ କରାଯାଇଛି। ଟ୍ରମ୍ପ ପ୍ରଶାସନର ଏଭଳି ନିଯୁକ୍ତି ପ୍ରକ୍ରିୟା ଗଭୀର ଚିନ୍ତା ସୃଷ୍ଟି କରିଛି ବୋଲି ସାମ୍ବାଦିକ ଲୌରା ଲୁମର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରୋୟରଙ୍କ ବିରୋଧରେ ୨୦୦୮ ମୁମ୍ବାଇ ଆକ୍ରମଣ ସହିତ କାଶ୍ମୀରରେ ଭାରତୀୟ ସେନା ଠିକଣା ଉପରେ ଗୁଳିମାଡ଼ ଏବଂ ଆତଙ୍କବାଦ ପ୍ରଚାର କରିବା ନେଇ ଅଭିଯୋଗ ରହିଛି। ସେହିପରି ୟୁସୁଫ ହମାସ ସମେତ ଅନ୍ୟ କିଛି ଆତଙ୍କବାଦୀ ସଂଗଠନ ସହିତ ଲିଙ୍କରେ ରହିଥିବା ଅଭିଯୋଗ ରହିଛି। ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦ୍ୱାରା ତାଙ୍କୁ ଅଭିଯୁକ୍ତ କରାଯାଇଛି।

# ହସିନାଙ୍କ ଭୂମିକାରେ ଅଭିନୟ କରି ନୁସ୍ରତ୍ ଗିରଫ

ଢାକା,୧୮।୫(ଏଜେନ୍ସି): ବାଂଲାଦେଶର ଲୋକପ୍ରିୟ ଅଭିନେତ୍ରୀ ନୁସ୍ରତ୍ ଫରିହାଙ୍କୁ ଢାକା ପୁଲିସ ରବିବାର ବିମାନ ବନ୍ଦରରୁ ଗିରଫ କରିଛି। ଗତବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଶାସନକାଳରେ ସାରା ଦେଶରେ ଚାଲିଥିବା ବିକ୍ଷୋଭ ସମୟରେ ଏକ ହତ୍ୟା ଉଦ୍ୟମ ଘଟଣାରେ ନୁସରତଙ୍କ ସଂପୃକ୍ତିକୁ ନେଇ ପୁଲିସ ତାଙ୍କୁ ଗିରଫ କରିଛି ବୋଲି ଢାକା ଟ୍ରିବ୍ୟୁନ ପକ୍ଷରୁ କୁହାଯାଇଛି। କିନ୍ତୁ ତାଙ୍କୁ ଗିରଫ କରାଯିବାର ପ୍ରକୃତ କାରଣ ଅନ୍ୟ କିଛି ରହିଛି ବୋଲି ବିଭିନ୍ନ ମହଲରେ ଅନ୍ୟ କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ଶେଖ ମୁଜିବୁର ରହମନଙ୍କ ଜୀବନ ଚରିତ୍ରକୁ ନେଇ ପ୍ରସ୍ତୁତ କରାଯାଇଥିବା 'ମୁଜିବ : ଦି ମେକିଂ ଅପ୍ ଏ ନେସନ୍' ଚଳଚିତ୍ରରେ ନୁସରତ୍ ଶେଖ ହସିନାଙ୍କ ଭୂମିକାରେ ଅଭିନୟ କରିଥିବାରୁ ତାଙ୍କୁ ପୁଲିସ ଗିରଫ କରିଥିବା କୁହାଯାଇଛି।



# ୟୁଟ୍ୟୁବର୍ ଜ୍ୟୋତି ମାଲ୍ହୋତ୍ରାଙ୍କ ଖୋଲୁଛି ଗୁମର

ହିସାର, ୧୮।୫ (ଏଜେନ୍ସି): ନାମ ଜ୍ୟୋତି ପାଇଥିଲେ, କିନ୍ତୁ ଦେଶକୁ ଅନ୍ଧକାରରେ ରଖି ଶତ୍ରୁ ପାଇଁ କାମ କରୁଥିଲେ। ବାରମ୍ବାର ପାକିସ୍ତାନ, ଚୀନ ଆଦି ଗସ୍ତରେ ଯାଇ ଗୁପ୍ତ ସୂଚନା ଦେଉଥିଲେ। ଏଭଳି ଦେଶ ବିରୋଧୀ କାର୍ଯ୍ୟ କରି ଧରା ପଡ଼ିଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ପହଲଗାମ ଆକ୍ରମଣ ପୂର୍ବରୁ ସେ ପାକିସ୍ତାନ ଯାଇଥିଲେ। ତାଙ୍କୁ ପାକିସ୍ତାନ ନିଜ ସମ୍ପତ୍ତି ଭଳି ବ୍ୟବହାର କରୁଥିଲା। ଜ୍ୟୋତି ପାଇଁ ପାକିସ୍ତାନ ପ୍ରାୟୋଜିତ କାର୍ଯ୍ୟକ୍ରମ ଧାର୍ଯ୍ୟ କରୁଥିଲା ବୋଲି ହରିଆଣା ହିସାରର ଏସ୍ପି ଶଶାଙ୍କ କୁମାର ସାୱନ କହିଛନ୍ତି। ଭାରତରୁ ବାହାର କରାଯାଇଥିବା ପାକିସ୍ତାନ ଅଧିକାରୀ ଦାନିଶ ସହ ଜ୍ୟୋତିଙ୍କ ଘନିଷ୍ଠ ସମ୍ବନ୍ଧ ଥିଲା। ସେ ନିଜ ୟୁଟ୍ୟୁବ ଚ୍ୟାନେଲ 'ଟ୍ରାଭେଲ ୱିଥ ଜୋ'ରେ ଅପଲୋଡ କରିଥିବା ଭିଡିଓରୁ ଏହି ସୂଚନା ମିଳିଛି। ଜେରା ସମୟରେ ଜ୍ୟୋତି ମଧ୍ୟ ଏହା ସ୍ୱଷ୍ଟ କରିଛି।

ଶଶାଙ୍କ କୁମାର କହିଛନ୍ତି ଯେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକରୁ ମିଳିଥିବା ସୂଚନା ଆଧାରରେ ଜ୍ୟୋତିଙ୍କୁ ଗିରଫ କରାଯାଇଛି। ସେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ଯୋଗାଯୋଗରେ ଥିଲେ। ଏବେ ପୁଲିସ ତାଙ୍କ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ୍ ଏବଂ ଲାପଟପ୍ ଯାଞ୍ଚ କରୁଛି। ସେ ନିଜ ଆୟ ତୁଳନାରେ ଅଧିକ ବ୍ୟୟ କରୁଥିଲେ। ଏହି ମାମଲାରେ ସୋସିଆଲ ମିଡିଆରେ ସକ୍ରିୟ ଥିବା ଅନ୍ୟ କିଛି ଲୋକଙ୍କୁ ମଧ୍ୟ ତଦନ୍ତ କରାଯାଉଛି। ଏହା ମଧ୍ୟରେ ଜ୍ୟୋତି ଏବଂ ଓଡ଼ିଶାର ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ମଧ୍ୟରେ ଲିଙ୍କ୍ ଥିବା ଜଣାପଡ଼ିଛି। ଏହା ପରେ ପୁଲିସ ପ୍ରିୟଙ୍କାଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଥିଲା। ୨୦୨୪ ସେପ୍ଟେମ୍ବରରେ ପ୍ରିୟଙ୍କାଙ୍କୁ ଭେଟିବା ପାଇଁ ଜ୍ୟୋତି ପୁରୀ ଆସିଥିଲେ। ଉଭୟଙ୍କ ମଧ୍ୟରେ ବହୁତ ଭଲ ସମ୍ବନ୍ଧ ଥିଲା। ଭିଡିଓରେ ଉଭୟ ପରସ୍ପରକୁ ଅତି ନିବିଡ ଭାବେ ଜାଣିଥିବା ଭଳି କଥା ହେଉଛନ୍ତି। ଏହି ପାର୍ଟିରେ ଦାନିଶ ନିଜ ସ୍ତ୍ରୀ ସହ ଜ୍ୟୋତିର ପରିଚୟ କରାଇଥିଲେ। ଏହା ବ୍ୟତୀତ, ସେଠାରେ ଉପସ୍ଥିତ ଅଧିକାରୀଙ୍କ ସହ କଥାବାର୍ତ୍ତା ମଧ କରାଇଥିଲେ। ଏଠାରେ ମାସ ମଧ୍ୟରେ ସେ ପାକିସ୍ତାନ ଏବଂ ଚୀନ୍ ଗସ୍ତ କରିଥିଲେ। ଏହାକୁ ନେଇ ସେ ସୁରକ୍ଷା ଏଜେନ୍ସିଗୁଡ଼ିକର ନଜରକୁ ଆସିଥିଲେ।

ଗତ ବର୍ଷ ଏପ୍ରିଲ ୧୭ରେ ଜ୍ୟୋତି ମାସେ ପାଇଁ ପାକିସ୍ତାନ ଗସ୍ତରେ ଯାଇଥିଲେ। ସେ ମେ' ୧୫ ପର୍ଯ୍ୟନ୍ତ ପାକିସ୍ତାନରେ ରହି ଭାରତ ଫେରି ଆସିଥିଲେ।



## ପହଲଗାମ ଆକ୍ରମଣ ପୂର୍ବରୁ ଯାଇଥିଲେ ପାକିସ୍ତାନ

## ଭାରତ ତଡ଼ିଥିବା ପାକିସ୍ତାନୀ ଅଧିକାରୀଙ୍କ ସହ ସମ୍ପର୍କ

ତେବେ ପ୍ରିୟଙ୍କାଙ୍କ ବାପା କହିଛନ୍ତି ଯେ ତାଙ୍କ ଝିଅ ୟୁଟ୍ୟୁବ୍ ମାଧ୍ୟମରେ ଜ୍ୟୋତି ସହ ବନ୍ଧୁତା କରିଥିଲା।

ସେହିପରି ଗତ ବର୍ଷ ମାର୍ଚ୍ଚ ୨୩ ତାରିଖରେ ଜ୍ୟୋତି ପାକିସ୍ତାନ ଯାଇଥିଲେ। ସେଠାରେ ପାକିସ୍ତାନର ଜାତୀୟ ଦିବସରେ ଦୂତାବାସରେ ଅନୁଷ୍ଠିତ ଇଫତାର ପାର୍ଟିରେ ଯୋଗ ଦେଇଥିଲେ। ସେ ଏହାର ଭିଡିଓ ନିଜ ଚ୍ୟାନେଲରେ ଅପଲୋଡ୍ କରିଥିଲେ। ପାକିସ୍ତାନୀ ଦୂତାବାସର ଅଧିକାରୀ ଦାନିଶ ଜ୍ୟୋତିଙ୍କୁ ଏଠାକୁ ସ୍ୱାଗତ କରିଥିଲେ। ଜ୍ୟୋତି କିଛି ଚୀନ୍ ଅଧିକାରୀଙ୍କୁ ମଧ ଭେଟିଥିଲେ। ସେ ଭିଡିଓରେ ପାକିସ୍ତାନୀ ଦୂତାବାସରେ ହୋଇଥିବା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ସେ ଦାନିଶଙ୍କ ସ୍ତ୍ରୀଙ୍କୁ ହରିୟାଣାର ହିସାରରେ ଥିବା ତାଙ୍କ ଘରକୁ ଆସିବାକୁ ମଧ ନିମନ୍ତ୍ରଣ କରିଥିଲେ।

ଅପରେସନ ସିନ୍ଦୂର ପରେ ଦାନିଶଙ୍କୁ ଭାରତ ଅବାଞ୍ଛିତ ବ୍ୟକ୍ତି ଘୋଷଣା କରିଥିଲା। ଭାରତ ସରକାର ଗତ ୧୩ ତାରିଖରେ ତାଙ୍କୁ ଦେଶରୁ ବହିଷ୍କାର କରିଥିଲେ। ତେବେ ପାକିସ୍ତାନ ଏବଂ ଚୀନ ଗସ୍ତ ଯୋଗୁଁ ଜ୍ୟୋତି ସନ୍ଦେହ ଘେରକୁ ଆସିଥିଲେ। ଗତ ବର୍ଷ ୨ ପାକିସ୍ତାନରୁ ଫେରିବାର ମାତ୍ର ୨୫ ଦିନ ପରେ ଜୁନ୍ ୧୦ରେ ସେ ଚୀନ୍ ଯାଇଥିଲେ। ଜୁଲାଇ ୯ ପର୍ଯ୍ୟନ୍ତ ଚୀନରେ ରହିଥିଲେ ଏବଂ ସେଠାରୁ ଜୁଲାଇ ୧୦ରେ ନେପାଳର କାଠମାଣ୍ଡୁରେ ପହଞ୍ଚିଥିଲେ।

ଏହା ପୂର୍ବରୁ ଜ୍ୟୋତି କରତାରପୁର କରିଡର ଦେଇ ପାକିସ୍ତାନ ଯାଇଥିଲେ। ଏହି ସମୟରେ ସେ ପାକିସ୍ତାନ ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ମରିୟମ ନୱାଜ ସରିଫଙ୍କୁ ଭେଟିଥିଲେ। ଜ୍ୟୋତି ତାଙ୍କର ସାକ୍ଷାତକାର ମଧ ନେଇଥିଲେ।

**ମହାରାଷ୍ଟ୍ରର ବଡ଼ ଅଧିକାରୀ ପ୍ରୋଟୋକଲ୍ ମାନନ୍ତିନି**

# ପ୍ରଧାନ ବିଚାରପତିଙ୍କ ସ୍ୱାଗତ ପାଇଁ ଗଲେନି ମୁଖ୍ୟ ସଚିବ, ଡିଜିପି

ମୁମ୍ବାଇ, ୧୮।୫ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କୁ ମହାରାଷ୍ଟ୍ରରେ ଅସମ୍ମାନିତ କରାଯାଇଛି। ରାଜ୍ୟ ସରକାର ପ୍ରୋଟୋକଲକୁ ଭାଙ୍ଗି ଦେଇଛନ୍ତି। ଆଜି ପ୍ରଧାନ ବିଚାରପତି ଓକିଲ ସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମୁମ୍ବାଇ ଗସ୍ତରେ ଯାଇଥିଲେ। କିନ୍ତୁ ଏଠାରେ ତାଙ୍କୁ ସ୍ୱାଗତ କରିବାକୁ ମହାରାଷ୍ଟ୍ର ସରକାରଙ୍କ ମୁଖ୍ୟ ସଚିବ, ଡିଜିପି ଏବଂ ମୁମ୍ବାଇ ପୁଲିସ କମିଶନର ପହଞ୍ଚି ନ ଥିଲେ। ଓକିଲ ସଂଘର କାର୍ଯ୍ୟକ୍ରମରେ ସିଜେଆଇ ଏହି ପ୍ରସଙ୍ଗ ଉଠାଇ ଥିଲେ। ସେ ଏଭଳି ବ୍ୟବହାରକୁ ନେଇ ନିରାଶ ପ୍ରକଟ କରିଥିଲେ। ସିଜେଆଇ କହିଥିଲେ ଯେ ମହାରାଷ୍ଟ୍ରର ବଡ଼ ଅଧିକାରୀ ପ୍ରୋଟୋକଲ ପାଳନ କରୁନାହାନ୍ତି। ନ୍ୟାୟପାଳିକା, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ହେଉଛି ଗଣତନ୍ତ୍ରର ତିନୋଟି ପ୍ରମୁଖ ସ୍ତମ୍ଭ। ଏ ସବୁ ପରସ୍ପରକୁ ସମ୍ମାନ ଦେବା ଉଚିତ। ଯଦି ଭାରତ ପ୍ରଧାନ ବିଚାରପତି ପ୍ରଥମ ଥର ପାଇଁ ମହାରାଷ୍ଟ୍ର ଆସନ୍ତି ତେବେ ଏଠାକାର ମୁଖ୍ୟ ସଚିବ, ଡିଜିପି ଏବଂ ମୁମ୍ବାଇ ପୁଲିସ କମିଶନର ଉପସ୍ଥିତ ରହିବା ଉଚିତ। ଏପରି ନ ହେବା ଚିନ୍ତାର ବିଷୟ। ପ୍ରୋଟୋକଲ କୌଣସି ନୂଆ କଥା ବି ନୁହେଁ। ଏହା ସାମ୍ବିଧାନିକ ସଂସ୍ଥାଙ୍କ ମଧ୍ୟରେ ସମ୍ମାନର ପ୍ରତୀକ। କୌଣସି ସାମ୍ବିଧାନିକ ସଂସ୍ଥାର ମୁଖ୍ୟଙ୍କ ଗସ୍ତରେ ସ୍ୱାଗତ ସମ୍ବର୍ଦ୍ଧନା ଅନେକ ମହତ୍ତ୍ୱ ରଖିଥାଏ। ସମ୍ବିଧାନର ଧାରା ୧୪୨ ଅନୁସାରେ ସୁପ୍ରିମ୍କୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ମିଳିଥିଲା ବେଳେ ଏହାର ପ୍ରୋଟକଲ୍ ଉଲ୍ଲଙ୍ଘନ କରାଯାଇଥିଲେ କିଛି ତ୍ରୁଟି ହୋଇଥାନ୍ତା ବୋଲି କାର୍ଯ୍ୟପାଳିକାକୁ ପରୋକ୍ଷରେ ସଂକେତ ଦେଇ ଜଷ୍ଟିସ୍ ଗଭାଇ କହିଥିଲେ।

ସୂଚନା ଅନୁଯାୟୀ ମହାରାଷ୍ଟ୍ର-ଗୋଆ ବାର୍ କାଉନସିଲ ପକ୍ଷରୁ ଆଜି ମୁମ୍ବାଇରେ ସିଜେଆଇଙ୍କ ପାଇଁ ସମ୍ମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ମରାଠୀରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରିଥିଲେ। ବାପାମାଆ ଏବଂ ବାବା ସାହେବ ଆମ୍ବେଦକରଙ୍କ ଲାଗି ଅମରାବତୀର ଏକ ବସ୍ତିରୁ ସେ ଏ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି ବୋଲି କହିଥିଲେ। ନ୍ୟାୟପାଳିକା, କାର୍ଯ୍ୟପାଳିକା କି ସଂସଦ ନୁହେଁ, ବରଂ ଭାରତର ସମ୍ବିଧାନ ସର୍ବୋଚ୍ଚ। ଏହି ତିନି ଅଙ୍ଗ ସମ୍ବିଧାନ ଅନୁଯାୟୀ କାମ କରିଥାନ୍ତି। ଏହା ପୂର୍ବରୁ ସିଜେଆଇ ଶନିବାର ବାର୍ କାଉନସିଲ ଅଫ ଇଣ୍ଡିଆ (ବିସିଆଇ)କୁ ସମ୍ବୋଧନ କରି କହିଥିଲେ ଯେ ବିଚାରପତି ତୃଣମୂଳସ୍ତରର ସ୍ଥିତିକୁ ଅଣଦେଖା କରିପାରିବେ ନାହିଁ। ନ୍ୟାୟପାଳିକା ଲୋକଙ୍କଠାରୁ ଦୂରରେ ରହିବା ଅନୁଚିତ। ସୁପ୍ରିମକୋର୍ଟ ବିଚାରପତି ଲୋକଙ୍କଠାରୁ ଦୂରେଇ ରହିବା ଧାରଣାକୁ ସିଜେଆଇ ଖାରଜ କରିଦେଇଥିଲେ।



**ଅସନ୍ତୋଷ ଜଣାଇଲେ ପ୍ରଧାନ ବିଚାରପତି, ଧାରା ୧୪୨ କଥା ବି ଉଠାଇଲେ**

# ଅପରେସନ୍ ସିନ୍ଦୂରର ନୂଆ ଭିଡିଓ ଜାରିକଲା ସେନା

ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଭାରତୀୟ ସେନା ରବିବାର ଅପରେସନ ସିନ୍ଦୂରର ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଜବାବୀ ସାମରିକ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁଛି। ଗତ ୧୦ ତାରିଖରେ ପାକିସ୍ତାନ ସେନା ଯେଉଁ ପୋଷ୍ଟରୁ ଆକ୍ରମଣ କରୁଥିଲା ତାହାକୁ ଉଡ଼ାଇ ମାଟିରେ ମିଶାଇ ଦିଆଯାଇଛି ବୋଲି ଏହି ଭିଡିଓରେ କୁହାଯାଉଛି। ଏହା ପହଲଗାମ ଆକ୍ରମଣର ପ୍ରତିଶୋଧ ନୁହେଁ, ବରଂ ନ୍ୟାୟ। ଏହା କ୍ରୋଧ ନୁହେଁ, ବରଂ ଶତ୍ରୁକୁ ଭବିଷ୍ୟତ ପାଇଁ ଉଚିତ ଶିକ୍ଷା ଦେବା ନିମନ୍ତେ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ସେନାର ୱେଷ୍ଟର୍ଣ୍ଣ କମାଣ୍ଡ ସୋସିଆଲ ମିଡିଆରେ ଏହି ଭିଡିଓ ସେୟାର କରିଛି। ଗୁଳିଗୋଳା ମାଡ଼ କରି ପାକିସ୍ତାନ ସେନା ପୋଷ୍ଟ ଉଡ଼ାଉଥିବା ଦେଖିବାକୁ ମିଳୁଛି।

# ମହାରାଷ୍ଟ୍ର କାରଖାନାରେ ନିଆଁ; ୮ ମୃତ

ମୁମ୍ବାଇ, ୧୮।୫ (ଏଜେନ୍ସି): ମହାରାଷ୍ଟ୍ର ସୋଲାପୁର ଜିଲ୍ଲାର ଅକଲକୋଟ ମାର୍ଗରେ ଥିବା ସେଣ୍ଟ୍ରାଲ ଟେକ୍ସଟାଇଲ ମିଲ୍ସରେ ରବିବାର ସକାଳ ୩ଟା୪୫ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତିନି ମହିଳା, ଜଣେ ଶିଶୁ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଛି। ସର୍ଟ ସର୍କିଟରୁ ଏପରି ହୋଇଥିବା ଜଣାପଡିଛି। ମୃତକଙ୍କ ମଧ୍ୟରେ କାରଖାନାର ମାଲିକ ହାଜି ଉସମାନ ହସନଭାଇ ମନସୁରୀ, ତାଙ୍କର ଦେଢ ବର୍ଷର ନାତି ସମେତ ପରିବାରର ତିନି ସଦସ୍ୟ ଏବଂ ୪ କର୍ମଚାରୀ ଏଥିରେ ପ୍ରାଣ ହରାଇଛନ୍ତି। ଏହି ନିଆଁକୁ ନିୟନ୍ତ୍ରଣ କରିବାରେ ୫ରୁ ୬ ଘଣ୍ଟା ଲାଗି ଯାଇଥିଲା।

# 'ସଂସଦ ରତ୍ନ ସମ୍ମାନ'ରେ ସମ୍ମାନିତ ହେବେ ୧୭ ସାଂସଦ

ନୂଆଦିଲ୍ଲୀ,୧୮।୫(ଏଜେନ୍ସି): ଚଳିତ ବର୍ଷ ୧୭ ସାଂସଦ 'ସଂସଦ ରତ୍ନ ପୁରସ୍କାର -୨୦୨୫'ରେ ସମ୍ମାନିତ ହେବେ। ଏଥିପାଇଁ ସେମାନଙ୍କୁ ଚୟନ କରାଯାଇ ନାମ ଘୋଷଣା କରାଯାଇଛି। ଏହି ୧୭ ସାଂସଦଙ୍କ ମଧ୍ୟରୁ ମହାରାଷ୍ଟ୍ରର ସର୍ବାଧିକ ୭ ଜଣ ସାଂସଦ ରହିଛନ୍ତି। ସଂସଦରେ ଉଲ୍ଲେଖନୀୟ କାର୍ଯ୍ୟଶୈଳୀ, ସ୍ଥିର ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଂସଦମାନଙ୍କୁ ଏହି ପୁରସ୍କାର ପ୍ରତିବର୍ଷ 'ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍' ଦ୍ୱାରା ପ୍ରଦାନ କରାଯାଇଥାଏ। ଭର୍ତ୍ତୃହରି ମହତାବ, ସୁପ୍ରିୟା ସୁଲେ, ଏନ. ଅଫ୍. ପ୍ରେମଚନ୍ଦ୍ରନ୍, ଶ୍ରୀରଙ୍ଗ ବରଣେଙ୍କ ସମେତ ପ୍ରବୀଣ ପଟେଲ, ରବି କିଶନ, ନିଶିକାନ୍ତ ଦୁବେ, ବିଦ୍ୟୁତ ବାରନ ମହୋ, ପି ପି ଚୌଧୁରୀ, ମଦନ ରାଠୋଡ, ସି ଏନ ଅନ୍ନଦୁରାଇ, ଦିଲୀପ ସାଇକିଆ, ଅରବିନ୍ଦ ସାୱନ୍ତ, ନରେଶ ମହସ୍କେ, ସ୍ମିତା ୱାଘ, ମେଧା କୁଲକର୍ଣ୍ଣି ଏବଂ ବର୍ଷା ଗାୟକୱାଡ ଏହି ସମ୍ମାନ ପାଇବେ।

**ମଝି ଆକାଶରେ ଆତଙ୍କ**


# ବିନା ପାଇଲଟ୍ରେ ୧୦ ମିନିଟ୍ ଉଡ଼ିଲା ବିମାନ

ବର୍ଲିନ, ୧୮।୫ (ଏଜେନ୍ସି): ଏକ ବଡ଼ ବିପଦ ଅଳ୍ପକେ ଟଳି ଯାଇଛି। ମଝି ଆକାଶରେ କୋ-ପାଇଲଟ ସଂଜ୍ଞାହୀନ ହୋଇ ପଡ଼ିଛନ୍ତି। ଏଥିପାଇଁ ବିମାନଟି ୧୦ ମିନିଟ ପର୍ଯ୍ୟନ୍ତ ବିନା ପାଇଲଟରେ ରହିଥିଲା। ଏହା ଅଟୋ-ପାଇଲଟ ମୋଡ୍କୁ ଚାଲି ଯାଇଥିଲା। ଜର୍ମାନୀର ଲୁଫ୍ଥଂସା ବିମାନ ଏ୩୨୧ରେ ଏଭଳି ଘଟଣା ଘଟିଥିଲା। ପାଇଲଟ ବିଶ୍ରାମ କକ୍ଷକୁ ଯାଇଥିବାବେଳେ କୋ-ପାଇଲଟ ସଂଜ୍ଞାହୀନ ହୋଇ ଯାଇଥିଲେ। ଏହି ସମୟରେ ବିମାନରେ ୧୯୯ ଯାତ୍ରୀ ଯାତ୍ରା କରୁଥିଲେ। ଏହା ଜର୍ମାନୀର ଫ୍ରାଙ୍କଫର୍ଟରୁ ସ୍ପେନର ସେଭିଲେକୁ ଯାଉଥିଲା। ୨୦୨୪ ଫେବୃଆରୀ ୧୭ରେ ଘଟିଥିବା ଏହି ଘଟଣା ଏବେ ସାମ୍ନାକୁ ଆସିବା ପରେ ଚର୍ଚ୍ଚା ଜୋର୍ ଧରିଛି।

**ଗାଜାରେ ଇସ୍ରାଏଲ୍ ସେନାର ଗ୍ରାଉଣ୍ଡ ଅପରେସନ୍ ଜୋର୍ଦାର୍**

# ୨୪ ଘଣ୍ଟା ଭିତରେ ପୁଣି ୧୦୫ ଜଣଙ୍କ ମୃତ୍ୟୁ

ତେଲ୍ ଆଭିଭ୍,୧୮।୫(ଏଜେନ୍ସି): ଗତ ୩ ଦିନ ଧରି ଇସ୍ରାଏଲ ସେନା ଗାଜା ଉପରେ ଆକ୍ରମଣ ଜୋରଦାର କରିଥିଲା ବେଳେ ଇତିମଧ୍ୟରେ ଶହ ଶହ ଲୋକଙ୍କ ମୃତ୍ୟୁ ହେବା ସହିତ ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଗତକାଲି ସୁଦ୍ଧା ଉତ୍ତର ଗାଜାରେ ୨୫୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଏହାପରେ ରବିବାର ମଧ୍ୟାହ୍ନ ସୁଦ୍ଧା ଆଉ ୧୦୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଉତ୍ତର ଗାଜାର ବିଭିନ୍ନ ସ୍ଥଳରେ ଇସ୍ରାଏଲ ସେନା ଗ୍ରାଉଣ୍ଡ ଅପରେସନକୁ ଜୋରଦାର କରିଥିବାରୁ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ରବିବାର ସକାଳେ ଉତ୍ତର ଗାଜାର ଏକ ମେଡିକାଲ ସଂଲଗ୍ନ ଅଞ୍ଚଳରେ ଆକ୍ରମଣ କରାଯାଇଥିବାରୁ ଏଠାରେ ବହୁ ଶିଶୁଙ୍କ ସମେତ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଇସ୍ରାଏଲ ଏବଂ ହମାସ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ଏବଂ ପଣବନ୍ଦୀଙ୍କୁ ମୁକ୍ତ କରିବା ନେଇ ବୁଝାମଣା ହେବା ସମ୍ଭବ ନ ହେବାରୁ ଇସ୍ରାଏଲ ସେନା ବେଳକୁ ବେଳ ଆକ୍ରମଣ ଜୋରଦାର କରିବାରେ ଲାଗିଛି। ଗାଜାରୁ ଇସ୍ରାଏଲ ସେନାର ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ହମାସ ଦାବି କରିଛି। ଅନ୍ୟପକ୍ଷରେ ହମାସ କବଳରେ ରହିଥିବା ଇସ୍ରାଏଲୀ ବନ୍ଧକମାନଙ୍କୁ ମୁକ୍ତ କରା ନଗଲେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଦେଇଛନ୍ତି। ଯାହାକୁ ନେଇ ଉତ୍ତର ଗାଜା ସ୍ଥିତି ଅଧିକ ଗମ୍ଭୀର ହୋବରେ ଲାଗିଛି।



■ ଇଟାଲିଆନ୍ ଓପନ୍ ଟେନିସ

## ଏକକ ପରେ ଯୁଗଳ ଟାଇଟଲ୍ ଜିତିଲେ ପାଓଲିନି



ରୋମ,୧୮ ।୫(ଏଜେନ୍ସି): ଘରୋଇ ପରିବେଶରେ ଇଟାଲୀର ମହିଳା ଟେନିସ ତାରକା ଜସ୍ମିନ୍ ପାଓଲିନି ଇଟାଲିଆନ୍ ଡବ୍ଲ୍ୟୁଟିଏ ଓପନ ୧୦୦୦ ଟୁର୍ଣ୍ଣାମେଣ୍ଟରେ ଉଭୟ ମହିଳା ଏକକ ଓ ଯୁଗଳ ପ୍ରତିଯୋଗିତାରେ ଚାମ୍ପିଅନ ହେବା ସହ ବିରଳ ସଫଳତା ଅର୍ଜନ କରିଛନ୍ତି । ମହିଳା ଏକକ ଫାଇନାଲ ମୁକାବିଲାରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ପାଓଲିନି ୬-୪, ୬-୨ ସିଧାସଳଖ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫଙ୍କୁ ପରାସ୍ତ କରି ପ୍ରଥମଥର ପାଇଁ ଇଟାଲିଆନ୍ ଟାଇଟଲ ଜିତିଛନ୍ତି । ୪୦ ବର୍ଷ ପରେ ସେ ପ୍ରଥମ ଇଟାଲି ମହିଳା ଖେଳାଳି ଭାବେ ଏହି ଟାଇଟଲ ଜିତିଛନ୍ତି । ପୂର୍ବରୁ ୧୯୮୫ରେ ରାଫାଏଲା ରେଗି ପ୍ରଥମ ଇଟାଲି ମହିଳା ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ । ୨୯ ବର୍ଷୀୟା ପାଓଲିନ୍ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଓପନ ଏରାରେ ଇଟାଲିଆନ ଟାଇଟଲ ଜିତିଛନ୍ତି । ପୂର୍ବରୁ ସେମିଫାଇନାଲରେ ପାଓଲିନି ୭-୫, ୬-୧ ସେଟ୍‌ରେ ଆମେରିକାର ପେଟୋନ ଷ୍ଟେର୍ଣ୍ଣସଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲେ । ଏଥିସହ ପାଓଲିନ୍ କ୍ୟାରିଅରର ତୃତୀୟ ଟାଇଟଲ ହାସଲ କରିଛନ୍ତି ।

### ପାଓଲିନି- ଇରାନୀ ଚାମ୍ପିଅନ୍

ଅପରପକ୍ଷରେ ମହିଳା ଯୁଗଳ ପ୍ରତିଯୋଗିତାରେ ପାଓଲିନ୍ ଓ ଇଟାଲୀର ଅନ୍ୟତମ ଅଭିଜ୍ଞ ମହିଳା ଖେଳାଳି ସାରା ଇରାନୀ ମହିଳା ଯୁଗଳ ଟାଇଟଲ ହାସଲ କରିଛନ୍ତି । ତୃତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ଫାଇନାଲ ମ୍ୟାଚ୍‌ରେ ବେଲଜିୟମର ଏଲିନ ମେର୍ଟେନ୍ସ ଓ ରୁଷିଆର ଭେରୋନିକା କୁଡେରମୋଟୋଭାଙ୍କୁ ୬-୪, ୭-୫ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ୩୫ ବର୍ଷ ପରେ ପାଓଲିନ୍ ପ୍ରଥମ ଖେଳାଳି ଭାବେ ଇଟାଲିଆନ ଓପନର ଉଭୟ ଏକକ ଓ ଯୁଗଳ ଟାଇଟଲ ହାସଲ କରିଛନ୍ତି । ପୂର୍ବରୁ ୧୯୯୦ରେ ମୋନିକା ସେଲେସ୍ ରୋମରେ ଏକକ ଓ ଯୁଗଳ ଟାଇଟଲ ଜିତିଥିଲେ ।

# ସ୍ୱତନ୍ତ୍ର ହେବ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆର ପ୍ରଥମ ସଂସ୍କରଣ



ପ୍ରଥମଥର ପାଇଁ ଭାରତରେ ଆୟୋଜନ ହେବାକୁ ଯାଉଛି ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ (ଏସ୍‌ଏଲ୍‌ଆଇ) । ଚଳିତ ବର୍ଷ ନଭେମ୍ବର ୨୦ରୁ ଡିସେମ୍ବର ୨ ମଧ୍ୟରେ ଏହି ଲିଗ୍ ଆୟୋଜନ ହେବ ବୋଲି ଆଶା କରାଯାଉଛି । ବିଶ୍ୱ ତଥା ଅଲିମ୍ପିକ ସୁଟିଂର ସର୍ବୋଚ୍ଚ ଅନ୍ତର୍ଜାତୀୟ ସୁଟି ସ୍ପୋର୍ଟ୍ସ ଫେଡେରେସନ (ଆଇଏସ୍‌ଏସ୍‌ଏଫ୍) ଆନୁଷ୍ଠାନିକ ଭାବେ ଏହି ଲିଗ୍ ପାଇଁ ନଭେମ୍ବର-ଡିସେମ୍ବର ୱିଣ୍ଡୋ ପ୍ରଦାନ କରିବା ସହ ସ୍ୱୀକୃତି ଦେଇଛି । ଫ୍ରାଞ୍ଚାଇଜ୍ ପର୍ଯ୍ୟବସିତ ଏହି ଲିଗ୍ ପ୍ରଥମେ ଗତ ମାର୍ଚ୍ଚରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା । ଏହି ଲିଗ୍ ସ୍ୱତନ୍ତ୍ର ହେବ ବୋଲି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ସଭାପତି କଳିକେଶ ନାରାୟଣ ସିଂଦେଓ କହିଛନ୍ତି । ଲିଗ୍‌ର ଆୟୋଜନ ନେଇ ଏନ୍‌ଆରଏଆଇର ବୈଠକ ଅନୁଷ୍ଠିତ ହୋଇଛି ଓ ଏଥିରେ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

### ୬ରୁ ୮ ଫ୍ରାଞ୍ଚାଇଜ ଭାଗ ନେବେ

ମୋଟ ଉପରେ ୬ରୁ ୮ଟି ସହର ପର୍ଯ୍ୟବସିତ ଫ୍ରାଞ୍ଚାଇଜ୍ ନୀଲାମି ମାଧ୍ୟମରେ ଦଳ ଗଠନ କରିବେ । ପ୍ରତ୍ୟେକ ଦଳରେ ୬ଜଣ ପୁରୁଷ ଓ ମହିଳା ଆଥଲେଟ୍‌ଙ୍କୁ ନେଇ ମୋଟ ୧୨ ସୁଟର ସାମିଲ ହେବେ । ଦଳରେ ୨ ଜଣ ଲେଖାଏ ବିଦେଶୀ ପୁରୁଷ ଓ ମହିଳା ସୁଟରଙ୍କୁ ସାମିଲ କରାଯିବ । ସୁଟିଂକୁ ସାଧାରଣତଃ କମ୍ ସଂଖ୍ୟକ ଦର୍ଶକ ଦେଖିଥାନ୍ତି । ତେଣୁ ଦର୍ଶକଙ୍କ ସଂଖ୍ୟା ଅର୍ଥାତ ଭ୍ୟୁୟରସିପ୍ ନିଶ୍ଚିତ ଭାବେ ଲିଗ୍ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ରହିବ ବୋଲି ସିଂଦେଓ କହିଛନ୍ତି । ଏଥିରେ ବୃଦ୍ଧ ଆଣିବା ପାଇଁ ସୋସିଆଲ ମିଡିଆ ଭଳି ବିଭିନ୍ନ ପ୍ଲାଟଫର୍ମକୁ ବ୍ୟବହାର କରାଯିବ ଓ କ୍ରୀଡ଼ାପ୍ରେମୀଙ୍କ ନିକଟରେ ଏହି ଲିଗ୍‌କୁ ପହଞ୍ଚାଇବାକୁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି ।

### ୬ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ

ମୋଟ ୬ଟି ଇଭେଣ୍ଟକୁ ନେଇ ପ୍ରତିଯୋଗିତା ଆୟୋଜନ ହେବ । ଏଗୁଡିକ ହେଲା ପିସ୍ତଲରେ ୧୦ମି. ଓ ୨୫ମି. । ରାଇଫଲ୍‌ରେ ୧୦ମି, ୫୦ମି. ୩ ପୋଜିସନ ଏବଂ ଶଟଗନ୍‌ରେ ଟ୍ରାପ୍ ଓ ସ୍କିଟ୍ । ଏଥର ଗୋଟିଏ ଭେନ୍ୟୁରେ ଲିଗ୍ ଆୟୋଜନ ହେବ । ଲିଗ୍ ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କଳିକେଶ କହିଛନ୍ତି ।

# କାନିତକର ଭାରତ-ଏ’ର ହେଡ୍ କୋଚ୍



ନୂଆଦିଲ୍ଲୀ,୧୮।୫ (ଏଜେନ୍ସି): ହୃଷୀକେଶ କାନିତକରଙ୍କୁ ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ଭାରତ-ଏ’ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି । ମହାରାଷ୍ଟ୍ରର କାନିତକରଙ୍କ ବ୍ୟତୀତ ଆସାମର ଶୁଭଦୀପ ଘୋଷଙ୍କୁ ଫିଲ୍ଡିଂ, ଟ୍ରଏ କୁଲୀଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି । ଦୁଇଦିନ ପୂର୍ବରୁ ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଥିଲା । ଇଂଲଣ୍ଡ ଗସ୍ତରେ ଭାରତ-ଏ’ ୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବ । ଏହା ମଧ୍ୟରୁ ପ୍ରଥମ ୪ ଦିନିଆ ମ୍ୟାଚ୍ ଇଂଲଣ୍ଡ ଲାୟନ୍ସ ସହ କାଣ୍ଟରବରୀରେ ମେ ୩୦ରୁ ଆରମ୍ଭ ହେବ । ନର୍ଥାମ୍ପଟନରେ ଜୁନ୍ ୬ରୁ ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଖେଳିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି । ତୃତୀୟ ମ୍ୟାଚ୍‌ଟି ଭାରତ ସିନିୟର ଦଳ ସହ ଖେଳିବ । ବେକେନହାମ୍‌ରେ ଏହି ମ୍ୟାଚ୍ ଜୁନ୍ ୧୩ରୁ ୧୬ ଯାଏ ଖେଳାଯିବ । ଭାରତ-ଏ’ ଦଳ ମେ ୨୫ ଓ ୨୬ରେ ଦୁଇ ଦଫାରେ ଇଂଲଣ୍ଡ ଯିବେ । ଏହା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ମେ ୨୩ରେ ମନୋନୀତ ହେବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଆଇପିଏଲ୍ ସ୍ଥଗିତ ରହିବା ଫଳରେ ଟେଷ୍ଟ ଦଳ ଚୟନ କିଛି ଦିନ ବିଳମ୍ବ ହୋଇପାରେ । ମନୋନୀତ ଦଳ ଜୁନ୍ ୬ରେ ପ୍ରଥମ ପର୍ଯ୍ୟାୟରେ ଇଂଲଣ୍ଡ ଯିବ । ହେଡିଂଲେରେ ଜୁନ୍ ୨୦ରୁ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ । ଏହା ପରେ ବର୍ମିଂହାମ୍‌ରେ ଜୁଲାଇ ୨ରୁ ଦ୍ୱିତୀୟ ଟେଷ୍ଟ, ଲର୍ଡ୍ସରେ ଜୁଲାଇ ୧୦ରୁ ତୃତୀୟ, ମାଞ୍ଚେଷ୍ଟରରେ ଜୁଲାଇ ୨୩ରୁ ଚତୁର୍ଥ ଓ ଓଭାଲରେ ଜୁଲାଇ ୩୧ରୁ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ ।

**ଭାରତ-ଏ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ, ୱିକେଟକିପର), ଯଶସ୍ୱୀ ଜୟସ୍ୱାଲ, କରୁନ ନାୟାର, ନୀତୀଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶାନ (ୱିକେଟକିପର), ମାନବ ସୁତାର, ତନୁଷ କୋଟିଆନ, ମୁକେଶ କୁମାର, ଆକାଶଦୀପ୍, ହର୍ଷିତ ରାଣା, ଅଂଶୁଳ କାମ୍ବୋଜ, ଖଲିଲ ଅହମ୍ମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ୍, ତୁଷାର ଦେଶପାଣ୍ଡେ ଓ ହର୍ଷ ଦୁବେ । - ଶୁବମାନ ଗିଲ ଓ ସାଇ ସୁଦର୍ଶନ ଦ୍ୱିତୀୟ ମ୍ୟାଚ୍‌ରେ ଯୋଗ ଦେବେ ।

■ ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

## ରିୟାନ୍ସ, ପ୍ରଜ୍ଞାନ, ଅନ୍ୱେଷା ଅଗ୍ରଣୀ



ଭୁବନେଶ୍ୱର,୧୮।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ ୭ ବର୍ଷରୁ କମ୍ ଶିଶୁ ଚେସ୍ ପ୍ରତିଯୋଗିତା ଜାରି ରହିଛି । ପ୍ରତିଯୋଗିତାର ଦ୍ୱିତୀୟ ଦିନ ଓପନ କାଟାଗୋରୀରେ ସୁନ୍ଦରଗଡ଼ର ରିୟାନ୍ସ ଅଗରୱାଲ ଓ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ଷଷ୍ଠ ରାଉଣ୍ଡ ଶେଷସୁଦ୍ଧା ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ସେମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେମାନେ ହେଲେ କଟକର ଶିବାଂସଜିତ ସାସ୍ମଲ, ଖୋର୍ଦ୍ଧାର କାବ୍ୟାଂଶ ଚକ୍ରବର୍ତ୍ତୀ ଓ କଟକର କ୍ରିସିତ୍ ପଣ୍ଡା । ବାଳିକା ବିଭାଗରେ ଖୋର୍ଦ୍ଧାର ଅନ୍ୱେଷା ମିଶ୍ର ୬ ପଏଣ୍ଟ ସଂଗ୍ରହ କରି ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି । ଖୋର୍ଦ୍ଧାର ପ୍ରତ୍ୟାକ୍ଷା ସମ୍ଭାବୀ ପଣ୍ଡା ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଆସନ୍ତାକାଲି ଏହି ପ୍ରତିଯୋଗିତାର ଆଉ ୨ ରାଉଣ୍ଡ ଖେଳ ହେବ । ଏଥିରେ ଉଭୟ ବିଭାଗରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ । ଜୁନ୍ ୧ରୁ ୫ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ ।

# ୩୧ରୁ ପ୍ରୋ କବାଡ଼ି ଲିଗ୍ ଖେଳାଳି ନିଲାମୀ

## ଅଂଶଗ୍ରହଣ କରିବେ ୫୦୦ ଖେଳାଳି

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି): ପ୍ରୋ କବାଡି ଲିଗ୍ (ପିକେଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ପାଇଁ ଆସନ୍ତା ମେ ୩୧ ଓ ଜୁନ୍ ୧ ତାରିଖରେ ଖେଳାଳି ନିଲାମୀ ଅନୁଷ୍ଠିତ ହେବ । ପ୍ରାୟ ସବୁ ଫ୍ରାଞ୍ଚାଇଜ୍ ସେମାନଙ୍କ ତାରକା ଖେଳାଳିଙ୍କୁ ରିଟେନ ଅର୍ଥାତ ବଜାୟ ରଖିଛନ୍ତି । ୟୁ ମୁମ୍ବା ସୁନୀଲ କୁମାର ଓ ଅମୀର ମହମ୍ମଦ ଜାଫର ଦାନେଶଙ୍କୁ ବଜାୟ ରଖିଥିବା ବେଳେ ଜୟଦୀପ ଦହିୟାଙ୍କୁ ହରିୟାଣା ଷ୍ଟିଲର୍ସ ବଜାୟ ରଖିଛି । ସେହିପରି ସୁରେନ୍ଦର ଗିଲ୍‌ଙ୍କୁ ୟୁପି ଯୋଦ୍ଧାସ ଏବଂ ଅସଲାମ ଇନାମଦାର ଓ ମୋହିତ ଗୋୟାତଙ୍କୁ ପୁନେରୀ ପଲଟନ ନିଲାମୀକୁ ଛାଡିନାହିଁ । ଏଥର ନିଲାମୀ ମୋଟ ୫୦୦ ଖେଳାଳି ଭାଗନେବେ ।


### ୩ ବର୍ଗରେ ବଜାୟ ରହିଲେ ୮୩ ଖେଳାଳି

୩ଟି ବର୍ଗରେ ମୋଟ୍ ଉପରେ ୮୩ ଜଣ ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ୍‌ମାନେ ବଜାୟ ରଖିଛନ୍ତି । ଏହି ବର୍ଗଗୁଡିକ ହେଲା ଏଲିଟ୍ ରିଟେନ ପ୍ଲେୟର୍ସ (ଇଆରପି), ରିଟେନ୍‌ଡ ୟଙ୍ଗ ପ୍ଲେୟର୍ସ (ଆରୱାଇପି) ଓ ନ୍ୟୁ ୟଙ୍ଗ ପ୍ଲେୟର୍ସ (ଏନ୍‌ୱାଇପି) ।




ଇଆରପି ବର୍ଗରେ ୨୫, ଆରୱାଇପି ବର୍ଗରେ ୨୩ ଓ ଏନ୍‌ୱାଇପି ବର୍ଗରେ ୩୫ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ବଜାୟ ରଖିଛନ୍ତି । ଏମାନଙ୍କ ମଧ୍ୟରୁ ଏକାଧିକ ଜଣାଶୁଣା ଦେଶୀ ଓ ବିଦେଶୀ ଖେଳାଳି ସାମିଲ ରହିଛନ୍ତି । ପବନ ସେରାୱତ୍, ଅର୍ଜୁନ ଦେଶୱାଲ, ଆଶୁ ମଲିକ ଓ ଗତ ସଂସ୍କରଣର ଶ୍ରେଷ୍ଠ ରାଇଡର ଦେବଙ୍କ ଦଲାଲଙ୍କ ପରି ପ୍ରତିଷ୍ଠିତ ଖେଳାଳିମାନେ ନିଲାମୀରେ ସାମିଲ ହେବେ । ସେହିପରି ଇରାନର ଫାଜେଲ ଅତ୍ରାଚଲି ଓ ମହମ୍ମଦ୍ରେଜା ଶାଦଲୋଉଇ ଏବଂ ମନିନ୍ଦର ସିଂ ଓ ପ୍ରଦୀପ ନରୱାଲଙ୍କ ଭଳି ଅଭିଜ୍ଞ ଖେଳାଳି ମଧ୍ୟ ନିଲାମୀରେ ସାମିଲ ହେବେ । ନିଲାମୀରେ ଖେଳାଳିମାନଙ୍କୁ ଏ (୩୦ ଲକ୍ଷ ଟଙ୍କା), ବି (୨୦ ଲକ୍ଷ), ସି (୧୩ ଲକ୍ଷ) ଓ ଡି ( ୯ ଲକ୍ଷ) ବର୍ଗରେ ବିଭକ୍ତ କରାଯାଇଛି । ପୁଣି ପ୍ରତ୍ୟେକ ବର୍ଗରେ ଖେଳାଳିମାନଙ୍କୁ ଅଲରାଉଣ୍ଡର୍ସ, ଡିଫେଣ୍ଡର୍ସ ଓ ରାଇଡର୍ସରେ ବିଭକ୍ତ କରାଯିବ । ନିଲାମୀ ପାଇଁ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ପାଇଁ ୫ କୋଟି ଟଙ୍କାର ପର୍ସ ରଖାଯାଇଛି ।

## କ୍ରିଷ୍ଟାଲ ପ୍ୟାଲେସ୍ ପ୍ରଥମଥର ଫା କପ୍ ଚାମ୍ପିଅନ



ୱେମ୍ବ୍ଲି,୧୮ ।୫(ଏଜେନ୍ସି): ଇଂଲିଶ ଫୁଟବଲ ପ୍ରଣାଳୀର ସର୍ବଶ୍ରେଷ୍ଠ ନକ୍‌ଆଉଟ୍ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଥିବା ଫା କପ୍‌ରେ ଏଥର କ୍ରିଷ୍ଟାଲ ପ୍ୟାଲେସ୍ ବାଜି ମାରିଛି । ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ୱିମ୍ବ୍ଲି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟାଲ ପ୍ୟାଲେସ୍ ୧-୦ ଗୋଲରେ ଅନ୍ୟତମ ଫେବରାଇଟ ତଥା ହାଇପ୍ରୋଫାଇଲ କ୍ଲବ ମାଞ୍ଚେଷ୍ଟର ସିଟିକୁ ନାଟକୀୟ ଢ଼ଙ୍ଗରେ ପରାସ୍ତ କରି ପ୍ରଥମଥର ପାଇଁ ଫା କପ୍ ଟାଇଟଲ ହାସଲ କରିଛି । ଏଥିସହ କ୍ରିଷ୍ଟାଲ ପ୍ରଥମଥର ପାଇଁ କୌଣସି ମେଜର ଟ୍ରଫି ଜିତିବାର ସ୍ୱାଦ ଚାଖିଛି । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟାଲ ତରଫରୁ ୧୬ତମ ମିନିଟ୍‌ରେ ଏବେରେଚି ଏଜ୍ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ । ମ୍ୟାଚ୍ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟଦେବୀ ସହାୟ ହୋଇ ନଥିଲେ । ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ସିଟି ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନଥିଲା ।

■ ରାଜ୍ୟ ଓପନ ସ୍କୁଲ ଚେସ୍ ଚାମ୍ପିଅନସିପ୍

## ଆଦିତ୍ୟ ଚାମ୍ପିଅନ, ସତ୍ୟମ୍ ରନର୍ସଅପ୍



ଭୁବନେଶ୍ୱର, ୧୮।୫ (ସମିସ): ଆୟୋଜକ କଳିଙ୍ଗ ନଗର ଡିଏଭି ସ୍କୁଲ୍‌ର ଆଦିତ୍ୟ ଜେନା ୨୪ତମ ରାଜ୍ୟ ଓପନ ସ୍କୁଲ୍ ଚେସ୍ ଚାମ୍ପିଅନ ହୋଇଛନ୍ତି । କଳିଙ୍ଗ ନଗର ଡିଏଭି ସ୍କୁଲ୍ ଆନୁକୂଲ୍ୟରେ ଓ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆଦିତ୍ୟ ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । କିନ୍ତୁ ଟାଇବ୍ରେକରରେ ଆଦିତ୍ୟ ଚାମ୍ପିଅନ ହୋଇଥିଲାବେଳେ ସତ୍ୟମ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ । ଏମାନଙ୍କ ପଛକୁ ଆଉ ୩ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ବିଜେଇଏମ୍ ସ୍କୁଲ୍-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ସାଇ ସିଦ୍ଧାର୍ଥ ଚତୁର୍ଥ ଓ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସୋମନାଥ ପ୍ରଧାନ ୫ମ ସ୍ଥାନ ଅଧିକାର କରିଥିଲେ । ଖେଳ ଶେଷରେ ଶ୍ରୀମତୀ ଶର୍ମିଳା ଦାଶ, ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ପୂର୍ବରୁ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଅଧ୍ୟକ୍ଷ ବଳରାମ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

ବିଶ୍ୱ ସ୍କ୍ୱାଶ୍ ଚାମ୍ପିଅନସିପ୍


## ଏଲ୍ ଶେରବିନିଙ୍କୁ ୮ମ, ଆସଲଙ୍କୁ ପ୍ରଥମ ଟାଇଟଲ

ସିକାଗୋ,୧୮।୫ (ଏଜେନ୍ସି): ଇଜିପ୍ଟର ଦୁଇ ତାରକା ଖେଳାଳି ନୁର ଏଲ ଶେରବିନି ଓ ମୋସ୍ତାଫା ଆସଲ ବିଶ୍ୱ ସ୍କ୍ୱାଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଏଠାରେ ଶନିବାର ରାତିରେ ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନ ହେବା ଫଳରେ ମହିଳା ବିଭାଗରେ ଏଲ ଶେରବିନି ୮ମ ଓ ଆସଲ ପ୍ରଥମ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି । ମହିଳା ବିଭାଗରେ କ୍ରମାଗତ ୧୦ମ ଫାଇନାଲ ଖେଳୁଥିବା ୨୯ ବର୍ଷିୟା ଏଲ ଶେରବିନି ଫାଇନାଲରେ ବିଶ୍ୱର ନଂ-୩ ଖେଳାଳି ତଥା ନିଜ ଦେଶର ହାନିଆ ଏଲ୍ ହାମାମିଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରି ୮ମ ଟାଇଟଲ ବିଜୟୀ ହୋଇଛନ୍ତି । ଏହା ଫଳରେ ସେ ନିକୋଲ ଡେଭିଡ୍‌ଙ୍କ ୮ମ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ସହ ସମକକ୍ଷ ହୋଇପାରିଛନ୍ତି । ‘ସମସ୍ତେ ନିକୋଲଙ୍କ ରେକର୍ଡ ସମ୍ପର୍କରେ କହନ୍ତି । ମୁଁ ସେତେବାଟ ଯାଇପାରିବି ବୋଲି ସ୍ୱପ୍ନରେ କେବେ ଭାବି ନ ଥିଲି । ଏବେ ତାଙ୍କ ରେକର୍ଡ ଟାଇଟଲ ସହ ସମକକ୍ଷ ହୋଇଛି ବୋଲି ବିଶ୍ୱାସ କରିହେଉନାହିଁ । ଏହି ସଫଳତାକୁ ମୁଁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ’ ବୋଲି ବିଶ୍ୱର ନଂ-୨ ଖେଳାଳି ଏଲ ଶେରବିନି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।




ପୁରୁଷ ବିଭାଗ ଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ଆସଲ ୩-୦ରେ ଏକତରଫା ଭାବେ ବିଶ୍ୱର ନଂ-୨ ଖେଳାଳି ଅଲି ଫରଗଙ୍କୁ ପରାସ୍ତ କରିଥିଲେ । ୨୪ ବର୍ଷୀୟ ଆସଲଙ୍କର ଏହା ପ୍ରଥମ ବିଶ୍ୱ ଟାଇଟଲ । ଏଠାରେ ଚାମ୍ପିଅନ ହେବା ପରେ ସେ ଉଭୟ ପିଏସ୍‌ଏ ୱାର୍ଲ୍ଡ ଚାମ୍ପିଅନସିପ୍ ଓ ବ୍ରିଟିଶ ଓପନ ଟାଇଟଲ ସହ ନଂ-୧ ପୋଜିସନ ବଜାୟ ରଖିଛନ୍ତି । ପୂର୍ବରୁ ୪ଥରର ବିଶ୍ୱ ଚାମ୍ପିଅନ ଫରଗ ଏହି ସଫଳତା ପାଇଥିଲେ । ଏଠାରେ ଯଦି ଆସଲ ପରାଜିତ ହୋଇଥାନ୍ତେ, ତେବେ ସେ ବିଶ୍ୱର ନଂ-୧ ମାନ୍ୟତା ହରାଇଥାନ୍ତେ । ଏହି ପ୍ରତିଯୋଗିତାରେ ଭାରତରୁ ୬ଜଣ ଖେଳାଳି ଭାଗନେଇଥିଲେ । କିନ୍ତୁ ଜଣେ ହେଲେ ଖେଳାଳି ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିବାରେ ସମର୍ଥ ହୋଇପାରି ନ ଥିଲେ ।।

## କୋଭିଡ୍ ଲାଗି ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ଖେଳିବେନି ହେଡ୍



ଲକ୍ଷ୍ନୌ, ୧୮ ।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୬୧ତମ ମ୍ୟାଚରେ ସୋମବାର ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ପରସ୍ପର ସାମ୍ନାସାମ୍ନି ହେବେ । ତେବେ ହାଇଦରାବାଦ୍‌ର ଦୁର୍ଦ୍ଧର୍ଷ ବ୍ୟାଟର୍ ଟ୍ରାଭିସ୍ ହେଡ୍ କୋଭିଡ୍-୧୯ର ଆକ୍ରାନ୍ତ ହୋଇଥିବାରୁ ଏହି ମ୍ୟାଚ୍ ଖେଳିବେ ନାହିଁ। ରବିବାର ସାମ୍ବାଦିକ ସମ୍ମିଳନୀରେ ହାଇଦରାବାଦ୍‌ର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ୍ ଭିଟ୍ଟୋରୀ ଏହି ସୂଚନା ଦେଇଛନ୍ତି। ସନରାଇଜର୍ସର ପରବର୍ତ୍ତୀ ମ୍ୟାଚ୍‌ବେଳକୁ ସେ ସୁସ୍ଥ ହୋଇଯାଇଥିବେ ବୋଲି ଭିଟ୍ଟୋରୀ ଆଶାବାଦୀ ରହିଛନ୍ତି । ହେଡ୍ ଚଳିତ ଆଇପିଏଲ୍‌ରେ ୧୧ ମ୍ୟାଚ୍ ଖେଳି ୨୮.୧୦ ହାରରେ ୨୮୧ ରନ ସଂଗ୍ରହ କରିଛନ୍ତି । ହାଇଦରାବାଦ୍ ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ବିପକ୍ଷ ମ୍ୟାଚକୁ ମିଶାଇ ୩ଟି ମ୍ୟାଚ୍ ଖେଳିବାର ବାକି ରହିଛି ।

## ଭର୍ଷ୍ଟାପେନଙ୍କୁ ରେକର୍ଡ ଟାଇଟଲ୍

ଇମୋଲା (ଇଟାଲୀ), ୧୮ ।୫ (ଏଜେନ୍ସି): ରେଡ୍ ବୁଲ୍ସ ଚାଳକ ମାକ୍ସ ଭର୍ଷ୍ଟାପେନ ରବିବାର ଏଠାରେ ଅନୁଷ୍ଠିତ ଇମିଲିଆ-ରୋମାଗାନା ଗ୍ରାଁପ୍ରି ଫର୍ମୁଲା ୱାନ ରେସ୍‌ରେ ଚାମ୍ପିଅନ ହୋଇଛନ୍ତି । ୩୦୯.୦୪୯ କିମି ବିଶିଷ୍ଟ ଏହି ରେସକୁ ଭର୍ଷ୍ଟାପେନ ୧ ଘଣ୍ଟା ୩୧ ମିନିଟ୍ ୩୩.୧୯୯ ସେକେଣ୍ଡ ସମୟ ନେଇ ଫିନିସ୍ କରିବା ସହ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ରେଡ୍ ବୁଲ୍ସର ଭର୍ଷ୍ଟାପେନ ଏଠାରେ କ୍ରମାଗତ ୪ର୍ଥ ବର୍ଷ ଲାଗି ଚାମ୍ପିଅନ ହୋଇ ଇତିହାସ ରଚିଛନ୍ତି। ଏଥିପୂର୍ବରୁ ସେ ୨୦୨୧, ୨୦୨୨, ୨୦୨୪ରେ ଏଠାରେ ଟାଇଟଲ୍ ଜିତିଥିଲେ।



ବନ୍ୟା ଲାଗି ୨୦୨୩ ସିଜନରେ ଏଠାରେ ରେସ୍ ଅନୁଷ୍ଠିତ ହୋଇ ନ ଥିଲା। ଅପରପକ୍ଷରେ ରବିବାର ଏହି ରେସ୍‌ରେ ପୋଲ୍ ପୋଜିସନରୁ ଆରମ୍ଭ କରିଥିବା ମ୍ୟାକ୍‌ଲରେନର ଚାଳକ ଓସ୍କାର ପିଆଷ୍ଟ୍ରି ୧୨.୯୫୬ ସେକେଣ୍ଡ ଅଧିକ ସମୟ ନେଇ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ମ୍ୟାକ୍‌ଲରେନର ଅନ୍ୟତମ ଚାଳକ ଲାଣ୍ଡୋ ନୋରିସ (+୬.୧୦୯ ସେକେଣ୍ଡ) ପ୍ରଥମ ରନର୍ସଅପ୍ ରହିଥିଲେ।

## ସାଫ୍ ଫୁଟବଲ: ଭାରତ ଚାମ୍ପିଅନ

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି): ୧୯ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିଅନସିପ୍‌ରେ ଭାରତ ଏଥର ଚାମ୍ପିଅନ ହୋଇଛି। ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବୁଲି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବାଂଲାଦେଶକୁ ୪-୩ ଗୋଲରେ ପରାସ୍ତ କରି ଟାଇଟଲ ହାସଲ କରିଛି। ଏହାପୂର୍ବରୁ ଭାରତ ଶ୍ରୀଲଙ୍କାକୁ ୮-୦, ନେପାଳକୁ ୪-୦ ଓ ସେମିଫାଇନାଲରେ ମାଳଦୀପକୁ ୩-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଦ୍ୱିତୀୟ ମିନିଟ୍‌ରେ ଭାରତ ପାଇଁ ଅଧିନାୟକ ସିଙ୍ଗାମାୟୁମ ସାମି ଗୋଲ ସ୍କୋର କରିଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ବାଂଲାଦେଶର ମହମ୍ମଦ ଜୟ ଅହମ୍ମଦ ୬୧ତମ ମିନିଟ୍‌ରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ୨୦୨୩ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା।

## ଓଡ଼ିଶାର ଶ୍ରୀଲଙ୍କା ଗସ୍ତ ଶେଷ

କଟକ,୧୮ ।୫(ସମିସ): ଅଭ୍ୟାସ ସିରିଜ ଖେଳିବା ନିମନ୍ତେ ଓଡ଼ିଶା ବରିଷ୍ଠ ପୁରୁଷ କ୍ରିକେଟ ଦଳ ଗତ ମାସ ୨୮ରେ ଶ୍ରୀଲଙ୍କା ଗସ୍ତ କରିଥିଲା। ସମସ୍ତ ମ୍ୟାଚ୍ ଶେଷ ହୋଇଥିବାବେଳେ ଦଳ ୨୧ ତାରିଖରେ ପ୍ରତ୍ୟାବର୍ତ୍ତନ କରିବ। ରବିବାର ଖେଳାଯିବାକୁ ଥିବା ୩ୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ୩ ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରଜ୍‌ରେ ଓଡ଼ିଶା ପ୍ରଥମ ଦୁଇଟି ଯାକ ମ୍ୟାଚ୍ ଜିତି ପୂର୍ବରୁ ସିରଜ କବଜା କରି ସାରିଛି। ସେହିପରି ଓଡ଼ିଶା ଏକ୍ସପୋଜର ଏବଂ ଶ୍ରୀଲଙ୍କା ଏମର୍ଜିଂ ଦଳ ଭିତରେ ୪ଟି ତ୍ରିଦିବସୀୟ ମ୍ୟାଚ୍ ଖେଳାଯାଇଥିଲା। ଏଥିରୁ ଗୋଟିଏ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀ କରିଥିବା ବେଳେ ଶ୍ରୀଲଙ୍କା ଦଳ ୩ଟି ମ୍ୟାଚ୍‌ରେ ଇନିଂସ ଆଗୁଆ ରହିଥିଲା।

**ଆଇପିଏଲ-୧୮ | ଶୁବମନ ଗିଲ, ସାଇ ସୁଦର୍ଶନଙ୍କ ବିସ୍ଫୋରକ ବ୍ୟାଟିଂ**

# ପ୍ଲେ ଅଫ୍‌ରେ ଗୁଜରାଟ, ବେଙ୍ଗାଲୁରୁ ଓ ପଞ୍ଜାବ



ନୂଆଦିଲ୍ଲୀ,୧୮ ।୫ (ଏଜେନ୍ସି)

ଅଧିନାୟକ ଶୁବମନ ଗିଲ (୫୩ ବଲରେ ୯୩* ରନ୍) ଓ ସାଇ ସୁଦର୍ଶନ (୬୦ ବଲରେ ୧୦୨*)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୬୦ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୧୦ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ଗୁଜରାଟ ଦ୍ୱାଦଶ ଲିଗ୍ ମ୍ୟାଚ୍‌ରୁ ୯ମ ବିଜୟ ସହ ୧୮ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିଛି । ଏହି ବିଜୟ ପରେ ମଧ୍ୟ ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିବା ବେଙ୍ଗାଲୁରୁ ଓ ପଞ୍ଜାବ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି । ୧୪ ପଏଣ୍ଟ ସହ ମୁମ୍ବାଇ ଚତୁର୍ଥ ସ୍ଥାନରେ ଥିଲାବେଳେ ଦ୍ୱାଦଶ ମ୍ୟାଚ୍‌ରୁ ୫ମ ପରାଜୟ ହାସଲ କରି ଦିଲ୍ଲୀ ପଞ୍ଚମ ସ୍ଥାନରେ ରହିଛି। ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ପ୍ଲେ ଅଫ୍‌କୁ ଯିବ।

ଏହି ମ୍ୟାଚ୍‌ରେ ୧୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସର ଦୁଇ ଓପନର ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ପ୍ରତିପକ୍ଷ ଦିଲ୍ଲୀ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଏହି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଏହା ଫଳରେ ଦଳ ୧୯ତମ ଓଭରରେ କୌଣସି ୱିକେଟ ନ ହରାଇ ଦିଲ୍ଲୀକୁ ୧୦ ୱିକେଟରେ ପରାସ୍ତ କରିଥିଲା। ଏହା ଫଳରେ ଆଇପିଏଲ୍‌ରେ ପ୍ରଥମ ମ୍ୟାଚ୍‌ରେ ୨୦୦ ରନ୍‌କୁ ଚେଜ୍ କରି ୧୦ ୱିକେଟ ଜିତିବାରେ ଦିଲ୍ଲୀ ରେକର୍ଡ କରିଛି। ୧୯ତମ ଓଭରର ଶେଷ ବଲ୍‌ରେ ବିପରାଜ ନିଗମଙ୍କୁ ଛକା ମାରି ଦଳକୁ ଜିତାଇବା ବେଳକୁ ସାଇ ସୁଦର୍ଶନ ୧୦୮ ଓ ଗିଲ ୯୩ ରନ୍‌ରେ ଅପରାଜିତ ରହିଥିଲେ। ଆଇପିଏଲ୍‌ରେ ସୁଦର୍ଶନଙ୍କ କ୍ୟାରିୟରରେ ଏହା ଦ୍ୱିତୀୟ ତଥା ସମସ୍ତ ଆଇପିଏଲ୍‌ରେ ଏହା ୧୦୦ତମ ଶତକ। ସୁଦର୍ଶନ ମାତ୍ର ୬୧ ବଲ୍‌ରୁ ୧୨ ଚୌକା ଓ ୪ ଛକା ସହାୟତାରେ ୧୦୮ ଓ ଗିଲ୍ ୫୩ ବଲ୍‌ରୁ ୩ ଚୌକା ଓ ୭ ଛକା ସହାୟତାରେ ୯୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

### ରାହୁଲଙ୍କ ଦମ୍‌ଦାର ଶତକ ବ୍ୟର୍ଥ

ଏହି ମ୍ୟାଚ୍‌ରେ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା। ଦଳ ଚତୁର୍ଥ ଓଭରରେ ୧୬ ରନ୍ କରିଥିଲାବେଳେ ଫାଫ୍ ଡୁ ପ୍ଲେସିସ୍ ୫ ରନ୍‌ରେ ଅର୍ସାଦ୍ ଖାନ୍‌ଙ୍କ ଶିକାର ହୋଇଥିଲେ। ଏହା ପରେ ଲୋକେଶ ରାହୁଲ ଦିଲ୍ଲୀ ଇନିଂସ ସମ୍ଭାଳିଥିଲେ। ସେ ଅଭିଷେକ ପୋରେଲ ଦ୍ୱିତୀୟ ୱିକେଟରେ ୫୨ ବଲ୍‌ରୁ ୯୦, ଅକ୍ଷର ପଟେଲଙ୍କ ସହ ତୃତୀୟ ୱିକେଟରୁ ୨୬ ବଲ୍‌ରେ ୪୫ ଓ ଅବିଭକ୍ତ ଚତୁର୍ଥ ୱିକେଟରେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ୨୨ ବଲରୁ ୪୮ ରନ୍ ଉଠାଇ ଦଳକୁ ଏକ ଡିଫେଣ୍ଡେବଲ ସ୍କୋର ଦେଇଥିଲେ। ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୯୯ ରନ୍ କରିଥିଲା। ରାହୁଲ ତାଙ୍କ ଆଇପିଏଲ୍ କ୍ୟାରିୟରରେ ପଞ୍ଚମ, ସମସ୍ତ ପ୍ରକାର ଟି-୨୦ କ୍ୟାରିୟରରେ ୭ମ ଶତକ ହାସଲ କରିଥିଲେ। ସେ ମୋଟ ୬୫ ବଲ୍ ଖେଳି ୧୪ ଚୌକା ଓ ୪ ଛକା ସହାୟତାରେ ୧୧୨ ରନ୍ କରି ଅପରାଜିତ ରହିଥିଲେ। ଏହା ସହ ଚଳିତ ଆଇପିଏଲ୍‌ରେ ସେ ପ୍ରଥମ ଡାହାଣହାତୀ ବ୍ୟାଟର ଭାବେ ଶତକ ଓ ଗୁଜରାଟ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ। ପୋରେଲ ୧୯ ବଲ୍‌ରୁ ୩୦, ଅକ୍ଷର ପଟେଲ ୧୬ ବଲ୍‌ରୁ ୨୫ ଓ ଷ୍ଟବ୍ସ ୧୦ ବଲ୍‌ରୁ ଅପରାଜିତ ୨୧ ରନ୍ କରି ରାହୁଲଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଗୁଜରାଟ ପକ୍ଷରୁ ଅର୍ସାଦ୍ ଖାନ୍, ପ୍ରସିଦ୍ଧ କ୍ରିଷ୍ଣା ଓ ସାଇ କିଶୋର ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅର୍ସାଦ୍ ୨ ଓଭରରେ ମାତ୍ର ୭ ରନ୍ ଦେଇଥିଲେ।

**ଆଇପିଏଲ୍‌ରେ ଆଜି**
**ଲକ୍ଷ୍ନୌ ବନାମ ହାଇଦରାବାଦ୍**
ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ହାଇଦରାବାଦ୍ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

## ରାହୁଲଙ୍କ ୫ମ ଶତକ

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି): ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଲୋକେଶ ରାହୁଲ ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ୬୫ ବଲରୁ ୧୧୨ ରନର ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳିଛନ୍ତି। ଆଇପିଏଲ୍ ଇତିହାସରେ ଏହା ତାଙ୍କର ୫ମ ଶତକୀୟ ପାଳିଥିଲା। ସେହିଭଳି ଆଇପିଏଲ୍‌ରେ ୩ଟି ଭିନ୍ନ ଭିନ୍ନ ଦଳ ପକ୍ଷରୁ ଖେଳି ଶତକ ହାସଲ କରିବାରେ ସେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ଏଥିପୂର୍ବରୁ ସେ ପଞ୍ଜାବ କିଙ୍ଗ୍ସ (୨୦୧୯ ଓ ୨୦୨୦) ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ (୨୦୨୨) ପକ୍ଷରୁ ଖେଳୁଥିବାବେଳେ ଶତକ ହାସଲ କରିଥିଲେ। ଆଇପିଏଲ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ବିରାଟ କୋହଲି (୮ଟି), ଜୋଶ ବଟଲର୍ (୭), କ୍ରିସ୍ ଗେଲ୍ (୬)ଙ୍କ ପଛକୁ ସେ ୪ର୍ଥ ସ୍ଥାନରେ ରହିଛନ୍ତି । ସେହିଭଳି ଓଭରଅଲ୍ ଟି-୨୦ରେ ରାହୁଲଙ୍କ ଏହା ୭ମ ଶତକ ଥିଲା। ଅପରପକ୍ଷରେ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୮ ହଜାର ରନ ପୂରଣ କରିବାରେ ରାହୁଲ ଦ୍ରୁତତମ ବ୍ୟାଟର୍ ହୋଇଛନ୍ତି। ରାହୁଲ ୨୨୪ତମ ପାଳିରୁ ୮ ହଜାର ରନ ପୂରଣ କରିଛନ୍ତି। ଏହିକ୍ରମରେ ସେ କୋହଲି (୨୪୩ ପାଳି)ଙ୍କୁ ପଛରେ ପକାଇଦେଇଛନ୍ତି। ଟି-୨୦ କ୍ରିକେଟ୍‌ରେ ଭାରତୀୟ ଭାବେ ସର୍ବାଧିକ ଶତକ ଅର୍ଜନ କରିବାର ରେକର୍ଡ ମଧ୍ୟ କୋହଲିଙ୍କ ନାମରେ ରହିଛି। ଏହି ତାଲିକାରେ ୯ ଶତକ ସହ କୋହଲି ଶୀର୍ଷରେ ରହିଛନ୍ତି। ରୋହିତ ଶର୍ମା ୮ଟି ଏବଂ ଅଭିଷେକ ଶର୍ମା ଓ ରାହୁଲ ୭ଟି ଲେଖାଏ ଶତକ କରିଛନ୍ତି।

**ସୂର୍ଯ୍ୟବଂଶୀ, ଜୟସ୍ୱାଲଙ୍କ ବିସ୍ଫୋରକ ବ୍ୟାଟିଂ ବ୍ୟର୍ଥ**

# ପଞ୍ଜାବ କିଙ୍ଗ୍‌ସର ଅଷ୍ଟମ ବିଜୟ



ଜୟପୁର,୧୮ ।୫ (ଏଜେନ୍ସି): ହରପ୍ରୀତ୍ ବ୍ରାର୍‌ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୫୯ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୧୦ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ଦ୍ୱାଦଶ ମ୍ୟାଚ୍‌ରୁ ୮ମ ବିଜୟ ସହ ପଞ୍ଜାବ ୧୭ ପଏଣ୍ଟ ପାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ସମକକ୍ଷ ହୋଇଛି। ଏହି ବିଜୟ ପରେ ପଞ୍ଜାବ ଦୀର୍ଘ ୧୧ ବର୍ଷ ପରେ ପ୍ଲେ ଅଫ ଖେଳିବା ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ରେ ପଞ୍ଜାବର ଯୁବ ଖେଳାଳି ନେହାଲ ୱାଧେରା ୩୭ ବଲ୍‌ରେ ୭୦ ଓ ବରିଷ୍ଠ ଖେଳାଳି ଶଶାଙ୍କ ସିଂ ୩୦ ବଲ୍‌ରେ ଅପରାଜିତ ୫୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍‌ସ ୫ ୱିକେଟରେ ୨୧୯ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ୫ ଓଭରରେ ୭୬ ରନ୍ ଉଠାଇଥିଲେ ମଧ୍ୟ ରାଜସ୍ଥାନ ରୟାଲ୍ସ ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୨୦୯ ରନ୍ କରିଥିଲା। ଏହା ଫଳରେ ଦଳ ୧୦ ରନ୍‌ରେ ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ସମସ୍ତ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲାବେଳେ ପଞ୍ଜାବର ବାମହାତୀ ସ୍ପିନର ହରପ୍ରୀତ୍ ବ୍ରାର ୪ ଓଭରରେ ୨୨ ରନ୍ ଦେଇ ସୂର୍ଯ୍ୟବଂଶୀ, ଜୟସ୍ୱାଲ ଓ ରିୟାନ ପରାଗଙ୍କ ୱିକେଟ ଅକ୍ତିଆର କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ବିଜୟ ହାସଲ କରିଛି ସତ, କିନ୍ତୁ ରାଜସ୍ଥାନର ଦୁଇ ଯୁବ ଖେଳାଳି ଦର୍ଶକଙ୍କ ମନ ମୋହିଥିଲେ। ୨୧୯ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନର ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୫ ଓଭରରେ ୭୬ ରନ୍ ଉଠାଇ ଧମାକାଦାର ଆରମ୍ଭ ଦେଇଥିଲେ। କିନ୍ତୁ ୧୫ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୪୦ ରନ୍ କରି ସୂର୍ଯ୍ୟବଂଶୀ ଆଉଟ ହେବା ପରେ ରାଜସ୍ଥାନ ନିୟମିତ ବ୍ୟବଧାନରେ ୱିକେଟ ହରାଇଥିଲା। ତାଙ୍କ ପରେ ୨୫ ବଲ୍‌ରୁ ୯ ଚୌକା ଓ ୧ଛକା ସହ ୫୦ ରନ୍ କରି ଯଶସ୍ୱୀ ଆଉଟ ହୋଇଥିଲେ। ଦୁଇ ଓପନରଙ୍କୁ ବ୍ରାର୍ ଆଉଟ କରିଥିଲେ। ଏହା ପରେ ସେ ଅନ୍ୟତମ ଯୁବ ଖେଳାଳି ରିୟାନ ପରାଗ (୧୩)ଙ୍କୁ ବୋଲ୍ଡ କରି ରାଜସ୍ଥାନ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଅଧିନାୟକ ସଞ୍ଜୁ ସାମସନ (୨୦) ଆଉଟ ହେବା ପରେ କେବଳ ଧ୍ରୁବ ଜୁରେଲ ଲଢୁଆ ବ୍ୟାଟିଂ କରି ୩୧ ବଲ୍‌ରୁ ୫୩ ରନ୍ କରିଥିଲେ। କିନ୍ତୁ ଏହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା। ମାର୍କୋ ଜାନସେନ ଓ ଆଜମତୁଲ୍ଲା ଓମରଜାଇ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପଞ୍ଜାବ ୩୪ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଯୁବ ଖେଳାଳି ନେହାଲ ୱାଧେରା ୩୭ ବଲ୍‌ରୁ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୦ ଏବଂ ଶଶାଙ୍କ ସିଂ ୩୦ ବଲ୍‌ରୁ ୫ ଚୌକା ଓ ୩ଛକା ସହ ଅପରାଜିତ ୫୯ ରନ୍ କରିବା ଫଳରେ ଦଳ ଏକ ବଡ ସ୍କୋର କରିଥିଲା। ଶେଷରେ ଓମରଜାଇ ୯ ବଲ୍‌ରୁ ୨୧ ରନ୍ କରିବା ଫଳରେ ଦଳ ଏଠାରେ ସର୍ବାଧିକ ସ୍କୋର ୫/୨୧୭ ରନ୍ କରିବାକୁ ସମର୍ଥ ହୋଇଥିଲା। ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ଅନ୍ୟ ସମସ୍ତ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।

**୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ**

# ଦିଲ୍ଲୀପଙ୍କୁ ୭ ୱିକେଟ; ପୀୟୂଷଙ୍କ ଶତକ

କଟକ,୧୮ ।୫(ସମିସ)



ଦିଲ୍ଲୀପ ବିଶୋୟୀ



ପୀୟୂଷ ଯାଦବ



ଅବିନାଶ ମହନ୍ତ



ଓମ୍ ସକୁନିଆ

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନବରଙ୍ଗପୁର ୯୭ ରନରେ ବୌଦ୍ଧକୁ ପରାସ୍ତ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ନବରଙ୍ଗପୁର ୧୭୩ ରନରେ ଅଲଆଉଟ ହୋଇଥିଲା। ଶୁଭମ ନାୟକ ଅପରାଜିତ ୪୬ ଏବଂ ଦିଲ୍ଲୀପ ବିଶୋୟୀ ୨୮ ବଲରୁ ୩୯ ରନର ଦ୍ରୁତ ପାଳି ଖେଳିଥିଲେ। ବୌଦ୍ଧ ତରଫରୁ ଯୋଗେଶ ରାଇଙ୍କୁ ୪ଟି ୱିକେଟ ମିଳିଥିଲା। ୧୭୪ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ବୌଦ୍ଧ ୭୬ ରନରେ ଅଲଆଉଟ ହୋଇଛି। ଦିଲ୍ଲୀପ ୩୧ରନ ବିନିମୟରେ ୭ଟି ୱିକେଟ ଅକ୍ତିଆର କରି ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଦିଲ୍ଲୀପଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ମ୍ୟାଚ୍‌ରେ ଝାରସୁଗୁଡାକୁ ବୃହତ୍ ବିଜୟ ମିଳିଛି। ୱାଇ ପୀୟୂଷଙ୍କ ୧୨୧ ରନ ସହାୟତାରେ ଝାରସୁଗୁଡା ୭ ୱିକେଟ ବିନିମୟରେ ୩୨୫ ରନ କରିଥିଲା। ସମ୍ବଲପୁରର ବିନୟ ରେଡ୍ଡୀ ଓ ସିଦ୍ଧେଶ୍ୱର ବେହେରା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ୨୩.୪ ଓଭରରେ ସମ୍ବଲପୁର ୭୭ ରନରେ ଅଲଆଉଟ ହୋଇଥିବାବେଳେ ଝାରସୁଗୁଡାର ଓମ ସାକୁନିଆ ୧୬ରନ ବ୍ୟୟ କରି ୫ ୱିକେଟ ଅକ୍ତିଆର କରିଥିଲେ। ଓମଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିଭଳି ଦେବଜ୍ୟୋତି ପଟ୍ଟନାୟକଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନୟାଗଡ ୬ ୱିକେଟରେ କିଟ୍‌କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସନସାଇନ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି କିଟ୍ ୧୨୬ ରନରେ ଅଲଆଉଟ ହୋଇଥିଲା। ଇଶାନରାଜ ମହାପାତ୍ର ୨୯ରନ କରିଥିଲେ। ନୟାଗଡର ଦେବଜ୍ୟୋତି ୪ଟି, ସାହିଲ ନାଏକ ୨ଟି ୱିକେଟ ଦଖଲ କରିଥିଲେ। ୧୬.୩ ଓଭରରେ ୪ ୱିକେଟ ହରାଇ ନୟାଗଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦେବଜ୍ୟୋତି ୨୬ବଲରୁ ୩୩ରନର ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡରେ ଯାଜପୁର ୮୬ ରନରେ ଭଦ୍ରକକୁ ପରାସ୍ତ କରିଥିଲା। ୩ ୱିକେଟ ହାସଲ କରିଥିବା ଯାଜପୁର ସୟଦ ହୋସେନ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ସୋନପୁର ୮୩ ରନରେ ରାୟଗଡାକୁ, ଭୁବନେଶ୍ୱର-ବି ୪ ୱିକେଟରେ ଖୋର୍ଦ୍ଧାକୁ ହରାଇଛି।

**■ ଇଂଲଣ୍ଡ ସିରିଜ ପୂର୍ବରୁ ପ୍ରସ୍ତୁତି**

## ୧୦ କେଜି ଓଜନ କମାଇଲେ ସର୍ଫରାଜ



ମୁମ୍ବଇ, ୧୮ ।୫ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଟର୍ ସର୍ଫରାଜ ଖାନ ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିଜର ଭାରି ଓଜନ ଲାଗି ଚର୍ଚ୍ଚାରେ ରହୁଥିବା ୨୭ ବର୍ଷୀୟ ସର୍ଫରାଜ ଇତିମଧ୍ୟରେ କଠିନ ଡାଏଟ୍ ପ୍ଲାନ କରି ୧୦ କେଜି ଓଜନ କମାଇଦେଇଥିବା ଜଣାପଡ଼ିଛି। ରିପୋର୍ଟରୁ ଜଣାପଡ଼ିଛି ଯେ, ସର୍ଫରାଜ ନିଜକୁ ଫିଟ୍ ରଖିବା ଲାଗି ତେଲରୁ ପ୍ରସ୍ତୁତ ଖାଦ୍ୟରୁ ଯଥାସମ୍ଭବ ଦୂରେଇ ରଖିଛନ୍ତି। ପ୍ରତ୍ୟେକ ଦିନ ସେ ସିଝା ପନିପରିବା (ସନ୍ତୁଳା) ସହ ସିଝା ଚିକେନ ଖାଉଛନ୍ତି। ସେହିଭଳି ବାପା ତଥା ଜଣାଶୁଣା ପ୍ରଶିକ୍ଷକ ନୌସାଦ ଖାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୁଇଓଳି ନେଟ୍ସରେ କଠିନ ଅଭ୍ୟାସ ଜାରି ରଖିଛନ୍ତି। ବିଶେଷ କରି ଅଫ୍-ଷ୍ଟମ୍ପ୍ ବାହାର ବଲ୍‌କୁ କେଉଁଭଳି ଖେଳାଯିବ ତାହା ଉପରେ ଧ୍ୟାନ ଦେଉଛନ୍ତି। ଇଂଲିଶ ପରିବେଶରେ ସୁଇଂ ବଲ୍‌କୁ ଯେଉଁ ବ୍ୟାଟର୍ ଠିକ୍ ଭାବେ ଖେଳିପାରିଥାଏ ସେ ସଫଳ ହୋଇଥାଏ।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଇଂଲଣ୍ଡ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିବା ଏହି ମୁମ୍ବଇ କ୍ରିକେଟର୍ ବର୍ତ୍ତମାନ ସୁଦ୍ଧା ୬ ମ୍ୟାଚରୁ ୩୭.୧୦ ହାରରେ ୩୭୧ ରନ ସଂଗ୍ରହ କରିଛନ୍ତି। ଆଇପିଏଲ୍ ସମାପ୍ତ ପରେ ଭାରତୀୟ ଦଳ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏଥିଲାଗି ଦଳ ଘୋଷଣା ମଧ୍ୟ ହୋଇନାହିଁ। କିନ୍ତୁ ଏଥିପୂର୍ବରୁ ଭାରତୀୟ-ଏ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ 'ଇଂଲଣ୍ଡ ଲାୟନ୍ସ' ବିପକ୍ଷରେ ୨ଟି ଟେଷ୍ଟ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ଘୋଷିତ ଭାରତୀୟ ଦଳରେ ସର୍ଫରାଜଙ୍କୁ ସୁଯୋଗ ମିଳିଛି। ନିକଟରେ ରୋହିତ୍ ଶର୍ମା ଓ ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ସର୍ଫରାଜଙ୍କ ନିକଟରେ ସୁଯୋଗ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS